بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 4

ସଂଖ୍ୟା 37-38

ସାପ୍ତାହିକ

ବଦର

Weekly BADAR Qadian Odia

କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

12-19 ସେପ୍ଟେମ୍ବର 2019 | 12-19 ତବୁକ 1398 ହି.ଶ | 12-19 ମୁହରମ୍ 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

اَلَّذِيْنَ يُنْفِقُوْنَ فِي السَّرَّآءِ وَالضَّرَّآءِ وَالْكٰظِمِيْنَ الْغَيْظَ وَالْعَافِيْنَ عَنِ النَّاسِ ۗ وَاللّٰهُ يُحِبُّ الْمُحْسِنِيْنَ ۝

(آل عمران:135)

ଅନୁବାଦ- ଯେଉଁ (ଧର୍ମ ନିଷ୍ଠ) ମାନେ ସ୍ୱଚ୍ଛଳ ଓ ଅଭାବଗ୍ରସ୍ତ ଥାଇ ମଧ୍ୟ (ଅଲ୍ଲାଃଙ୍କ) ଉଦ୍ଦେଶ୍ୟରେ ବ୍ୟୟ କରନ୍ତି ତଥା ନିଜର କ୍ରୋଧ ସମ୍ବରଣ କରନ୍ତି ଓ ଲୋକମାନଙ୍କୁ କ୍ଷମା କରନ୍ତି, ଅଲ୍ଲାଃ ଏପରି ହିତକାରୀମାନଙ୍କୁ ପ୍ରେମ କରନ୍ତି

*(ଆଲେ ଇମରାନ୍: ୧୩୫)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ପବିତ୍ର କୋରାନ୍‌ର କ୍ଷେତ୍ର ବହୁତ ବ୍ୟାପକ । ତାହା କୟାମତ୍ ପର୍ଯ୍ୟନ୍ତ ଏକ ଅପରିବର୍ତନୀୟ କାନୁନ ଏବଂ ପ୍ରତ୍ୟେକ ଜାତି ପାଇଁ ଓ ସର୍ବକାଳିନ ଅଟେ**

**ପବିତ୍ର କୋରାନ୍ ସମ୍ମୁଖରେ ସମସ୍ତେ ଥିଲେ ମାନବ ନା କୌଣସି ବିଶେଷ ଜାତି, ଦେଶ ଏବଂ ନା ଯୁଗ । ଯେବେ କି ଇଞ୍ଜିଲ୍ ସମ୍ମୁଖରେ ଏକ ବିଶେଷ ଜାତି ଥିଲା ତେଣୁ ମସିହ୍ ଆ:ସ ବାରମ୍ବାର ଏକଥା କହିଛନ୍ତି ଯେ ''ମୁଁ ଇସ୍‌ରାଇଲ୍‌ର ହଜି ଯାଇଥିବା ମେଣ୍ଢାଙ୍କୁ ଖୋଜିବା ପାଇଁ ଆସିଛି'' ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ଚମତ୍କାରର ଗୁଣ ସୌନ୍ଦର୍ଯ୍ୟ

ଚମତ୍କାରର ଗୁଣ ଓ କାରଣ ଏହା କି ସେ ପ୍ରତ୍ୟେକ କଥାକୁ ଦୃଷ୍ଟିଆଗରେ ରଖୁଥିବ । ଉଚ୍ଚ କୋଟିର ଭାଷା ସାହିତ୍ୟକୁ ମଧ୍ୟ ହାତଛଡ଼ା କରୁନଥିବ । ଏହି ଚମତ୍କାର ପବିତ୍ର କୋରାନ୍‌ରେ ହିଁ ରହିଛି ଯାହା ସୂର୍ଯ୍ୟ ପରି ଆଲୋକିତ ଯାହା ପ୍ରତି ପାର୍ଶ୍ୱରୁ ନିଜ ଭିତରେ ଚମତ୍କାର ଶକ୍ତି ରଖିଥାଏ, ଇଞ୍ଜିଲ ପରି ତୁଚ୍ଛା କଥା ନୁହେଁ ଯେ ''ଗୋଟିଏ ଗାଲରେ ଚାପୁଡ଼ା ଖାଇଲେ ଦ୍ୱିତୀୟଟି ଦେଖାଇଦିଅ'' । ଏଥିରେ ଧ୍ୟାନ ରଖାଯାଇ ନାହିଁ କି ଏହି ଶିକ୍ଷା ବୈଦ୍ଧିକ କାର୍ଯ୍ୟକ୍ଷମ ହେବାରେ କେତେ ଦୁର ସଠିକ୍ ଏବଂ ମନୁଷ୍ୟର ସ୍ୱଭାବକୁ କେତେ ମାତ୍ରାରେ ଦୃଷ୍ଟି ଦିଆଯାଇଛି ?

ଆ ମୁକାବିଲାରେ ପବିତ୍ର କୋରାନ୍‌ର ଶିକ୍ଷାକୁ ପଢ଼ିଲେ ଜଣାପଡ଼ିବ ଯେ ମନୁଷ୍ୟର ଭାବନା ଏପରି ପ୍ରତ୍ୟେକ ପାର୍ଶ୍ୱ ଉପରେ ସକ୍ଷମ ହୋଇପାରେ ନାହିଁ ଏବଂ ଏପରି ସଂମ୍ପୂର୍ଣ୍ଣ ଓ ନିର୍ଭୁଲ ଶିକ୍ଷା ଭୌତିକ ବୁଦ୍ଧି ଓ ଜ୍ଞାନର ଫଳ ନୁହେଁ । କଣ ଏହା ସମ୍ଭବ ଯେ ଏକ ହଜାର ଦରିଦ୍ର ଲୋକ ଆମ ସମ୍ମୁଖରେ ଥିବେ ଓ ଆମେ ଜଣେ ଦୁଇଜଣଙ୍କୁ କିଛି ଦେଇଦେବା ଓ ଅନ୍ୟ କାହା ପ୍ରତି ଧ୍ୟାନ ମଧ୍ୟ ନଦେବା । ସେହିପରି ଇଞ୍ଜିଲ ଗୋଟିଏ ପାର୍ଶ୍ୱରେ ପଡ଼ିଛି । ବାକି ପାର୍ଶ୍ୱ ଉପରେ ତାହାର ଧ୍ୟାନ ମଧ୍ୟ ନାହିଁ । ଆମେ ଇଞ୍ଜିଲ୍ ଉପରେ ଏ ଆରୋପ ଲଗାଉନାହୁଁ । ଏହା ଇହୁଦୀମାନଙ୍କ କର୍ମଫଳ । ସେମାନଙ୍କର ଯେମିତି ସାମର୍ଥ୍ୟ ଥିଲା ତା ମୁତାବକ ଇଞ୍ଜିଲ ଆସିଲା । ''ଯେଉଁଭଳିକା ଆତ୍ମା, ସେହିଭଳି ଦେବଦୁତ'' ଏଥିରେ କାହାର କଣ ଭୁଲ ଅଛି ?

### ଇଞ୍ଜିଲ୍‌ର ଶିକ୍ଷା ଏକ ବିଶେଷ ସମୟ ପାଇଁ ଥିଲା

ଏତଦ୍ ବ୍ୟତିତ ଇଞ୍ଜିଲର ଏକ ନିୟମ ରହିଛି, ତାହା ବିଶେଷ ସ୍ଥାନ, କାଳ ଏବଂ ବିଶେଷ ଜାତି ପାଇଁ (ଥିଲା) । ଯେମିତି ଇଂଗ୍ରେଜ ମଧ୍ୟ ବିଶେଷ ସ୍ଥାନ ଓ କାଳ ପାଇଁ କାନୁନ ଲାଗୁ କରୁଛନ୍ତି । ସମୟ ବିତିଯିବାପରେ ତାର କୌଣସି ପ୍ରଭାବ ରହେ ନାହିଁ । ସେହିପରି ଇଞ୍ଜିଲ ମଧ୍ୟ ଏକ ବିଶେଷ କାନୁନ ଅଟେ ସର୍ବସାଧାରଣ ନୁହେଁ । କିନ୍ତୁ ପବିତ୍ର କୋରାନ୍‌ର କ୍ଷେତ୍ର ବହୁତ ବ୍ୟାପକ । ତାହା କୟାମତ୍ ପର୍ଯ୍ୟନ୍ତ ଏକ ଅପରିବର୍ତନୀୟ କାନୁନ ଏବଂ ପ୍ରତ୍ୟେକ ଜାତି ପାଇଁ ଓ ସର୍ବକାଳିନ ଅଟେ । ସୁତରାଂ ଖୁଦାତାଲା କହୁଛନ୍ତି **ୱ ଇମ୍ ମିନ୍ ଶୈଇଇନ୍ ଇଲ୍ଲାଃ ଇନ୍‌ଦନା ଖଜାଇନୁହୁ : ୱମା ନୁନଜ୍ଜିଲୁହୁ ଇଲ୍ଲା ବିକଦରିମ୍ ମାଲୁମ୍** (ଅଲ୍‌ହିଜ୍‌ର:୨୨) ଅର୍ଥାତ ଆମେ ଆମ ଭଣ୍ଡାରରୁ ଏକ ନିର୍ଦ୍ଧାରିତ ପରିମାଣରେ ପ୍ରେରଣ କରିଥାଉଁ । ଇଞ୍ଜିଲ୍‌ର ଆବଶ୍ୟକତା ସିମିତ ଥିଲା ତେଣୁ ଇଞ୍ଜିଲ୍‌ର ସାରାଂଶ ଗୋଟିଏ ପୃଷ୍ଠାରେ ଆସିପାରେ ।

### ପବିତ୍ର କୋରାନ୍ ସବୁ ଯୁଗ ପାଇଁ ଉଦ୍ଦିଷ୍ଟ

କିନ୍ତୁ ପବିତ୍ର କୋରାନ୍‌ର ଆବଶ୍ୟକତା ସବୁ ଯୁଗର ସଂସ୍କାର ପାଇଁ ଥିଲା । ପାଶବିକ ଅବସ୍ଥାରୁ ମନୁଷ୍ୟ ସୃଷ୍ଟି କରିବା ଥିଲା ପବିତ୍ର କେରାନ୍‌ର ଉଦ୍ଦେଶ୍ୟ । ଏହି ଶବ୍ଦ ସଂକ୍ଷେପରେ ରହିଛି କିନ୍ତୁ ଏହାର ହଜାର ହଜାର ଶାଖା ଅଛନ୍ତି । ଯେହେତୁ ଉହୁଦୀ, ପ୍ରକୃତି ବିତ୍, ଅଗ୍ନିପୂଜକ ଏବଂ ବିଭିନ୍ନ ଜାତିରେ କୁପ୍ରଥା ପ୍ରଚଳନ ଥିଲା ତେଣୁ ଆଁ ହଜରତ ସ:ଆ:ସ ଅଲ୍ଲାଃଙ୍କଠାରୁ ନିର୍ଦ୍ଦେଶ ପାଇଁ ସମସ୍ତଙ୍କୁ ସମ୍ବୋଧନ କରି କହିଲେ: **କୁଲ୍ ୟା ଅୟୋହନ୍ ନାସୁ ଇନ୍ନି ରସୁଲୁଲ୍ଲାହି ଇଲୈକୁମ୍ ଯମିଆ** (ଆରାଫ଼ : ୧୫୯) ତେଣୁ ସମୟାନୁସାରେ ପ୍ରଚଳିତ ଥିବା ଶିକ୍ଷା ଗୁଡ଼ିକର ସମାହାର ପବିତ୍ର କରୋନ୍ ମଧ୍ୟରେ ଏକତ୍ରିତ ହେବା ଜରୁରୀ ଥିଲା ଏବଂ ଏହି ସମସ୍ତ ସତ୍ୟତାକୁ କୋରାନ୍ ତା ନିଜ ମଧ୍ୟରେ ଧରି ରଖିବାର ଥିଲା ଯାହା ଆକାଶରୁ ବିଭିନ୍ନ ସମୟରେ ବିଭିନ୍ନ ନବୀମାନଙ୍କ ମାଧ୍ୟମରେ ପୃଥିବୀବାସୀଙ୍କୁ ମିଳିଥିଲା । ପବିତ୍ର କୋରାନ୍ ସମ୍ମୁଖରେ ସମସ୍ତେ ଥିଲେ ମାନବ ନା କୌଣସି ବିଶେଷ ଜାତି, ଦେଶ ଏବଂ ନା ଯୁଗ । ଯେବେ କି ଇଞ୍ଜିଲ୍ ସମ୍ମୁଖରେ ଏକ ବିଶେଷ ଜାତି ଥିଲା ତେଣୁ ମସିହ୍ ଆ:ସ ବାରମ୍ବାର ଏକଥା କହିଛନ୍ତି ଯେ ''ମୁଁ ଇସ୍‌ରାଇଲ୍‌ର ହଜି ଯାଇଥିବା ମେଣ୍ଢାଙ୍କୁ ଖୋଜିବା ପାଇଁ ଆସିଛି'' ।

### ତୌରାତ୍ ପରେ ପବିତ୍ର କୋରାନ୍‌ର ଆବଶ୍ୟକତା

କିଛି ଲୋକ କହୁଛନ୍ତି ଯେ କୁର୍‌ଆନ୍ କଣ ଆଣିଛି ? (ଅର୍ଥାତ୍ କୋରାନ୍‌ର ନୂଆ ଶିକ୍ଷା କଣ ?) ! ତୌରାତ୍‌ରେ ଯାହା ଅଛି ତାହା ହିଁ ତ ଏଥିରେ ଅଛି । ଏହି ପ୍ରକାର ସଂକୀର୍ଣ୍ଣ ମନୋଭାବ କିଛି ଇସାଇମାନଙ୍କୁ କୋରାନ୍‌ର ଅନାବଶ୍ୟକତା ବିଷୟ ବସ୍ତୁ ଉପରେ ପତ୍ରିକା ଲେଖିବା ପାଇଁ ସାହାସ ଯୋଗାଇଛି । କାଳେ ସେ ସତ୍‌ଜ୍ଞାନ ଓ ବାସ୍ତବିକ ବିବେକ ରଖିଥାନ୍ତେ ଯଦ୍ୱାରା ପଥଭ୍ରଷ୍ଟ ହୋଇନଥାନ୍ତେ । ଏମିତି ଲୋକମାନେ କହୁଛନ୍ତି ଯେ ତୌରାତ୍‌ରେ ଲେଖାଯାଇଛି ଯେ ତୁମେ ବ୍ୟଭିଚାର କରନାହିଁ ସେହିପରି କୋରାନ୍‌ରେ ଲେଖାଯାଇଛି ଯେ ବ୍ୟଭିଚାର କରନାହିଁ । ପବିତ୍ର କୋରାନ୍ ଏକେଶ୍ୱରବାଦର ଶିକ୍ଷା ଦେଇଛି ଓ ତୌରାତ୍‌ରେ ମଧ୍ୟ ଏକ ଈଶ୍ୱରଙ୍କ ଉପାସନା ନିମନ୍ତେ ଶିକ୍ଷା ରହିଛି ,କିନ୍ତୁ ଫରକ କଣ ଅଛି ? ଏହି ପ୍ରଶ୍ନ ବାସ୍ତବରେ ବଡ଼ ଜଟିଳ । ଯଦି କୌଣସି ଅଜ୍ଞାନ ବ୍ୟକ୍ତିଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଏ ସେ ବ୍ୟତିବ୍ୟସ୍ତ ହୋଇଯାଏ । ଅସଲକଥା ହେଉଛି ଏହା କି ଏହି ପ୍ରକାରର ସୁକ୍ଷ୍ମ ଓ ଜଟିଳ ପ୍ରଶ୍ନର ସମାଧାନ ମଧ୍ୟ ଅଲ୍ଲାଃଙ୍କ କୃପା ଓ ଦୟା ବିନା ସମ୍ଭବ ନୁହେଁ । ଏହା ହିଁ ତ ପବିତ୍ର କୋରାନ୍‌ର ତତ୍ତ୍ୱଜ୍ଞାନ, ଯାହା ଉଚିତ ସମୟରେ ପ୍ରକାଶ ହୋଇଥାଏ । ପ୍ରକୃତ କଥା ହେଉଛି ଏହା କି ପବିତ୍ର କୋରାନ୍ ଏବଂ ତୌରାତ୍‌ରେ ସମାନତା ନିଶ୍ଚିତ ରୁପେ ରହିଛି ଏହା ଆମେ ଅସ୍ୱୀକାର କରୁନାହୁଁ କିନ୍ତୁ ତୌରାତ୍‌ରେ କେବଳ ଲେଖା ଅଛି, ଯାହା ସହିତ ଦଲିଲ, ଯୁକ୍ତିଯୁକ୍ତ ପ୍ରମାଣ ଏବଂ ବ୍ୟାଖ୍ୟା ନାହିଁ । କିନ୍ତୁ ପବିତ୍ର କୋରାନ୍ ବୁଦ୍ଧିସଂଗତ ତତ୍ତ୍ୱକୁ ଆପଣାଇଛି । ଏହା ଏଥିଯୋଗୁଁ କି ତୌରାତ୍ ସମୟରେ ମନୁଷ୍ୟର ଶକ୍ତି ଓ ସାମର୍ଥ୍ୟ ପାଶବିକ ଅବସ୍ଥାରେ ଥିଲା ତେଣୁ ପବିତ୍ର କୋରାନ୍ ଏପରି ଶୈଳିକୁ ଗ୍ରହଣ କଲା ଯାହା ଉପାସନାର ହିତକୁ ପରିପ୍ରକାଶ କରୁ ଅଛି ଓ ଏହା ବତାଇ ଦେଉଛି ଯେ ଉତମ ଚରିତ୍ରର ଲାଭ ହେଉଛି ଏହାସବୁ । ନା କେବଳ ଲାଭ ଓ ହିତ ସମ୍ବନ୍ଧରେ ବର୍ଣ୍ଣନା କରିଥାଏ ବରଂ ବୁଦ୍ଧିସଂଗତ ଦଲିଲ୍ ଓ ପ୍ରମାଣ ସହିତ ତାହାକୁ ଉପସ୍ଥାପନ କରିଥାଏ ଯଦ୍ୱାରା ସୁବୁଦ୍ଧି ସମ୍ପନ୍ନ ବ୍ୟକ୍ତିମାନଙ୍କୁ ଅସ୍ୱୀକାର କରିବା ନିମନ୍ତେ କୌଣସି ଅବସର / ସ୍ଥାନ ମିଳିବ ନାହିଁ । ଯେପରି ମୁଁ ଏବେ ବର୍ଣ୍ଣନା କରିସାରିଛି ଯେ ପବିତ୍ର କୋରାନ୍ (ଅବତୀର୍ଣ୍ଣ ହେବା) ସମୟରେ ସଭ୍ୟତାର ଉନ୍ନତି ହୋଇଯାଇଥିଲା ଯେବେକି ତୌରାତ୍ (ଅବତୀର୍ଣ୍ଣ ହେବା) ସମୟରେ ପାଶବିକ ସଭ୍ୟତା ଥିଲା । ଆଦମ୍ ଆ:ସଙ୍କ ଠାରୁ ଯୁଗ ଉନ୍ନତି ପଥରେ ଅଗ୍ରସର ଥିଲା ତାହା ପବିତ୍ର କୋରାନ୍ ସମୟରେ ଗୋଲାକାର ହୋଇ ସମ୍ପୁର୍ଣ୍ଣ ହେଲା । ହଦିସ୍‌ରେ ଆସୁଛି ଯୁଗ ଲମ୍ବା ହୋଇଗଲା । ଅଲ୍ଲାଃ ତାଲା କହୁଛନ୍ତି: **ମା କାନା ମୁହମ୍ମଦୁନ୍ ଅବା ଅହଦିମ୍ ମିର୍ ରିଜାଲିକୁମ୍ ୱଲା କିର୍ ରସୁଲଲ୍ଲାହି ୱ ଖାତମୁନ୍ ନବୀୟିନ୍** (ଅହଜାବ୍:୪୧)

ଆବଶ୍ୟକତା ହେଉଛି ନବୁଓ୍ୱତ୍‌ର ଇଞ୍ଜିନ୍ । ଅନ୍ଧକାରମୟ ରାତ୍ରି ସେହି ଆଲୋକକୁ ଟାଣିଆଣେ ଯାହା ସଂସାରକୁ ଅନ୍ଧକାରରୁ ମୁକ୍ତି ଦିଏ । ଏହି ଆବଶ୍ୟକତା ଅନୁରୂପ ନବୁଓ୍ୱତ୍‌ର ଧାରା ଆରମ୍ଭ ହେଲା ଓ ଯେବେ ଏହା କୋରାନ୍ ଯୁଗରେ ପହଂଚିଲା ସମ୍ପୂର୍ଣ୍ଣ ହେଲା । ଏବେ ସମସ୍ତ ଆବଶ୍ୟକତା ପୂରଣ ହୋଇଗଲା । ଏଥିରୁ ପ୍ରମାଣିତ ହେଲା ଯେ ଆପଣ ଅର୍ଥାତ୍ ଆଁ ହଜରତ ସ:ଆ:ସ ଖାତମୁଲ୍ ଅମ୍ବିୟା (ଅର୍ଥାତ୍ ନବି ମାନଙ୍କର ମୋହର) ଥିଲେ । ଏବେ ଏକ ବଡ଼ ଓ ସ୍ପଷ୍ଟ ତଫାତ ହେଉଛି ଏହା କି ପବିତ୍ର କୋରାନ୍ ଦଲିଲ୍ (ଅର୍ଥାତ୍ ପ୍ରମାଣମାନ) ଉପସ୍ଥାପନ କରିଛି ଯାହାକୁ ତୌରାତ୍ ଛୁଇଁ ମଧ୍ୟ ନାହିଁ ।

(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ- ୭୨ ରୁ ୭୪ ମୁଦ୍ରଣ ୨୦୧୮ କାଦିୟାନ୍)

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୧୫ର ଅବଶିଷ୍ଟାଂଶ ......*

କାରଣ ଯୋଗୁ ପାକିସ୍ତାନ୍‌ରେ ଅହେମଦୀ ମାନଙ୍କ ଉପରେ ଅତ୍ୟାଚାର କରାଯାଉଛି ଓ ବାକି ମୁସଲ୍‌ମାନ୍ ରାଷ୍ଟ୍ରଗୁଡିକରେ ମଧ୍ୟ ଅହେମଦୀ ମାନଙ୍କୁ ପସନ୍ଦ କରାଯାଉନାହିଁ । ବାକି ଯେଉଁଠି ଆମ ଆସ୍ଥା ଓ ବିଶ୍ୱାସର କଥା ଉଠୁଛି ତେବେ ଆମେ ଏ କଥା ଉପରେ ବିଶ୍ୱାସ ରଖିଛୁ ଯେ ଆଁ ହଜ୍‌ରତ୍ ସ:ଆ:ସ ହେଉଛନ୍ତି ଶେଷ ଶରୀୟତି ନବୀ । ଆମେ ଏକଥା ଉପରେ ବିଶ୍ୱାସ ରଖିଛୁ ଯେ ପବିତ୍ର କୋରାନ୍ ହେଉଛି ଶେଷ ଶରୀୟତି ପୁସ୍ତକ । କିନ୍ତୁ ଆମର ଏହା ମଧ୍ୟ ବିଶ୍ୱାସ ରହିଛି ଯେ ଯେଉଁ ବ୍ୟକ୍ତିଙ୍କୁ ଶେଷ ଦିବସ ଗୁଡିକରେ ଆସିବାର ଥିଲା ତାଙ୍କୁ ଆଁ ହଜ୍‌ରତ୍ ସ:ଆ:ସ "ନବୀ"ର ପଦବୀ ପ୍ରଦାନ କରିଛନ୍ତି । କିନ୍ତୁ ସେହି ନବୀ ଶରିୟତୀ ନବୀ ହେବେ ନାହିଁ ବରଂ ଜିଲ୍ଲି ନବୀ ଅର୍ଥାତ୍ ଛାୟା ନବୀ ହେବେ । ଆମେ ବିଶ୍ୱାସ ରଖିଛୁ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପରେ ଜିଲି ନବୀ ଆସିପାରିବେ କିନ୍ତୁ କୌଣସି ନୁଆ ଶରୀୟତ୍ ଆସିପାରିବେ ନାହିଁ । ଅନ୍ୟ ମୁସଲ୍‌ମାନ୍ ଫିର୍‌କା ଗୁଡିକ ଓ ଆମ୍ଭ ମଧ୍ୟରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଖାତମୁନ୍ ନବୀଇନ୍ ହେବାର ତଫ୍‌ସିର୍ ଅର୍ଥାତ୍ ବ୍ୟାଖ୍ୟାରେ ଫରକ୍ ରହିଛି । ଆମେ କହୁଛୁ ରସୁଲେ କରିମ୍ ସ:ଆ:ସ ହେଉଛନ୍ତି ଶେଷ ଶରୀୟତି ନବୀ କିନ୍ତୁ ତାଙ୍କ ପରେ ବରୋଜି ନବୀ ଆସିପାରିବେ । କିନ୍ତୁ ଅନ୍ୟ ମୁସଲ୍‌ମାନମାନେ କହୁଛନ୍ତି ଯେ ଯେହେତୁ ଆଁ ହଜ୍‌ରତ୍ ସ:ଆ:ସ ହେଉଛନ୍ତି ଖାତମୁନ୍ ନବିଇନ୍ ସେଥିପାଇଁ ତାଙ୍କ ପରେ କୌଣସି ନବୀ ଆସିପାରିବେ ନାହିଁ, ସେ ଜିଲ୍ଲି ହୁଅନ୍ତୁ ବା ଶରୀୟତି ନବୀ ହୁଅନ୍ତୁ । କେହି ବି ଆସିପାରିବେ ନାହିଁ ।

ଏହାପରେ ଭଏସ୍ ଅଫ୍ ଆମେରିକା (ବଙ୍ଗଳା ସର୍ଭିସ୍)ର ସାମ୍ବାଦିକ ପଚାରିଲେ ଯେ ଆଜିକାଲି ସାରା ପୃଥିବୀରେ ମୁସଲ୍‌ମାନ୍ ମାନଙ୍କ ଉପରେ ଅତ୍ୟାଚାର ହେଉଅଛି । ପାଲେଷ୍ଟାଇନ୍‌ରେ ଅତ୍ୟାଚାର କରାଯାଉଛି । ଆଫ୍ରିକାରେ ମୁସଲ୍‌ମାନ୍ ମାନଙ୍କ ଉପରେ ଅତ୍ୟାଚାର କରାଯାଉଛି । ଏବେ ଏହି କିଛି ଦିନ ହେବ ମିଆମାର୍ ମୁସଲ୍‌ମାନଙ୍କ ଉପରେ ବହୁତ ଅତ୍ୟାଚର କରାଯାଇଛି ଓ ଲକ୍ଷ୍ୟାଧିକ ସଂଖ୍ୟାରେ ମୁସଲ୍‌ମାନ୍‌ମାନେ ମିଆମାର୍‌ରୁ ହିଜ୍‌ରତ୍ କରି ଚାଲିଯାଇଛନ୍ତି ଓ ସେମାନେ ଆସି ବଙ୍ଗଳା ଦେଶରେ ଶରଣ ନେଇଛନ୍ତି । ଯେଉଁଠାରେ ସେମାନେ କ୍ୟାମ୍ପ୍ ଗୁଡିକରେ ବହୁତ ଖରାପ ଅବସ୍ଥାରେ କାଳାତିପାତ କରୁଛନ୍ତି । ଏହି ସମସ୍ୟାର ସମାଧାନ କଣ ? ଜମାତ୍ ଅହେମଦୀୟା ଏ ପ୍ରସଙ୍ଗରେ କଣ ଚିନ୍ତା କରୁଛି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କେବଳ ମୁସଲ୍‌ମାନମାନଙ୍କ ଉପରେ ଅତ୍ୟାଚାର ହେଉନାହିଁ, ଅନୁନ୍ନତ ରାଷ୍ଟ୍ରଗୁଡିକ ବିଶେଷ ରୂପେ ଆଫ୍ରିକୀୟ ଦେଶଗୁଡିକରେ ଲୋକମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାକି ଯେଉଁଠି ରୋହିଙ୍ଗିଆ ମୁସଲ୍‌ମାନଙ୍କ କଥା ଉଠୁଛି, ସେମାନଙ୍କ ଉପରେ ପ୍ରକୃତରେ ସରକାରଙ୍କ ତରଫରୁ ବା ସେହି ଲୋକମାନଙ୍କ ତରଫରୁ ଯେଉଁମାନଙ୍କ ପଛରେ ସରକାରଙ୍କର ହାତ ଅଛି, ବହୁତ ଅତ୍ୟାଚାର କରାଯାଉଅଛି । ଆମେ ଏହି ଅତ୍ୟାଚର ବିରୋଦ୍ଧରେ ସ୍ୱର ଉତଳନ କରୁଅଛୁ ଏବଂ ଏହାକୁ ଭୀଷଣ ନିନ୍ଦା କରୁଅଛୁ । ନିଜ ଚ୍ୟାରିଟି ଅର୍ଗାନାଇଜେସନ୍ ଜରିଆରେ ଆମେ ବଙ୍ଗଳାଦେଶ କ୍ୟାମ୍ପ୍ ଗୁଡିକରେ ଯାଇ ଯଥା ସମ୍ଭବ ସେମାନଙ୍କୁ ସାହାଯ୍ୟ ମଧ୍ୟ କରୁଅଛୁ । ଆମେ ତ ସେହି ସମସ୍ତ ଲୋକ, ସରକାର ଓ ଦେଶଗୁଡିକ ବିରୁଦ୍ଧରେ ସ୍ୱର ଉତଳନ କରୁଛୁ, ଯେଉଁମାନେ କୌଣସି ପ୍ରକାରେ ମଧ୍ୟ ଅତ୍ୟାଚାର କରୁଛନ୍ତି ।

ଆଉଜଣେ ସାମ୍ବାଦିକ ପଚାରିଲେ ଯେ ଗୋଟିଏ ସମ୍ପୂର୍ଣ୍ଣ ଇସ୍‌ଲାମୀୟ ସମାଜ କିପରି ହୋଇଥାଏ ଓ ଗୋଟିଏ ଇସ୍‌ଲାମୀୟ ପରିବାର କିପରି ହୋଇଥାଏ ? ଇସ୍‌ଲାମୀୟ ସମାଜ ବା ଇସ୍‌ଲାମୀୟ ପରିବାର ଆଜିକାଲିର ସମସ୍ୟା ଗୁଡିକୁ କିପରି ସମାଧାନ କରିପାରିବେ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଇତିହାସରେ ଇସ୍‌ଲାମୀୟ ସମାଜ ଓ ଇସ୍‌ଲାମୀୟ ସରକାରର ଦୃଷ୍ଟାନ୍ତ ଆମ ସମ୍ମୁଖରେ ରହିଛି ଓ ଏହି ଇସ୍‌ଲାମୀୟ ସରକାର ସେତେବେଳୁ ପ୍ରତିଷ୍ଠା ହୋଇଛି ଯେବେଠାରୁ ଆଁ ହଜ୍‌ରତ୍ ସ:ଆ:ସ ମଦିନା ହିଜ୍‌ରତ୍ କରିଥିଲେ । ସେ ସମୟରେ ମଦିନାରେ ଉପସ୍ଥିତ ମୁସଲ୍‌ମାନ୍, ୟୁହୁଦୀ ଏବଂ ଇସାଇମାନଙ୍କ ମଧ୍ୟରେ ଏକ ଚୁକ୍ତିନାମା କରାଯାଇଥିଲା ଓ ସମସ୍ତେ ନିଜ ନିଜ ଶରୀୟତ୍ ମୁତାବକ ସେଠାରେ ଜୀବନ ଅତିବାହିତ କରୁଥିଲେ ଓ ସବୁ ଧର୍ମର ଲୋକେ ସହମତ ହୋଇ ରସୁଲେ କରିମ୍ ସ:ଆ:ସଙ୍କୁ ସେହି ଗଣତନ୍ତ୍ରର ମୁଖିଆ ରୂପେ ନିର୍ବାଚିତ କରିଥିଲେ । ତେବେ ଇସ୍‌ଲାମୀୟ ସରକାରର ଉଦାହରଣ ହେଉଛି ମଦିନାର ଚୁକ୍ତି । ସେ ସମୟରେ ସବୁ ବର୍ଗର ଲୋକମାନେ ଏକ ସୁନ୍ଦର ପରିବେଶରେ ଜଣେ ଅନ୍ୟଜଣକ ସହିତ ମିଳିମିଶି ରହୁଥିଲେ । କେବଳ ସେହି ଲୋକମାନଙ୍କ ବ୍ୟତୀତ ଯେଉଁମାନେ ଉକ୍ତ ଚୁକ୍ତିକୁ ମାନିଲେ ନାହିଁ ଓ କାନୁନ୍‌କୁ ବିରୋଧ କଲେ । ତେବେ ତାହା ଇସ୍‌ଲାମୀୟ ସମାଜର ଏକ ମଡେଲ୍ ଥିଲା । ତାହା ସେହି ମଡେଲ୍ ଥିଲା ଯାହା ସମ୍ବନ୍ଧରେ ଇମ୍‌ରାନ୍ ଖାନ୍ କହୁଛନ୍ତି କି ସେ ତାହାକୁ ପାକିସ୍ତାନ୍‌ରେ ପ୍ରତିଷ୍ଠା କରିବାକୁ ଚାହୁଁଛି । ତେବେ ଏପର୍ଯ୍ୟନ୍ତ ସେ ସେଥିରେ ସଫଳ ହୋଇପାରିନାହିଁ ।

ଯେଉଁଠି ପରିବାର ଓ କୁଟୁମ୍ବ ଇତ୍ୟାଦିର କଥା ଉଠୁଛି ସେ ସମ୍ବନ୍ଧରେ ଇସ୍‌ଲାମ୍ କହୁଛି ଯେ ଆପଣ ନିଜ ମହିଳାମାନଙ୍କୁ ସମ୍ମାନ ଦେବା ଉଚିତ୍ । ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ଯେ ମହିଳାମାନଙ୍କୁ ସମ୍ମାନ କର । ପୁଣି ଆପଣ ସ:ଆ:ସ କହିଛନ୍ତି ଯେ ବୈକୁଣ୍ଠ ମାଆଙ୍କ ପାଦତଳେ ରହିଛି । ଏହାର ଅର୍ଥ ହେଉଛି ପିଲାମାନଙ୍କ ଲାଳନ ପାଳନ ଓ ଉଚିତ୍ ଶିକ୍ଷାଦାନ କରିବାରେ ମହିଳାମାନଙ୍କର ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପୁଣି ଇସ୍‌ଲାମ୍ ତଲାକ୍‌ର ଅନୁମତି ତ ଦେଇଛି ଯେ ଯଦି ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ସଠିକ୍ ବୁଝାମଣା ହେଉନାହିଁ ତେବେ ତଲାକ୍‌ର ଅନୁମତି ରହିଛି । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ତଲାକ୍ କୁ ଏକ ଅପସନ୍ଦ କାର୍ଯ୍ୟ ରୂପେ ଅଭିହିତ କରାଯାଇଛି । ଅଲ୍ଲାଃତାଲା ତଲାକ୍‌କୁ ପସନ୍ଦ କରନ୍ତି ନାହିଁ । ତେଣୁ ପରିବାର ସମ୍ବନ୍ଧରେ ଏହା ହେଉଛି ଇସ୍‌ଲାମୀୟ ଶିକ୍ଷା । ସେହିପରି ଅନ୍ୟ ମାମଲା ଗୁଡିକରେ ମଧ୍ୟ ଇସ୍‌ଲାମ୍ ପୂର୍ଣ୍ଣ ମାର୍ଗଦର୍ଶନ କରାଇଛି । ଉଦାହରଣ ସ୍ୱରୂପ ବେପାର ବଣିଜକୁ ନିଅନ୍ତୁ, ତାହା ସମ୍ବନ୍ଧରେ ଇସ୍‌ଲାମ୍ କହୁଛି ଯେ ବେପାର ବଣିଜକୁ ଇମାନ୍‌ଦାରୀ ସହିତ କରନ୍ତୁ । ଏକଦା ରସୁଲେ କରିମ୍ ସ:ଆ:ସ ବଜାର ଯାଇଥିଲେ ଓ ସେଠାରେ ଗହମ ଗଦା ଉପରେ ଗଦା ଉପରେ ହାତ ରଖିବାରେ ଜାଣିବାକୁ ପାଇଲେ ଯେ ସେ ଗଦା ତଳେ ଥିବା ଗହମର ସ୍ୱରୂପ ଅଲଗା ଥିଲା ଓ ଉପରେ ଥିବା ଶସ୍ୟ ଗୁଡିକର ସ୍ଥିତି ଅଲଗା ଥିଲା । ଏଥିରେ ଆପଣ ସ:ଆ:ସ କହିଲେ ଯେ ତୁମେ ତ ଲୋକମାନଙ୍କୁ ଧୋକା ଦେଉଛ । ଏହା କରିବା ପାଇଁ କଦାପି ଅନୁମତି ନାହିଁ । ଏ କାର୍ଯ୍ୟର ତୁମକୁ ଦଣ୍ଡ ମିଳିବ । ତେବେ ଇସ୍‌ଲାମ୍ ପ୍ରତିକ୍ଷେତ୍ରରୁ ଲୋକମାନଙ୍କର ମାର୍ଗ ଦର୍ଶନ କରିଛି । ତେଣୁ ଯଦି ଇସ୍‌ଲାମୀୟ ଶିକ୍ଷା ଉପର ବାସ୍ତବିକ ରୂପେ ପରିଚାଳିତ ହୁଏ ତେବେ ସମସ୍ତ ଲୋକେ ଅତ୍ୟନ୍ତ ସୁଖ ଓ ଶାନ୍ତିରେ ଜୀବନ ବିତାଇପାରିବେ ।

ଆଉଜଣେ ପତ୍ରକାର ପଚାରିଲେ ଯେ ହଜୁର୍ ଅନୁଓ୍ୱର୍ ଏ ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରୁଛନ୍ତି ଯେବେକି ବର୍ତମାନ ଏ ପୃଥିବୀର ପରିସ୍ଥିତି ବହୁତ ଖରାପ ଅଛି । ଶିରିଆ ଦେଶରେ ଯୁଦ୍ଧ ଚାଲିଛି ଓ ଏହିପରି ପୃଥିବୀରେ ଆହୁରି ଅନ୍ୟାନ୍ୟ ସମସ୍ୟାକୁ ସମ୍ମୁଖୀନ ହେବାକୁ ପଡୁଛି । ସୁତରାଂ ଏପରି ପରିସ୍ଥିତିରେ ହଜୁର୍ ଅନୁଓ୍ୱର୍‌ଙ୍କର କଣ ଦୃଷ୍ଟିକୋଣ ରହିଛି ଓ ଆମେ କିପରି ଶାନ୍ତି ପ୍ରତିଷ୍ଠା କରିପାରିବା ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯଦି ଲୋକମାନେ ଓ ପୃଥିବୀର ନେତାମାନେ ନିଜ ସୃଷ୍ଟିକର୍ତା ଏବଂ ତାହାଙ୍କ ସୃଷ୍ଟଜଙ୍କ ଅଧିକାରକୁ ନ ଜାଣୁଛନ୍ତି ଓ ନ ବୁଝୁଛନ୍ତି ତେବେ ଏ ପୃଥିବୀରେ ବହୁତ ବଡ ପ୍ରଳୟ ଆସିବ । ଯାହା ଉପରେ ଆୟତ ରଖିବା କାହା ପାଇଁ ସମ୍ଭବପର ହେବନାହିଁ । ଆଜିକାଲି ପ୍ରତ୍ୟେକ ଅନ୍ୟମାନଙ୍କ ଦୋଷ ଦୁର୍ବଳତା ଉପରେ ଆଙ୍ଗୁଳି ଉଠାଉଛି ଯେ ଅମୁକର ଭୁଲ୍ ଅଛି ବା ଅମୁକର ଦୋଷ ଅଛି କିନ୍ତୁ ନିଜ ମନକୁ କେହି ଝାଙ୍କି ଦେଖୁନାହାଁନ୍ତି । ଇସ୍‌ଲାମୀୟ ଶିକ୍ଷା ମୁତାବକ ଆମେ ନିଜର ଅଧିକାରକୁ ମାଗିବା ପରିବର୍ତେ ଆମକୁ ଅନ୍ୟମାନଙ୍କ ଅଧିକାର ପ୍ରତି ଦୃଷ୍ଟି ଦେବା ଉଚିତ୍ । ଏହା ହିଁ ହେଉଛି ଏକମାତ୍ର ସମାଧାନର ବାଟ । କିନ୍ତୁ ବର୍ତମାନ ପରିସ୍ଥିତିରେ ଏହି ସିଦ୍ଧାନ୍ତ ଉପରେ ପରିଚାଳିତ ହେବା ଅତ୍ୟନ୍ତ କଷ୍ଟକର ବ୍ୟାପାର । ଏହି ଶିକ୍ଷା ଗୁଡିକ ଉପରେ ମୁସଲ୍‌ମାନ୍ ରାଷ୍ଟ୍ରଗୁଡିକ ପରିଚାଳିତ ହେଉନାହାଁନ୍ତି । ଯେବେ କି ଆମେ ଅହେମଦୀ ମୁସଲ୍‌ମାନ୍ ମାନେ ଉକ୍ତ ଶିକ୍ଷା ଗୁଡିକ ଉପରେ ପରିଚାଳିତ ହେଉଅଛୁ ଓ ତାହାର ତବ୍‌ଲିଗ୍ ମଧ୍ୟ କରୁଅଛୁ । ଯଦି ସେହି ସିଦ୍ଧାନ୍ତ ଗୁଡିକ ଉପରେ ଅମଲ କରା ନଗଲା ତେବେ ଏ ପୃଥିବୀ ତୃତୀୟ ବିଶ୍ୱଯୁଦ୍ଧକୁ ଅନୁଷ୍ଠିତ ହେବାର ଦେଖିବ । ଯଦି ସରକାର ଗୁଡିକ ନିଜ ପଲିସି ଏବଂ ନିଜ ନିଜର ଚାଲାକି ଚତୁରାମିକୁ ନ ବଦଳାଇବେ ତେବେ ଆପଣମାନେ ମଧ୍ୟ ଏହାର ଫଳାପଳକୁ ଯଥାଶିଘ୍ର ଦେଖିନେବେ ବରଂ କେତେକାଂଶରେ ଏହି ଯୁଦ୍ଧ ଆରମ୍ଭ ମଧ୍ୟ ହୋଇସାରିଛି । ଶିରିଆରେ ଯୁଦ୍ଧ ଚାଲିଥିବା ଯୋଗୁ କେତେକ ଦେଶଗୁଡିକ ମଧ୍ୟ ତାହାର ଅଂଶ ବିଶେଷ ହୋଇଗଲାଣି । ଲାଭା ଫୁଟିବା ଆରମ୍ଭ ହୋଇଗଲାଣି । ଏହା କେତେବେଳେ ମଧ୍ୟ ଫାଟିପାରେ ।

ଏହି ପ୍ରେସ୍ କନ୍‌ଫରେନ୍‌ସ ୪:୫୫ ପର୍ଯ୍ୟନ୍ତ ଜାରି ରହିଲା । (କ୍ରମଶଃ.....)

(ବହୱାଲା ଅଖ୍‌ବାର୍ ବଦର୍ ୧୧,୧୮ ଏପ୍ରିଲ୍ ୨୦୧୯)

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୮ର ଅବଶିଷ୍ଟାଂଶ ......*

ଲୋକଙ୍କ) ସେବା କରିବାର ସୌଭାଗ୍ୟ ପାଇଛନ୍ତି । ୧୯୯୩ ମସିହାରେ ସୁପ୍ରିମକୋର୍ଟରେ ବୁନିୟାଦି ଅଧିକାର ର ମୁକଦ୍ଦମାର ଅନୁସରଣ କରିଥିବା ଟିମ୍‌ର ସେ ସଦସ୍ୟ ହୋଇଥିଲେ ।

୧୯୭୬ ମସିହାରେ କରାଚିଠାରେ ଅନୁଷ୍ଠିତ ହୋଇଥିବା ଜ୍ୟୁରିଷ୍ଟିସ୍ କନ୍‌ଫରେନ୍‌ସରେ ପ୍ରବନ୍ଧ ପଢ଼ିବାର ଅବସର ମିଳିଛି । ଇଂଙ୍ଗଲିସ୍‌ସ୍ଥାନ, ଜର୍ମାନୀ, ସୁଇଜରଲ୍ୟାଣ୍ଡ, ଆମେରିକା, କାନାଡ଼ା ଜାପାନ ଇତ୍ୟାଦି ଦେଶ ଗୁଡ଼ିକରେ ମାନବିକ ଅଧିକାର ପ୍ରସଙ୍ଗରେ ବୁଦ୍ଧିଜୀବୀ ଓ କାନୁନ୍ ସାଜିରେ ପ୍ରବୀଣ ଥିବା ବ୍ୟକ୍ତିବିଶେଷଙ୍କ ସହିତ ଭାବର ଆଦାନପ୍ରଦାନ କରିବା ଓ ସେମିନାର ଗୁଡ଼ିକରେ ସାମିଲ ହେବାର ସୌଭାଗ୍ୟ ପାଇଛନ୍ତି ।

ମେନ୍‌ସ୍ୟୁଟାସ୍ ଷ୍ଟେଟ୍ ୟୁନଭରସିଟି ଆମେରିକାରେ କାନୁନ ପାଠ ପଢୁଥିବା ଛାତ୍ରମାନଙ୍କୁ ସମ୍ବୋଧନ କରିବାର ଅବସର ମିଳିଛି ଏବଂ ଜର୍ମାନୀର ଗୋଟିଏ ଅଦାଲତରେ ୧୮ ଘଂଟା ପର୍ଯ୍ୟନ୍ତ ଜଣେ ଏକ୍ସପର୍ଟ ସାକ୍ଷୀଙ୍କ ବୟାନ ରେକର୍ଡ଼ କରିବାପାଇଁ ସୌଭାଗ୍ୟ ପାଇଛନ୍ତି । ୨୦୧୪ ମସିହାରେ ଯମାତ୍ ଅହେମଦୀୟା ଆମେରିକା ତରଫରୁ ବିଭିନ୍ନ ୟୁନର୍ଭସିଟିରେ ଲେକ୍‌ଚର ଦେବାପାଇଁ ନିମନ୍ତ୍ରଣ କରାଯାଇଥିଲା ସେଠାରେ ସେ ଧର୍ମ ଓ ବିବେକ ସ୍ୱାଧୀନତା ବିଷୟବସ୍ତୁ ଉପରେ ଲେକ୍‌ଚର ଦେଇଛନ୍ତି । ପୁଣି ୨୦୧୭ ମସିହାରେ ରାଇସ୍ ୟୁନିର୍ଭସିଟିରେ କୁର୍‌ଆନ୍ କନ୍‌ଫରେନ୍ସ ଅନୁଷ୍ଠିତ କରାଯାଇଥିଲା । ସେଥିରେ ଯମାତ୍ ଅହେମଦୀୟାଙ୍କୁ ମଧ୍ୟ ନିମନ୍ତ୍ରଣ ଦିଆଯାଇଥିଲା । ହଜୁର ଅନଓ୍ୱର କହୁଛନ୍ତି: ମୁଁ ତାଙ୍କୁ ସେଠାକୁ ପଠାଇଥିଲି ଓ ସେ ସେଠାରେ ପ୍ରତିନିଧି ହେବାର ଦାୟିତ୍ୱକୁ ବହୁତ ଖୁବ୍ ତୁଲାଇଥିଲେ । ସେଠାରେ ମଧ୍ୟ ପବିତ୍ର କୋରାନ୍‌ର ସୌନ୍ଦର୍ଯ୍ୟକୁ ପୃଥିବୀ ସମ୍ମୁଖରେ ହଜରତ ମସିହ ମଉଦ ଆ:ସଙ୍କ ଉଚ୍ଚକୋଟୀର ସାହିତ୍ୟ ଜ୍ଞାନର ଆଲୋକରେ ବର୍ଣ୍ଣନା କରିବାପାଇଁ ତାଙ୍କୁ ସୌଭାଗ୍ୟ ମିଳିଛି ।

ସୁଇଜରଲ୍ୟାଣ୍ଡ ଏବଂ କାନାଡ଼ାରେ ଇମିଗ୍ରେସନ ବୋର୍ଡ଼ ସମ୍ମୁଖରେ କାନୁନୀ ସମସ୍ୟାଗୁଡ଼ିକର ସ୍ପଷ୍ଟୀକରଣ କରିବାପାଇଁ ଅବସର ମିଳିଛି । ଏହିପରି ତାଙ୍କର ଅଗଣତି ସେବା ରହିଛି । ତାଙ୍କୁ ଯେଉଁ ଯମାତି କାର୍ଯ୍ୟ ଦିଆଯାଇଥିଲା ଅଲ୍ଲାଃ ତାଲାଙ୍କ କୃପାରୁ ସେ ସେଗୁଡ଼ିକର ସମ୍ପାଦନ କରିବା ପାଇଁ ଉତ୍ସର୍ଗୀକୃତ ଆତ୍ମା ସହିତ କରିବା ପାଇଁ ଚେଷ୍ଟା କରିଛନ୍ତି ଓ ତାହାର ଖୁବ୍ ହକ୍ ପ୍ରଦାନ କରିଛନ୍ତି ।

ତାଙ୍କର ବିବାହ ତାଙ୍କ ବଡ଼ବାପାଙ୍କ ଘରେ ହୋଇଥିଲା ତାଙ୍କ ପତ୍ନୀ ୧୯୯୯ ମସିହାରେ ମୃତ୍ୟୁବରଣ କରିଥିଲେ ଏବେ ତାଙ୍କର ତିନିଜଣ ପୁତ୍ର ଅଛନ୍ତି । ଅଜିଜୁର୍ ରହମାନ୍ ଓ୍ୱକାସ ରାଉଲ ପଣ୍ଡିରେ ଆଡ଼ଭୋକେଟ ଅଛନ୍ତି ସେ ମଧ୍ୟ ଯମାତୀ ମୁକଦ୍ଦମା ଗୁଡ଼ିକରେ ସାହାଯ୍ୟ କରୁଛନ୍ତି । ଡ଼ାକ୍ତର ଅତାଉର୍ ରହମାନ୍ ମାଆଜ୍ ଆଜିକାଲି କର୍ତର ଦେଶରେ ରହୁଛନ୍ତି । ଖଲିଲୁର୍ ରହମାନ୍ ହମାଦ ସାହେବ ସେ ମଧ୍ୟ ପାକିସ୍ତାନରେ ହିଁ ଅଛନ୍ତି ।

ଅଲ୍ଲାଃ ତାଲା ମର୍‌ହୁମ୍‌ଙ୍କ ସହିତ ଦୟା ଓ କ୍ଷମା ଆଚରଣ କରନ୍ତୁ ଓ ନିଜ ପ୍ରୀୟଜନଙ୍କ ପାଦତଳେ ସ୍ଥାନ ଦିଅନ୍ତୁ । ନମାଜ ପାଠପରେ ଯେପରି କି ମୁଁ କହିସାରିଛି ଯେ, ତାଙ୍କର ନମାଜ ଯନାଜାଃ ପଢ଼ାଇବି ।

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

**''ଯୁଗ ଖଲିଫାଙ୍କ ସମସ୍ତ ଭାଷଣ ଗୁଡ଼ିକ ବାସ୍ତବିକ ଇସଲାମ ଉପରେ ଆଧାରିତ, ଖଲିଫାଙ୍କ କଥା ସ୍ୱତଃପ୍ରୂତ ଭାବରେ ହୃଦୟ ଭିତରେ ଅବତରଣ କରିଯାଉଛି''**

**କେବଳ ଅହେମଦୀମାନେ ହିଁ ପୃଥିବୀରେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ବାସ୍ତବିକ ବୈଭବକୁ ବର୍ଣ୍ଣନା କରୁଛନ୍ତି । (ଭାଇସ୍ ପ୍ରେସିଡ୍ରେଂଟ ମୁସଲିମ୍ କମ୍ୟୁନିଟି ବେନିନ୍)**

**ସମସ୍ତଙ୍କ ନିକଟରେ ଗୋଟିଏ କଥା ଦେଖିବାକୁ ମିଳୁଛି ପ୍ରତ୍ୟେକ ନିଜ ଖଲିଫାଙ୍କ ସହିତ ଆଜ୍ଞାନୁବର୍ତିତା ଏବଂ ନିଷ୍ଠାରେ ଅସାଧାରଣ ସମ୍ବନ୍ଧ ରଖିଛନ୍ତି (ଜଣେ ମହିଳା ଅତିଥି)**

**ଅହେମଦୀ ସଦସ୍ୟମାନଙ୍କ ତରବୀୟତ୍ କେବଳ ଇସଲାମିୟ ଶିକ୍ଷା ମୁତାବକ ହୋଇଛି........ ଆଜି ଯଦି କୌଣସି ଯମାତ୍ ଇସଲାମର ହୱାଲା ହୋଇପାରେ ତେବେ ସେ ହେଉଛି ଅହେମଦୀୟା ଯମାତ୍ (ଅଲ୍‌ହାଜ୍ ମୁହମ୍ମଦ ଓ୍ୱକିଲ୍ ଯାତାରା)**

**ଆଜି ଇସଲାମ ଅହେମଦୀୟତ ଜରୀଆରେ ପ୍ରଚାର ପ୍ରସାର ହେଉଅଛି (ସାୟୁବା ଓର୍‌ରାଗୁ)**

**ମୁଁ ଈଶ୍ୱରଙ୍କ ରାଣ ଖାଇ କହିପାରେ ଯେ, ମୋର ସମସ୍ତ ଶଙ୍କା ଓ ସନ୍ଦେହ ଦୂର ହୋଇଯାଇଛି ଏବଂ ଏହି ଜଲ୍‌ସାରେ ସାମିଲ ହୋଇ ମୋର ବିଶ୍ୱାସ ହୋଇଯାଇଛି ଯେ, ଏ ପୃଥିବୀରେ ଆଜି ଯଦି କୌଣସି ଯମାତ୍ ଇସଲାମର ପ୍ରତିନିଧିତ୍ୱ କରିପାରେ ତେବେ ତାହା ହେଉଛି ଅହେମଦୀୟା ମୁସଲିମ ଯମାତ୍ (ଫାନ୍‌ତା ଫୁଫାନା ଉମର୍)**

## ଜଲ୍‌ସା ସାଲାନାରେ ଯୋଗଦେଇଥିବା ଅତିଥିମାନଙ୍କ ମନୋଭାବ ବ୍ୟକ୍ତ

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୦୯ ଅଗଷ୍ଟ ୨୦୧୯ ଅନୁଯାୟୀ ୦୯ ଜହୁର୍ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଗତ ରବିବାର ଦିନ ଅଲ୍ଲାଃଙ୍କ କୃପାରୁ ୟୁ.କେ ର ତିନିଦିନିଆ ଜଲ୍‌ସାସାଲାନା ପରିସମାପ୍ତି ହେଲା । ଅଲ୍ଲାଃଙ୍କର ଅସୁମାରି ବର୍‌କାତ୍ ଏହି ଜଲ୍‌ସା ସହିତ ଯୋଡି ହୋଇ ରହିଛି । ଯାହା ସବୁର ଆମେ ଉତରାଧିକାରୀ ହେଉଅଛେ । ଜଲ୍‌ସା ପରେ ଯେଉଁ ଜୁମା ଆସିଥାଏ ସେଥିରେ ମୁଁ ଉକ୍ତ ବର୍‌କାତ୍ ସମ୍ବନ୍ଧରେ ଖୁତ୍‌ବାରେ କହିଥାଏ ଯେ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏ ଜଲ୍‌ସାର ପ୍ରଭାବ ତ ଜମାତ୍‌ର ଲୋକମାନଙ୍କ ଉପରେ ପଡି ହିଁ ଥାଏ, ତାହା ତ ଠିକ୍ କଥା କିନ୍ତୁ ଅନ୍ୟମାନଙ୍କ ଉପରେ ମଧ୍ୟ ଏହାର ଖୁବ୍ ପ୍ରଭାବ ପଡିଥାଏ ଅର୍ଥାତ୍ ସେମାନେ ଏ ଜଲ୍‌ସାର ପରିବେଶକୁ ଦେଖିଥାନ୍ତି ଓ ନୂଆ ନୂଆ କଥା ଏଥିରୁ ଶିଖିଥାନ୍ତି । ଫଳତଃ ଇସ୍‌ଲାମ୍ ସମ୍ବନ୍ଧରେ ଥିବା ଶଙ୍କା ତାଙ୍କ ମନ ଭିତରୁ ଅପସରିଯାଏ । ତେଣୁ ଏହି ସମସ୍ତ କଥାଗୁଡିକୁ ମୁଁ ଜଲ୍‌ସାର ପରବର୍ତୀ ଜୁମାରେ ବର୍ଣ୍ଣନା କରିଥାଏ । ଏଠାରେ ମଧ୍ୟ ମୁଁ ସେ ସମ୍ବନ୍ଧରେ କିଛି ଚର୍ଚ୍ଚା କରିବି । କିନ୍ତୁ ତାହା ପୂର୍ବରୁ ମୁଁ ସମସ୍ତ ପୁରୁଷ ଓ ମହିଳା ସ୍ୱେଚ୍ଛାସେବୀ କର୍ମୀମାନେ, ଯେଉଁମାନେ ଯେକୌଣସି ବିଭାଗରେ ମଧ୍ୟ ଡ୍ୟୁଟି ଦେଇଛନ୍ତି, ସେମାନଙ୍କୁ ଧନ୍ୟବାଦ ଜଣାଉଛି । ସହଯୋଗୀ କର୍ମୀମାନଙ୍କଠାରୁ ନେଇ ଅଫିସର୍ ପର୍ଯ୍ୟନ୍ତ ପୁରୁଷ, ମହିଳା, ପିଲା, ଯୁବକ ଏବଂ ବୃଦ୍ଧ ସମସ୍ତେ ନିଃସ୍ୱାର୍ଥପର ହୋଇ ନିଜ ନିଜର ଡ୍ୟୁଟି ଓ କର୍ତବ୍ୟକୁ ସମ୍ପାଦନ କରୁଥିଲେ ଓ ଅତିଥିମାନଙ୍କ ସମ୍ମୁଖରେ ନିଜର କର୍ମଦ୍ୱାରା ଇସ୍‌ଲାମ୍‌ର ବାସ୍ତବିକ ରୂପକୁ ଏମାନେ ସମସ୍ତେ ଉପସ୍ଥାପନ କରୁଥିଲେ । ବିଶେଷ ରୂପେ ସହଯୋଗୀ କର୍ମୀମାନେ ଧନ୍ୟବାଦର ପାତ୍ର ଅଟନ୍ତି ଯେ ସେମାନେ ବହୁ ସଂଖ୍ୟାରେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥିମାନଙ୍କର ଖିଦ୍‌ମତ୍ ଅର୍ଥାତ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି । ଅସଲ କାର୍ଯ୍ୟ ତ ଏହି ସହଯୋଗୀ କର୍ମୀମାନେ ହିଁ କରିଥାନ୍ତି । ଅଲ୍ଲାଃତାଲା ସମସ୍ତଙ୍କୁ ସେମାନଙ୍କ ସେବା କାର୍ଯ୍ୟର ପ୍ରତିବଦଳ ପୁରସ୍କାର ପ୍ରଦାନ କରନ୍ତୁ । ଜଲ୍‌ସାର ସ୍ୱେଚ୍ଛାସେବୀ କର୍ମୀମାନଙ୍କ ବ୍ୟତୀତ ସ୍ଥାୟୀ କେନ୍ଦ୍ରୀୟ କାର୍ଯ୍ୟାଳୟର କର୍ମୀମାନେ ମଧ୍ୟ ପ୍ରଶଂସାର ପାତ୍ର ଅଟନ୍ତି, ଯେମିତି ଏମ୍.ଟି.ଏ ର କର୍ମୀମାନେ, ଏଥିରେ ୟୁ.କେରେ ରହୁଥିବା ଭଲେଂଟିୟର୍‌ମାନେ ଓ ଅନ୍ୟଦେଶମାନଙ୍କୁ ଆସିଥିବା ସ୍ୱେଚ୍ଛାସେବୀ କର୍ମୀମାନେ ମଧ୍ୟ ଅଛନ୍ତି । କେତେକ ଡକ୍ୟୁମେଂଟାରୀ ମଧ୍ୟ ଉପସ୍ଥାପନ କରାଯାଇଛି । ସେହି ଡକ୍ୟୁମେଂଟାରୀ ଗୁଡିକୁ ଉପସ୍ଥାପନ କରିବା ପାଇଁ ଓ ସେଗୁଡିକ ପ୍ରସ୍ତୁତ କରିଥିବା କର୍ମୀମାନେ ଓ ଷ୍ଟୁଡିଓରେ କାର୍ଯ୍ୟରତ କର୍ମୀମାନେ ମଧ୍ୟ ଭରପୁର୍ ଚେଷ୍ଟା କରିଛନ୍ତି । ସୁତରାଂ ସବୁ ବିଭାଗର ଲୋକମାନେ ଏହି ଜଲ୍‌ସା ସମୟରେ ନିଜ ନିଜର କର୍ତବ୍ୟକୁ ସମ୍ପାଦନ କରୁଛନ୍ତି । ପୁଣି ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍‌ର ପ୍ରଦର୍ଶନୀ ବହୁତ ପ୍ରଭାବି ହୋଇଥାଏ । ସେହିପରି ଆର୍କାଇଭ୍‌ର ପ୍ରଦର୍ଶନୀ, ମଖ୍‌ଜନେ ତସାୱିର୍‌ର କର୍ମୀମାନେ । ସୁତରାଂ ଏହି ସମସ୍ତ ବିଭାଗର କର୍ମୀମାନେ, ଯେଉଁମାନେ ଜଲ୍‌ସା ସମୟରେ ଅହରହ କାମ କରିଛନ୍ତି ଓ ପରେ ମଧ୍ୟ କାମ କରିଛନ୍ତି ଓ ସମସ୍ତେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ତେଣୁ ଏ ଦୃଷ୍ଟିକୋଣରୁ ଏମାନେ ସମସ୍ତେ ଆମ ଧନ୍ୟବାଦର ପାତ୍ର ଅଟନ୍ତି ଓ ପ୍ରଶଂସାର ପାତ୍ର ଅଟନ୍ତି । ଏବେ ମୁଁ କିଛି ଲୋକମାନଙ୍କର ମନୋଭାବକୁ ଏଠାରେ ସମୟକୁ ଆଖିଆଗରେ ରଖି ବ୍ୟକ୍ତ କରିବି ।

ମାଲେ ହୋସୋ ୟାକୁବ୍ ସାହେବ୍ ବେନିନ୍‌ର ମୁସ୍‌ଲିମ୍ କମ୍ୟୁନିଟିର ଉପସଭାପତି ଅଛନ୍ତି । ସେ ଏଥରକ ଆମ ଏ ଜଲ୍‌ସାରେ ସାମିଲ୍ ହୋଇ କହୁଛନ୍ତି ଯେ ମୁଁ ୨୦ଥରରୁ ଅଧିକାଥର ହଜ୍ କରିଛି କିନ୍ତୁ ଜମାତ୍ ଅହେମଦୀୟାର ଜଲ୍‌ସାସାଲାନାରେ ସାମିଲ୍ ହୋଇ ମୋତେ ତାଠାରୁ ବହୁତ ଅଧିକ ସୁବ୍ୟବସ୍ଥା ଦେଖିବାକୁ ମୌକା ମିଳିଲା । ଏ ଜଲ୍‌ସାର ପରିବେଶ ଏତେ ଭଲ ଲାଗୁଥିଲା ଯେ ମୁଁ କେବେ ବି ଜୀବନରେ ଏମିତି ଶୃଙ୍ଖଳା ଦେଖିନାହିଁ । ମୁଁ ଅନେକ ଧାର୍ମିକ, କନ୍‌ଫରେନ୍‌ସ ଏବଂ ଇଜ୍‌ତିମାରେ ସାମିଲ୍ ହୋଇଛି । କିନ୍ତୁ ଜଲ୍‌ସାସାଲାନା ସଦୃଶ ମାହୋଲ୍ କେଉଁଠାରେ ମିଳିନାହିଁ । ଏୟାର୍‌ପୋର୍ଟ୍‌ଠାରୁ ନେଇ ଅତିଥିମାନଙ୍କ ଆବାସସ୍ଥଳୀ ପର୍ଯ୍ୟନ୍ତ ଏପରି ସୁବ୍ୟବସ୍ଥା କରାଯାଇଥିଲା ଯେ ଲାଗୁଥିଲା ଆମେ ଯେମିତି ଆମ ନିଜ ଘରେ ଅଛୁ । ପୁଣି ଜଲ୍‌ସାରେ ପ୍ରତ୍ୟେକ ବିଭାଗର ଲୋକଙ୍କୁ ମୁଁ ଦେଖିବାକୁ ପାଇଲି । ଇଞ୍ଜିନିୟର୍, ଡାକ୍ତର, ପ୍ରଫେସର, ଜ୍ଞାନୀ ଗୁଣିଜନ ଓ ବହୁତ ବୁଦ୍ଧିମାନ ବ୍ୟକ୍ତିବିଶେଷ ସମସ୍ତେ ବହୁତ ବିନମ୍ରତାର ସହିତ ଆମର ସେବା କଲେ । ଏହି ସେବା କାର୍ଯ୍ୟକୁ କରି ସେମାନେ ବହୁତ ଖୁସି ଅନୁଭବ କରୁଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହୁଛନ୍ତି:- ଏହି ମହାଶୟ ମୋ ଭାଷଣ ବିଷୟରେ କହିଲେ ଯେ ଆମକୁ ଏହି ଭାଷଣ ସଠିକ୍ ଇସ୍‌ଲାମ୍ ସମ୍ବନ୍ଧରେ ଜଣାପଡିଲା । ସେହି ସଠିକ୍ ବାର୍ତାର ଆବଶ୍ୟକତା ଇସ୍‌ଲାମ୍ ଜଗତକୁ ଓ ମୁସଲ୍‌ମାନ୍‌ମାନଙ୍କ ପାଇଁ ରହିଛି । ଯଦ୍ୱାରା ଇସ୍‌ଲାମ୍ ସମ୍ବନ୍ଧରେ ଲୋକମାନଙ୍କ ମନ ଭିତରେ ଯେଉଁ ଶଙ୍କା ରହିଛି ତାହା ଦୂର ହୋଇପାରନ୍ତା । ସେ କହୁଛନ୍ତି ମୁଁ ଏଠାକୁ ଆସି ବହୁତ କିଛି ଶିଖିବାକୁ ପାଇଲି । ଅହେମଦୀୟତ୍ ହିଁ ବାସ୍ତବିକ ଇସ୍‌ଲାମ୍ । ପୁଣି ସେ କହୁଛନ୍ତି ଯେ ମୁଁ ବେନିନ୍ ଯାଇ ଲୋକମାନଙ୍କୁ ବତାଇବି ଯେ ଅନ୍ୟମାନଙ୍କ କଥାକୁ ଶୁଣନାହିଁ ଓ ଅହେମଦୀୟତ୍‌ଠାରୁ ଶିଖ । କେବଳ ଅହେମଦୀମାନେ ହିଁ ପୃଥିବୀରେ ମୁହମ୍ମଦ୍ ସ:ଆ:ସଙ୍କ ପାଇଁ ମର୍ଯ୍ୟାଦା ଓ ବୈଭବକୁ

ପୁଣି ବୁର୍କିନାଫାସୋରୁ ସେମୁନ୍ ସୁଆଦେଖା ସାହେବ୍ (Simeon Sowdogo) ଯିଏ ହେଉଛନ୍ତି ଧର୍ମ ସମ୍ବନ୍ଧୀୟ ମନ୍ତ୍ରୀ ତତ୍‌ସହିତ ଗୃହମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ ମଧ୍ୟ ଅଛନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ମୁଁ ଜଣେ ଧର୍ମ ସମ୍ବନ୍ଧୀୟ ମନ୍ତ୍ରୀ ହୋଇଥିବାରୁ ସବୁ ଧର୍ମକୁ ସମ୍ମାନ ଜଣାଇଥାଏ । ଜଲ୍‌ସାରେ ସାମିଲ୍ ହୋଇ ମୋର ଅନେକ ପ୍ରଶ୍ନର ସମାଧାନ ହୋଇଯାଇଛି । ଯେଉଁ ପ୍ରଶ୍ନଗୁଡିକ ମୁଁ ପଚାରି ବୁଝିପାରିନାହିଁ, ସେ ସବୁର ଉତର ମଧ୍ୟ ମୋତେ ମିଳିଯାଇଛି । ମୋତେ ଏଠାରେ ବହୁତ ସାହାଯ୍ୟ କରାଯାଇଛି । ମଁ ପ୍ରଥମଥର ପାଇଁ ଜଲ୍‌ସାରେ ସାମିଲ୍ ହୋଇଛି । ଜଲ୍‌ସାର ପବିତ୍ର ଭାବନା, ପବିତ୍ର ପରିବେଶ ଓ ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ମୋତେ ଖୁବ୍ ସାହାଯ୍ୟ ମିଳିଛି । ଆମେ ସମସ୍ତେ ପ୍ରେମ, ଭଲପାଇବା, ଉତମ ଚରିତ୍ର ଏବଂ ଉଚିତ୍ ନ୍ୟାୟ ମାର୍ଗରେ ପରିଚାଳିତ ହୋଇ ମିଳିମିଶି ରହିପାରିବା । ପୁଣି ସେ ମହାଶୟ ଜଲ୍‌ସାର ସ୍ୱେଚ୍ଛାସେବୀ କର୍ମୀମାନଙ୍କ ଉଦାହରଣ ଦେଇ କହୁଛନ୍ତି ଯେ ଏ ଜଲ୍‌ସାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ କର୍ମୀମାନେ ପାଇଖାନା ସଫା କରୁଥିଲେ, ପ୍ଲେଟ୍ ଧୋଉଥିଲେ ଓ ଛୋଟ ଛୋଟ ପିଲାମାନେ ପାଣି ପିଆଉଥିଲେ । ଏହି ସବୁ କାର୍ଯ୍ୟ ଉତ୍ସର୍ଗୀକୃତ ଓ ବଳିଦାନର ମନୋଭାବ ବିନା କରିବା ସମ୍ଭବ ନୁହେଁ । ଅନ୍ୟମାନଙ୍କ ସେବାକାର୍ଯ୍ୟ କରିବାର ମନୋଭାବ ଅସାଧାରଣ ଥିଲା । ପୁଣି ସେ କହୁଛନ୍ତି ମୁଁ

ମସ୍‌ଜିଦ୍ ଫଜଲ୍ ମଧ୍ୟ ଯାଇଥିଲି । ଛୋଟ ମସ୍‌ଜିଦ୍‌ଟିଏ, ପ୍ରାରମ୍ଭିକ ମସ୍‌ଜିଦ୍ । ଏହି ମସ୍‌ଜିଦ୍‌ରେ ଏକ ଆକର୍ଷଣ ଥିଲା ଓ ସାଧାସିଧା । ତେଣୁ ଏହାର ଏକ ବିଶେଷ ସୌନ୍ଦର୍ଯ୍ୟ ଥିଲା । ପୁଣି ବୟତ୍ ସମ୍ବନ୍ଧରେ କହୁଛନ୍ତି ଯେ ନିଷ୍ଠା, ଭକ୍ତି ଓ ଆଜ୍ଞାବହତାର ଏକ ଜଞ୍ଜିର ଥିଲା ଯାହା ଏ ପୃଥିବୀ ପାଇଁ ଏକ ଦୃଷ୍ଟାନ୍ତ ଅଟେ । ଲୋକମାନେ ଖଲିଫାଙ୍କ କଥାକୁ ବୁଝିପାରୁନଥିଲେ । ଆଜିର ଏ ସଂସାର ଭୌତିକତାର ପଛରେ ଦଉଡୁଅଛି । କିନ୍ତୁ ଏହି ଭୌତିକବାଦର କ୍ଷତି ମଧ୍ୟ ମନୁଷ୍ୟକୁ ହେଉଅଛି ଓ ପୁଣି ସେ ମୋ ସମ୍ବନ୍ଧରେ କହିଲେ ଯେ ହଜୁର୍ ନିଜ ଭାଷଣରେ ଏକ ଉତମ ସମାଜ ଗଠନ କରିବାର ଯୋଜନା ଦେଇଛନ୍ତି । ସେଥିରେ ମାଆ ବାପାଙ୍କ ପାଇଁ ଅଧିକାର ଅଛି, ପିଲାମାନଙ୍କର ଅଧିକାର ରହିଛି ଏବଂ ହଜୁର୍‌ଙ୍କର ଯେଉଁ ଶେଷ ଭାଷଣ ଥିଲା ସେଥିରେ ଏହି ସମସ୍ତ କଥା ଓ ବିଷୟ ବସ୍ତୁ ଭରି ରହିଥିଲା । ଏମାନେ ସେଥିରୁ ବହୁତ ପ୍ରଭାବିତ ହୋଇଛନ୍ତି । ଅଧିକାଂଶ ଲୋକେ ଏହି ଭାଷଣ ସମ୍ବନ୍ଧରେ ଚର୍ଚ୍ଚା କରୁଛନ୍ତି ।

ବୁର୍କିନାଫାସୋରୁ ସାୟୁବା କ୍ୱେଦେରାଗୋ ସାହେବ୍ ଯିଏ ହେଉଛନ୍ତି ଜଣେ ମେମ୍ବର ଅଫ୍ ପାର୍ଲିଆମେଂଟ୍, ସେ କହୁଛନ୍ତି ଯେ ଏ ଜଲ୍‌ସା ବହୁତ ଭଲ୍‌ଥିଲା, ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ଥିଲା, ସମସ୍ତେ କାର୍ଯ୍ୟରେ ଲାଗିଥିଲେ । ସାରା ପୃଥିବୀରୁ ଆସିଥିବା ଛୋଟ ବଡ ପୁରୁଷ ମହିଳା ସମସ୍ତେ ଇସ୍‌ଲାମ୍ ପାଇଁ ପ୍ରତ୍ୟେକ ସେବାକାର୍ଯ୍ୟ କରିବାକୁ ପ୍ରସ୍ତୁତ ରହିଥିଲେ । ମୁଁ ଭାବୁଛି ଯେ ଆଜି ଇସ୍‌ଲାମ ଅହେମଦୀୟତ୍ ମାଧ୍ୟମରେ ପ୍ରସାର ପ୍ରଚାର ହେଉଅଛି । ଅହେମଦୀମାନେ ଜଣେ ଅନ୍ୟଜଣଙ୍କର ସାହାଯ୍ୟ କରୁଛନ୍ତି ଓ ସମସ୍ତଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି ଏବଂ ପୁଣି ସେ ମୋ ସମ୍ବନ୍ଧରେ କହିଲେ ଯେ ଆପଣ ଆମ ସରକାରପାଇଁ ଓ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରାର୍ଥନା କରାଇଲେ । ଏହା ଆମପାଇଁ ଏକ ବହୁତ ପଡ ସମ୍ପତି । ଜଲ୍‌ସା ସମୟରେ ଆମକୁ ବହୁତ ଭଲ ରୂପେ ସ୍ୱାଗତ କରାଗଲା ଓ ପୁଣି ଜଲ୍‌ସାରେ ଥିବା ସମସ୍ତ ଭାଷଣ ଗୁଡିକ ମଧ୍ୟ ଅତି ଉଚ୍ଚକୋଟୀର ଥିଲା ।

ପୁଣି ୟୁନାନ୍‌ରୁ ଚିଫ୍ ରବ୍‌ବି ଅଫ୍ ଏଥେନ୍‌ସ୍ ମିଷ୍ଟର୍ ଗାବ୍ରିୟାଲ୍ ନେଗ୍‌ରିନ୍ ସାହେବ୍ କହୁଛନ୍ତି ମୁଁ ଇଶ୍ୱରଙ୍କୁ ଧନ୍ୟବାଦ ଜଣାଉଛି ଯେ ମୋତେ ଏହି ଅବିସ୍ମରଣୀୟ ଆନ୍ତର୍ଜାତୀୟ ଜଲ୍‌ସାର ଅଂଶ ହେବାପାଇଁ ସୌଭାଗ୍ୟ ମିଳିଲା । ଜଲ୍‌ସାର ପରିବେଶ, ବ୍ୟବସ୍ଥାପକ ଏବଂ ଏ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନେ ପ୍ରତିକ୍ଷେତ୍ରରୁ ମନଖୋଲା କରି ପ୍ରେମ ସଭିଙ୍କ ପାଇଁ ଉକ୍ତିଟିକୁ ଉଜାଗର କରୁଥିଲେ । ଜଣେ ରିବା ହୋଇଥିବାରୁ ମୁଁ ଏଠାରେ ଅନ୍ୟଧର୍ମ ଓ ଆସ୍ଥା ପାଇଁ ସମ୍ମାନ ଅନୁଭବ କଲି । ପୁଣି କହୁଛନ୍ତି– ମୋତେ ଏହି ସମସ୍ତ ସମ୍ମାନୀୟ ଇମାମ୍‌ମାନେ ଖୋଲା ହୃଦୟରେ ସମ୍ମାନିତ କଲେ, ଯେଉଁମାନଙ୍କ ସହିତ ମୁଁ ଏଠାରେ ବାର୍ତାଳାପ କରିବାର ଅବସର ପାଇଲି । ପୁଣି କହୁଛନ୍ତି ଯେ ମଁ ବାସ୍ତବିକ ବହୁତ ଆନନ୍ଦିତ ଥିଲି ଯେ ମୁଁ ନିଜର ବିଶେଷ ଟୋପି (କିପାଃ) ମୁଣ୍ଡରେ ପିନ୍ଧି ନିର୍ଭୟ ଓ ନିର୍ଦ୍ୱନ୍ଦରେ ହଜାର ହଜାର ମୁସଲ୍‌ମାନ୍ ଭାଇମାନଙ୍କ ଗହଣରେ ଘୁରି ବୁଲୁଥିଲି ଏ ଏହା ବିଲ୍‌କୁଲ୍ ତାହାର ବିପରୀତ ଥିଲା, ଯାହା ବାକି ସ୍ଥାନରେ ମୋତେ ଦେଖିବାକୁ ମିଳିଥାଏ । ପୁଣି କହୁଛନ୍ତି ପ୍ରତିକ୍ଷେତ୍ରରୁ ମୋର ଧ୍ୟାନ ରଖାଗଲା । ମୋର ଖାଦ୍ୟ ମଧ୍ୟ ମୋର ମନ ମୁତାବକ୍କୁତ କରାଗଲା । ମୋର ଯେଉଁ ଉପାସନ କରିବାର ପଦ୍ଧତି ଅଛି ତାହାକୁ ମଧ୍ୟ ଆର୍ଜେଷ୍ଟ୍ କରାଗଲା । ଏହା କୌଣସି ସହଜ କାର୍ଯ୍ୟ ନଥିଲା କିନ୍ତୁ ଜଲ୍‌ସାର ବ୍ୟବସ୍ଥାପିକା ଓ ମୋର ଆତିଥିତା କରୁଥିବା ଲୋକମାନେ ଏହା ସବୁକିଛି ମୋ ପାଇଁ ହିଁ କଲେ ।

ପୁଣି ଜାପାନ୍‌ରୁ ବୌଦ୍ଧମତର ମନ୍ଦିରର ମୁଖ୍ୟ Yoshida Nichiko ସାହେବ୍ ଏ ଜଲ୍‌ସାରେ ସାମିଲ୍ ହୋଇଥିଲେ । ତାଙ୍କ ଅନୁସାରେ ମିଜି ସମ୍ରାଟଙ୍କ ମାଆ ତାଙ୍କ ଠାକୁରଙ୍କ ଅନୁଗାମୀ ଥିଲେ । ଟୋକିଓରେ ଅବସ୍ଥିତ ଥିବା ତାଙ୍କ ଠାକୁରଶାଳାରେ ମିଜି ସମ୍ରାଟଙ୍କ ମାଆଙ୍କର ପାଉଁଷ ମଧ୍ୟ ଦଫନ ହୋଇଛି । ସେ କହୁଛନ୍ତି ଯେ ଏ ଜଲ୍‌ସାର ପରିବେଶକୁ ଦେଖି ମନକୁ ବାସ୍ତବିକ ଶାନ୍ତି ମିଳୁଅଛି । ସମସ୍ତଙ୍କ ସୁରକ୍ଷା ପାଇଁ ଚେକିଂ ତ ହେଉଅଛି କିନ୍ତୁ ଏଠାରେ କୌଣସି ପ୍ରକାର ଝଗଡ଼ା ଦେଖିବାକୁ ମିଳିଲା ନାହିଁ । କୌଣସି ପ୍ରକାରର ଅସନ୍ତୁଷ୍ଟତା ଦେଖିବାକୁ ମିଳିଲା ନାହିଁ ।  ଖାଇବାଠାରୁ ନେଇ  ଭାଷଣ ପର୍ଯ୍ୟନ୍ତ ସବୁ ପ୍ରୋଗ୍ରାମ୍ ଗୁଡିକ ଅତ୍ୟନ୍ତ ସୁବ୍ୟବସ୍ଥିତ ଥିଲା ଏବଂ ପୁଣି ସେ ମୋ ଭାଷଣ ସମ୍ବନ୍ଧରେ କହୁଛନ୍ତି ଯେ ଏହା ଅତ୍ୟନ୍ତ ସମୟ ସାପେକ୍ଷ ଅନୁଭବ ହେଉଥିଲା । ବର୍ତମାନ ପ୍ରକୃତରେ ଏ ପୃଥିବୀକୁ ବୁଝାଇବାର ଆବଶ୍ୟକତା ରହିଛି ଯେ ଧର୍ମର ଉଚ୍ଚତମ ଚାରିତ୍ରିକ ଶିକ୍ଷା ସାହାଯ୍ୟରେ ଆମେ ଜଣେ ଅନ୍ୟଜଣକର ଅଧିକାରକୁ ପ୍ରଦାନ କରିପାରିବା । ପୁଣି କହୁଛନ୍ତି ଯେ ଜାପାନର ସମାଜ ମଧ୍ୟ ମାଆ ବାପା ଓ ପିଲାମାନଙ୍କ ମଧ୍ୟରେ ଥିବା ଦୂରତାର ସମସ୍ୟାରେ ଘାଂଟିହେଉଛନ୍ତି । ଯେତେଚେଷ୍ଟା କଲେ ମଧ୍ୟ ଆମେ ଏହି ସମସ୍ୟାର ମୁକାବିଲା କରିପାରୁନାହୁଁ ଏବଂ ସେ ପୁଣି କହୁଛନ୍ତି ଯେ ଆପଣଙ୍କ ଉପଦେଶାବଳୀ ଗୁଡିକ ଆମେ ଆମ ସମାଜରେ ମଧ୍ୟ ବ୍ୟବହାର କରି ସେଥିରୁ ଲାଭ ଉଠାଇପାରିବୁ ଓ ମୁଁ ମଧ୍ୟ ଲାଭ ଉଠାଇବା ପାଇଁ ଚେଷ୍ଟା କରିବି । ସେ ପୁଣି କହୁଛନ୍ତି ଇସ୍‌ଲାମ୍ ସମ୍ବନ୍ଧରେ ପୂର୍ବରୁ ମଧ୍ୟ ମୋର ଖରାପ ଧାରଣା ନଥିଲା କିନ୍ତୁ ଜଲ୍‌ସାର ପରିବେଶକୁ ଦେଖି ବିଶେଷ ରୂପେ ଏହି ବୟତ୍ ଉତ୍ସବ ସମୟ ଯେତେବେଳେ ଆସିଲା ମୁଁ ଆଉ ସମ୍ଭାଳିପାରିଲି ନାହିଁ । ତେଣୁ ମୁଁ ଏ ନିଷ୍ପତି କଲି ଯେ ଏ ପୃଥିବୀରେ ଶାନ୍ତି ପ୍ରତିଷ୍ଠା, ପ୍ରେମ ଓ ଭାଇଚାରା ଉପରେ ଆଧାରିତ ସମାଜର ନିର୍ମାଣ ନିମନ୍ତେ ମୋତେ ମୋର ହାତକୁ ଆପଣଙ୍କ ହାତରେ ଦେଇଦେବା ଉଚିତ୍ । ସୁତରାଂ ମୁଁ ମଧ୍ୟ ବୟତରେ ସାମିଲ୍ ହୋଇଗଲି । ମୁଁ ଆପରଙ୍କ ଲିଡର୍‌ସିପ୍‌କୁ ସ୍ୱୀକାର କରୁଅଛି ଓ ଏ ପ୍ରତିଶୃତି ଦେଉଛି ଯେ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପାଇଁ ଆପଣଙ୍କର ଯେଉଁ ଚେଷ୍ଟା ରହିଛି ମୁଁ ସେଥିରେ ଆପଣଙ୍କୁ ସାହାଯ୍ୟ କରିବି । ହଜୁର୍ କହୁଛନ୍ତି:– ଅର୍ଥାତ୍ ଏହାର ଅର୍ଥ ଏହା ନୁହେଁ କି ସେ ବୟତ କରିନେଲେ କିନ୍ତୁ ଏ ପୃଥିବୀରେ ଶାନ୍ତି ସ୍ଥାପନ ପାଇଁ ଯେଉଁ ଉଦ୍ଦେଶ୍ୟ ରହିଛି, ସେଥିପାଇଁ ସେ କହୁଛନ୍ତି ଯେ ମୁଁ ସବୁ ପ୍ରକାରରେ ଆପଣଙ୍କ ସହିତ ରହିଛି ।

ଆର୍ଜେଂଟାଇନ୍‌ରୁ ଜଣେ ଇସାଇ ମହିଳା ଆସିଥିଲେ । ତାଙ୍କ ନାମ ହେଉଛି ଯୁଦିସ୍ ସାହିବା । ତାଙ୍କା ସ୍ୱାମୀ ଦଶମାସ ପୂର୍ବରୁ ଅହେମଦୀୟତ୍ ଗ୍ରହଣ କରିଥିଲେ । ସେ କହୁଛନ୍ତି ଯେ ମୁଁ ପେଶାରେ ଜଣେ ଓକିଲ ଓ ଜଲ୍‌ସାର ଭାଷଣ ଗୁଡିକ ମଧ୍ୟରେ ମୋତେ ସବୁଠାରୁ ଇମାମ୍ ଜମାତ୍‌ଙ୍କର ଉଦ୍‌ଯାପନୀ ଭାଷଣ ବହୁତ ପସନ୍ଦ ଲାଗିଲା (ସେ ମୋ ଭାଷଣ ସମ୍ବନ୍ଧରେ କହୁଛନ୍ତି) ଯେଉଁଥିରେ ଆପଣ ବହୁତ ବ୍ୟାଖ୍ୟା କରି ବହୁତ ସୁନ୍ଦର ଶୈଳୀରେ ଇସ୍‌ଲାମୀୟ ଶିକ୍ଷା ଜରିଆରେ ପ୍ରତିଷ୍ଠା ହୋଇଥିବା ମାନବିକ ଅଧିକାର ଉପରେ ଆଲୋକପାତ କଲେ । ଜଲ୍‌ସାରେ ସାମିଲ୍ ହେବା ପୂର୍ବରୁ ମୁଁ କିଛି ବ୍ୟତିବ୍ୟସ୍ତ ଥିଲି ଓ କିଛି ସନ୍ଦେହ ମଧ୍ୟରେ ଥିଲା । ମୋର ଏ ଧାରଣା ଥିଲା ଯେ ଏତେ ମାତ୍ରାରେ ଲୋକେ ଏଠାରେ ଏକତ୍ରିତ ହେବେ । ତେଣୁ ନିଶ୍ଚିତ ରୂପେ କୌଣସି ଅସୁବିଧା ଉପୁଜିବ ଓ ଗଣ୍ଡଗୋଳ ମଧ୍ୟ ହେବ । କିନ୍ତୁ ଆପଣମାନଙ୍କର ଏକାଠି ହେବା ଆମମାନଙ୍କ ଏକାଠି ହେବାଠାରୁ ବିଲ୍‌କୁଲ୍ ଭିନ୍ନ ଥିଲା । ଲୋକମାନଙ୍କର ଭିଡ ଓ ଏତେ ବହୁତମାତ୍ରାରେ ଏକାଠି ହେବା ସତ୍ୱେ ମଧ୍ୟ ସର୍ବଦା ପ୍ରେମ, ଭଲପାଇବା ଏବଂ ଶାନ୍ତିର ମାହୋଲ୍ ଥିଲା । ଲୋକମାନଙ୍କ ଚେହେରାରେ ଅନବରତ ହସ ଥିଲା । ପୁଣି ସେ କହୁଛନ୍ତି ମୋର ଏ ଚିନ୍ତା ମଧ୍ୟ ଥିଲା ଜଲ୍‌ସାରେ ସାମିଲ୍ ହେବାପାଇଁ ମୋତେ ଇସ୍‌ଲାମୀୟ ପର୍ଦ୍ଦା କରିବା ପାଇଁ କୌଣସି ଧାର୍ଯ୍ୟ ନିର୍ଦ୍ଦେଶ ନ ଦିଆଯାଉ ବା କୌଣସି ଚାପ ନ ପକାଯାଉ । କିନ୍ତୁ ଆରମ୍ଭରୁ ନେଇ ଶେଷ ପର୍ଯ୍ୟନ୍ତ ମୁଁ ନିଜକୁ ଆପଣମାନଙ୍କ ଗହଣରେ ବିନା କୌଣସି ଇସ୍‌ଲାମୀୟ ପର୍ଦ୍ଦା କରି ବହୁତ ସହଜ ଅନୁଭବ କଲି ଏବଂ ଆପଣମାନଙ୍କର ମହିଳାମାନେ ଓ ପୁରୁଷମାନେ ମଧ୍ୟ ମୋ ସହିତ ବହୁତ ଭଦ୍ର ବ୍ୟବହାର କରୁଥିଲେ ବରଂ ମୋତେ ଏପରି ଅନୁଭବ ହେଉଥିଲା କି ଆପଣମାନେ ଅନ୍ୟମାନଙ୍କ ଅପେକ୍ଷା ମୋର ଅଧିକ ଧ୍ୟାନ ରଖୁଛନ୍ତି ।

ଲାଇବେରିଆ ଦେଶର ପୋଷ୍ଟ ଆଣ୍ଡ୍ ଟେଲି କମ୍ୟୁନିକେସନ୍ ମନ୍ତ୍ରୀ କୁପର୍ ଡବ୍ଲ୍ୟୁ କୁର୍‌ଓ୍ୱାଃ ଏ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି ଜଲ୍‌ସାର ବିଭିନ୍ନ ପ୍ରୋଗ୍ରାମ୍ ଗୁଡିକ ଏପରି ସୁନ୍ଦର ଭାବେ ଅନୁଷ୍ଠିତ କରାଯାଇଥିଲା ଯେ ମୋତେ ତା ମଧ୍ୟରେ କୌଣସି ପ୍ରକାରର ତୃଟି ପରିଲକ୍ଷିତ ହେଲାନାହିଁ ଏପରିକି ଜଲ୍‌ସାର ବ୍ୟବସ୍ଥା ଗୁଡିକ ମଧ୍ୟରେ କିଛି ବିଭାଗ ଉଦାହରଣ ସ୍ୱରୂପ ପବ୍ଲିକ୍ ରିଲେସନ୍‌ଠାରୁ ନେଇ ରୋଷେଇଶାଳା ପର୍ଯ୍ୟନ୍ତ ଗୋଟିଏ ଆରେକ ସହିତ ଯୋଡି ହୋଇ ରହିଥିଲେ । ସବୁଠାରୁ ବଡ କଥା ହେଉଛି ସମସ୍ତ ବ୍ୟବସ୍ଥା ସ୍ୱଚ୍ଛେସେବୀ ଟିମ୍‌ମାନେ ହିଁ ସମ୍ପାଦନ କରୁଥିଲେ, ଯେଉଁମାନେ ଏକ ଭାଇଚାରା ପରିବେଶରେ ଜଣେ ଅନ୍ୟମାନଙ୍କ ସହିତ ମିଳିମିଶି କାର୍ଯ୍ୟ ତୁଲାଉଥିଲେ । ମୁଁ ମୋ ଜୀବନରେ ଏହା ପୂର୍ବରୁ ନିଜ ନିଜର ଡ୍ୟୁଟି ସହିତ ଏପରି କମିଟିମେଂଟ୍ କେବେ ଦେଖିନାହିଁ ଯେଉଁଭଳି ଏହି ସ୍ୱେଚ୍ଛାସେବୀ କର୍ମୀମାନେ ନିଜ ନିଜର କର୍ତବ୍ୟ ପ୍ରତି କମିଟେଡ୍ ଥିଲେ । ଜଲ୍‌ସାର ପ୍ରୋଗ୍ରାମ୍ ସମୟରେ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କ ତରଫରୁ ମଧ୍ୟ ଜଣେ ଅନ୍ୟଜଣକ ପାଇଁ ସମ୍ମାନ ଓ ଭାଇଚାରାର ଭାବ ଦେଖିବାକୁ ମିଳିଲା । ୩୯୦୦୦ ରୁ ଅଧିକା ଲୋକଙ୍କ ପାଇଁ ଏତେ ବ୍ୟାପକ ରୂପେ ଯେଉଁ ବ୍ୟବସ୍ଥା ହୋଇଥିଲା ତାହା ଶୃଙ୍ଖଳାର ସହିତ ସୁଚାରୁରୂପେ ବିନା କୌଣସି ବାଧାବିଘ୍ନରେ କ୍ରମ ମୁତାବକ ଅନୁଷ୍ଠିତ ହୋଇଥିବା ଯୋଗୁ ମୁଁ ବହୁତ ଆଶ୍ଚର୍ଯ୍ୟ ହେଲି ।

ପୁଣି ପାରାଗୁଏରୁ ଜଣେ ମହିଳା ଅତିଥି ଆସିଥିଲେ, ଯିଏ ୟୁନିଭର୍‌ସିଟିରେ ଓରିଏଂଟାଲ୍ ଷ୍ଟଡିଜ୍‌ର ପ୍ରଫେସର୍ ଅଛନ୍ତି । ସେ କହୁଛନ୍ତି ମୁଁ ୩୦ବର୍ଷରୁ ଅଧିକ ହେବ ଇସ୍‌ଲାମୀୟ ଦେଶ ଓ ଇସ୍‌ଲାମୀୟ ସଂଗଠନ ଗୁଡିକ ଅଧ୍ୟୟନ କରୁଅଛି । ଆପଣମାନଙ୍କ ଜଲ୍‌ସାରେ ସାମିଲ୍ ହୋଇ ଦୁଇଟି ସ୍ୱତନ୍ତ୍ର କଥା ମୋତେ ଦେଖିବାକୁ ମିଳିଲା ଯାହା ଆଉ କେଉଁଠାରେ ମୋତେ ଦେଖିବାକୁ ମିଳିନାହିଁ । ପ୍ରଥମ କଥା ହେଉଛି ଏହା କି ଜମାତ୍‌ର ଏକତା ଓ ଜଣେ ମାତ୍ର ଲିଡର୍‌ଙ୍କ ନିର୍ଦ୍ଦେଶ ଅନୁସାରେ ଐକ୍ୟ ମନୋଭାବରେ କାର୍ଯ୍ୟ କରିବାର ଉଦାହରଣ ଆଉ କେଉଁଠି ଦେଖିନାହିଁ । ମୁରବୀ ମାନଙ୍କଠାରୁ ନେଇ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସ୍ୱେଚ୍ଛାସେବକମାନଙ୍କ ଡ୍ୟୁଟି ତାହା ଖାଇବା ପରିବେଷଣକାରୀ ହୁଅନ୍ତୁ ବା ଗାଡି ଡ୍ରାଇଭର୍ ହୁଅନ୍ତୁ ସମସ୍ତଙ୍କଠାରେ ଗୋଟିଏ କଥାର ସମାନତା ଥିଲା । ପ୍ରତ୍ୟେକ ନିଜ ଖଲିଫାଙ୍କ ଆଜ୍ଞାବହ ଓ ଖଲିଫାଙ୍କ ସହିତ ନିଷ୍ଠାଭାବ ଦେଖାଇବାରେ ଅସାଧାରଣ ସମ୍ବନ୍ଧ ରଖିଥିଲେ । ହଜୁର୍ ଅନୁଓ୍ୱର୍ କହୁଛନ୍ତି:– ସୁତରାଂ ଏହା ହେଉଛି ସ୍ତର ଯାହାକୁ ଆମ ବନ୍ଧୁମାନେ ମଧ୍ୟ ଦେଖୁଛନ୍ତି, ସେହିପରି ଏକଥା ଈର୍ଶାଳୁମାନଙ୍କୁ ମଧ୍ୟ ଦେଖାଯାଉଛି । ଏଥିପାଇଁ ଈର୍ଶାଳୁମାନେ ପୁଣି ବିଭ୍ରାଟ ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛନ୍ତି । ତେଣୁ ଏହା ହେଉଛି ସେହି କଥା ଯାହାକୁ ଆମେ ଆଜି ନିଜର କାର୍ଯ୍ୟରେ ମଧ୍ୟ ଓ ପ୍ରାର୍ଥନା ଦ୍ୱାରା ମଧ୍ୟ ସୁରକ୍ଷା କରିବା ।

ପୁଣି ସେ କହୁଛନ୍ତି ଦ୍ୱିତୀୟ କଥାଟି ହେଉଛି ଏହା କି ଏ ଜମାତ୍‌ରେ କୌଣସି ପ୍ରକାରର ଜାତିପ୍ରଥା ମିଳୁନାହିଁ । ଜନ୍ମଗତ ଅହେମଦୀ ହୁଅନ୍ତୁ ବା ନୁଆ ଅହେମଦୀ ହୁଅନ୍ତୁ, ଆରବୀୟ ହୁଅନ୍ତୁ ବା ଅଣ ଆରବୀୟ ହୁଅନ୍ତୁ, ପାକିସ୍ତାନୀ ହୁଅନ୍ତୁ ବା ଅଣପାକିସ୍ତାନୀ ହୁଅନ୍ତୁ । ଆପଣଙ୍କର ଜମାତ୍‌ର ନେଜାମ୍ (ବ୍ୟବସ୍ଥା) ସବୁ ପ୍ରକାରର ରେସିଜିମ୍ (ଜାତିପ୍ରଥା) ଓ ଜାତୀୟ ବିଦ୍ୱେଷ ଭାବରୁ ପବିତ୍ର ଜଣାପଡୁଛି ।

ହଜୁର୍ ଅନୁଓ୍ୱର୍ କହୁଛନ୍ତି:– ତେଣୁ ଏହା ହେଉଛି ସେହି ସବୁ ସୁଗୁଣ ଯେ କେବଳ ଏତିକି ନୁହେଁ କି ପ୍ରକାଶ୍ୟରେ କିଛି ଦିନ ପାଇଁ ଆମେ ଏହାକୁ ଦେଖାଇବା ବରଂ ଏହା ସର୍ବଦା ଆମ ମଧ୍ୟରେ ରହିବା ଉଚିତ୍ ଓ ଏହା ହିଁ ଶେଷ ବାର୍ତା ଥିଲା ଯାହାକୁ ଆଁ ହଜ୍‌ରତ୍ ସ:ଆ:ସ ଆମପାଇଁ ଦେଇଥିଲେ ଯେ ଗୋରାକୁ କଳା ଉପରେ ଓ କଳାକୁ ଗୋରା ଉପରେ, ଆରବୀକୁ ଅଣ ଆରବୀ ଉପରେ ଏବଂ ଅଣ ଆରବୀଙ୍କୁ ଆରବୀଙ୍କ ଉପରେ କୌଣସି ଅଗ୍ରାଧିକାର ନାହିଁ । ଜଣେ ମନୁଷ୍ୟ ହୋଇଥିବାରୁ ସମସ୍ତେ ହେଉଛନ୍ତି ସମାନ ।

ପୁଣି ମରାକିଶ୍‌ର ଜଣେ ବନ୍ଧୁ ଯିଏ ଦର୍ଶନଶାସ୍ତ୍ରରେ ପ୍ରଫେସର ଅଛନ୍ତି ସେ କହୁଛନ୍ତି ଯେ ଏ ଜଲ୍‌ସାରୁ ଆମେ ବହୁତ ଭଲ ପ୍ରଭାବ ଗ୍ରହଣ କରିଛୁ । ଏହାଦ୍ୱାରା ଜମାତ୍‌କୁ ନିକଟରୁ ଦେଖିବା ପାଇଁ ବହୁତ ଭଲ ଅବସର ଥିଲା । ଆମେ ଏହି ଆନ୍ତର୍ଜାତୀୟ ସମ୍ମିଳନୀରେ ଜମାତ୍‌ର ବହୁତ ସୁଦୃଢ଼ ବ୍ୟବସ୍ଥା, ବଂଟନ କାର୍ଯ୍ୟ ଏବଂ ଅତିଥିମାନଙ୍କର ସୁନ୍ଦର ସ୍ୱାଗତକୁ ଦେଖିବାକୁ ପାଇଲୁ । ଏହିପରି ଜମାତ୍ ଅହେମଦୀୟାର ଉଚ୍ଚତମ ଚରିତ୍ର ବିଷୟରେ ଆମକୁ ଜଣାପଡିଲା, ଯାହା ଇସ୍‌ଲାମ୍ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ଶିକ୍ଷାର ଅନୁରୂପ ପ୍ରତିଛବି ଅଟେ । ଏହି ଜଲ୍‌ସା ଜରିଆରେ ବିରୋଧିମାନଙ୍କ ପ୍ରପୋଗଣ୍ଡାର ମିଥ୍ୟା ମଧ୍ୟ ଆମ ଉପରେ ଉନ୍ମୋଚନ ହେଲା । ସେମାନେ ଏହି ଐଶ୍ୱରିକ ଜମାତ୍ ସହିତ ଅନ୍ୟଥା ବିଦ୍ୱେଷଭାବ ଓ ଶତୃତା ରଖୁଛନ୍ତି । ଅଲ୍ଲାଃତାଲା ଆପଣମାନଙ୍କୁ ମାନବ ଜାତିର ସେବା କରିବା ପାଇଁ ଶକ୍ତି ପ୍ରଦାନ କରି ଚାଲନ୍ତୁ ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ସଂସାର ପ୍ରାପ୍ତ କରିବାର ଅସଲ ଉଦ୍ଦେଶ୍ୟ ଦୀନ୍ (ଅର୍ଥାତ୍ ଧର୍ମ) ହେଉ ଓ ଏଭଳି ଭାବେ ସଂସାରକୁ ପ୍ରାପ୍ତ କରାଯାଉ ଯେ ତାହା ଦୀନ୍‌ର ଖାଦିମ୍ ଅର୍ଥାତ୍ ସେବକ ହେଉ ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Siddique Ahmed & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family, Jamat Ahmadiyya, Pankal (Odisha)*

ପୁଣି ଗିନିକନାକରିରୁ ଅଲ୍‌ହାଜ୍ ମୁହମ୍ମଦ୍ ଓ୍ୱକିଲ୍ ୟାତାରା ସାହେବ୍ ଯିଏ ଧର୍ମ ସମ୍ବନ୍ଧୀୟ ମାମଲାରେ ଇନିସ୍‌ପେକ୍ଟର୍ ଜେନେରାଲ୍ ଅଛନ୍ତି । ସେ କହୁଛନ୍ତି ଯେ ଜଲ୍‌ସାର ଏହି ତିନିଦିନରେ ଯେଉଁ କଥା ମୋତେ ବହୁତ ପ୍ରଭାବ ପକାଇଛି ତାହା ହେଉଛି ଅହେମଦୀ ଲୋକମାନଙ୍କର ତର୍‌ବିୟତ୍ (ସଂସ୍କାର) କେବଳ ଇସ୍‌ଲାମୀୟ ଶିକ୍ଷା ମୁତାବକ କରାଯାଇଛି ଓ ଯେଉଁ ସମସ୍ତ ଅହେମଦୀମାନେ ଏଠାରେ ଏକତ୍ରିତ ହୋଇଛନ୍ତି, ଏପରି ଲାଗୁଛି କି ଏମାନେ ସମସ୍ତେ ଇସ୍‌ଲାମୀୟ ଭାଇଚାରାର ଏକ ଉଚ୍ଚତମ ଦୃଷ୍ଟାନ୍ତ । ଗୋଟିଏ ମାଆର ସନ୍ତାନ ଓ ଗୋଟିଏ ଘରୁ ହିଁ ଏମାନେ ଆସୁଛନ୍ତି । ଅସାଧାରଣ ଶୃଙ୍ଖଳା ବ୍ୟବସ୍ଥା, ସ୍ୱେଚ୍ଛାସେବୀମାନଙ୍କ ହସ ହସ ଚେହେରା ଏବଂ ଜଲ୍‌ସାଗାଃ ଭିତରକୁ ବିନା କୌଣସି କଷ୍ଟ ଦେଇ ଯିବା ଆସିବା କରିବା ଏପରି ଲାଗୁଥିଲା ଯେପରି ଏମାନେ କୌଣସି ଆକାଶୀୟ ଜୀବ ଅଟନ୍ତି । ଏହା ସବୁକିଛି ଦେଖି ଏପରି ଲାଗୁଥିଲା ଯେ ଆଜି ଯଦି କୌଣସି ଜମାତ୍ ଇସ୍‌ଲାମ୍ ନାମରେ ନାମିତ ହୋଇପାରିବ ତେବେ ତାହା ହେଉଛି ଅହେମଦୀୟା ଜମାତ୍ । ସେ ପୁଣି କହୁଛନ୍ତି ମୋତେ ଅନ୍ୟ ଇସ୍‌ଲାମୀୟ ଦେଶମାନଙ୍କ ବ୍ୟତୀତ ସାଉଦି ଆରବ ମଧ୍ୟ ବାରମ୍ବାର ଯିବାପାଇଁ ମୌକା ମିଳିଛି । କିନ୍ତୁ ମୁଁ ବହୁତ ଦୃଢ଼ତାର ସହିତ କହୁଅଛି ଯେ ମୋତେ ଇସ୍‌ଲାମୀୟ ଭାଇଚାରା ଦ୍ୱାରା ପରିପୂର୍ଣ୍ଣ ପରିବେଶ ଏପରି ଆଉ କେଉଁଠାରେ ଦେଖିବାକୁ ମିଳିନାହିଁ । ମୋତେ ଏକଥା କହିବାରେ କିଛି ମଧ୍ୟ ଦ୍ୱିଧା ନାହିଁ ଯେ ପାଖାପାଖି ୪୦ହଜାର ଲୋକଙ୍କୁ ଗୋଟିଏ ସ୍ଥାନରେ ଏକାଠି କରିବା ଓ ଅନବରତ ଇସ୍‌ଲାମୀୟ ଶିକ୍ଷାକୁ ପ୍ରଚାର କରିବା ଏବଂ ବିନା କୌଣସି ଗଣ୍ଡଗୋଳ ଓ ବିଭ୍ରାଟ ଦଳାଚକଟାରେ ଅଲ୍ଲାଃତାଲାଙ୍କ ରସୁଲ୍‌ଙ୍କ ପ୍ରେମରେ ଏପରି ଦିନ ବିତାଇବା ଅହେମଦୀୟା ଜମାତ୍‌ର ହିଁ ସ୍ୱତନ୍ତ୍ରତା ।

ପୁଣି ଜଣେ ମହିଳା ଅତିଥି ଫାନତା ଫୌଫାନା ଉମର୍ ସାହିବା ଯିଏ କଷ୍ଟମ୍ ଏୟାର୍‌ପୋର୍ଟ୍ ଗିନିକନାକରିରେ ଲେଫ୍‌ଟ୍‌ନାଂଟ୍ ଅଛନ୍ତି, ସେ ମଧ୍ୟ ବୟତ କରିଛନ୍ତି । ନୌମୁବାଇୟା (ଅର୍ଥାତ୍ ନୂତନ ଅହେମଦୀ ମହିଳା) ଅଟନ୍ତି । ସେ କହୁଛନ୍ତି ଯେ ମୁଁ ଯଦିଚ ଅହେମଦୀୟା ଶିକ୍ଷାରେ ଅନୁପ୍ରାଣିତ ହୋଇ ଅହେମଦୀ ତ ହୋଇଯାଇଥିଲି କିନ୍ତୁ ମନ ଭିତରେ ଏ ଭୟ ଥିଲା ଯେ କାଳେ ମୋ ଦ୍ୱାରା କୌଣସି ଭୁଲ୍ ନିଷ୍ପତି ତ ହୋଇଯାଇନି କାରଣ ଗିନିରେ ଜମାତ୍‌ର ମୁଖାଲିଫତ୍ (ବିରୋଧ) ଓ ଜମାତ୍ ସହିତ ହେଉଥିବା ମିଥ୍ୟା ପ୍ରପଗଣ୍ଡାକୁ ଦେଖି ମୁଁ ବେଳେବେଳେ ବ୍ୟତିବ୍ୟସ୍ତ ହୋଇଯାଉଥିଲି କିନ୍ତୁ ଆଜି ଯେତେବେଳେ ମୁଁ ଏହି ଜଲ୍‌ସାସାଲାନା ୟୁ.କେରେ ସାମିଲ୍ ହୋଇଛି ତେବେ ମୁଁ ଖୁଦାଙ୍କ ରାଣ ଖାଇ କହିପାରେ ଯେ ମୋର ସବୁତକ ଶଙ୍କା ଓ ସନ୍ଦେହ ଦୂର ହୋଇଗଲା ଓ ଏ ଜଲ୍‌ସାରେ ସାମିଲ୍ ହୋଇ ମୋତେ ବିଶ୍ୱାସ ହୋଇଗଲା ଯେ ଏ ଦୁନିଆରେ ଆଜି ଯଦି କୌଣସି ଜମାତ୍ ଇସ୍‌ଲାମ୍‌ର ପ୍ରତିନିଧିତ୍ୱ କରିପାରେ ତେବେ ତାହା ହେଉଛି ଜମାତ୍ ଅହେମଦୀୟା ମୁସ୍‌ଲିମା । ପୁଣି ସେ କହୁଛନ୍ତି ଯେ ଯଦି ମୋତେ ଜଲ୍‌ସାର ଭିଡିଓ ମିଳିଯାଏ ତେବେ ମୁଁ ମୋର ସମସ୍ତ ପରିବାର ବର୍ଗଙ୍କୁ ଏହି ସତ୍ୟତା ଓ ବାସ୍ତବିକତା ବିଷୟରେ ପରିଚୟ କରାଇବାକୁ ଚାହିଁବି । ଶେଷରେ ପ୍ରାର୍ଥନା କରିବା ପାଇଁ ନିବେଦନ କରିବି ଅଲ୍ଲାଃତାଲା ମୋର ସମସ୍ତ ପରିବାରବର୍ଗଙ୍କୁ ଅହେମଦୀୟତ୍ ଓ ପ୍ରକୃତ ଇସ୍‌ଲାମ୍‌ରେ ସହୃଦୟତାର ସହିତ ପ୍ରବେଶ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ପୁଣି ଶାନ୍ତଲ୍ ମାର୍ଥା ଇତାଲି ଯିଏ ଗେବୁନ୍‌ଠାରେ ବେନିନ୍‌ରେ କାଉନ୍‌ସିଲର୍ ଜେନେରାଲ୍ ଅଛନ୍ତି ସେ କହୁଛନ୍ତି ଯେ ଏହା ପୂର୍ବରୁ ୫୦ତମ ଜଲ୍‌ସାସାଲାନାରେ ମୁଁ ସାମିଲ୍ ହୋଇଥିଲି । ଏବେ ମୁଁ ୫୩ତମ ଜଲ୍‌ସାସାଲାନାରେ ବହୁତ ଆନନ୍ଦିତ ହୋଇ ଓ ମନର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜ୍ଞାପନ କରି ସାମିଲ୍ ହେଉଅଛି । ପୂର୍ବରୁ ମଧ୍ୟ ଏହା ଅନୁଭବ ହୋଇଥିଲା ଯେ ଏହା ଏକ ଆଧ୍ୟାତ୍ମିକ ପରିବେଶ ଏବଂ ସେହି ଆଧ୍ୟାତ୍ମିକ ପରିବେଶ ଓ ସମସ୍ତଙ୍କ ପାଇଁ ଥିବା ପୁଣ୍ୟ ମନୋଭାବ ଆଜି ମଧ୍ୟ ରହିଛି । ସମସ୍ତ ଛୋଟ ବଡ, ଯୁବକ, ବୁଢ଼ା ମହିଳା ପିଲାମାନେ ବହୁତ ପ୍ରେମର ସହିତ ବ୍ୟବହାର କରୁଛନ୍ତି । ଯେଉଁଠି ବ୍ୟବସ୍ଥା ସମ୍ପର୍କରେ କଥା ଉଠୁଛି ସେ ବିଷୟରେ କହିବା ପାଇଁ ଭାଷା ନାହିଁ । ଜମାତ୍ ଅହେମଦୀୟାର ସ୍ୱେଚ୍ଛାସେବୀ ମାନଙ୍କର ଯେଉଁ ବ୍ୟବସ୍ଥା ରହିଛି ତାହା ନିଜେ ହେଉଛି ନିଜର ଦୃଷ୍ଟାନ୍ତ । ପ୍ରତ୍ୟେକ ବସ୍ତୁ ଯଥା ସ୍ଥାନରେ ଥିଲା । ପ୍ରତ୍ୟେକ ଜିନିଷର ସ୍ତର ଉନ୍ନତ ମାନର ଥିଲା ଏବଂ ପ୍ରତ୍ୟେକଙ୍କ ନିକଟରେ, ପ୍ରତ୍ୟେକ ସ୍ୱେଚ୍ଛାସେବୀ କର୍ମୀମାନଙ୍କଠାରେ ବିନମ୍ରତା ଭରି ରହିଥିଲା । ସେବା ମନବୃତିର ଭାବନାରେ ସେମାନେ ପରିପୁର୍ଣ୍ଣ ଥିଲେ ଓ ସବୁ ପ୍ରକାରର ସେବା କରିବା ପାଇଁ ଉପସ୍ଥିତ ଥିଲେ । ମୁଁ ନିଜକୁ ମଧ୍ୟ ଏହିପରି ବେଶର ଏକ ଅଂଶ ବିଶେଷ ରୂପେ ବିବେଚନା କରିବାକୁ ଲାଗିଲି । କୌଣସି ପ୍ରକାରର ଅପରିଚିତତା ଅନୁଭବ ହେଲାନହିଁ । ଭାଷଣଗୁଡିକ ମଧ୍ୟ ଅତି ଉତମ ଏବଂ ସୁସିକ୍ଷାରେ ପରିପୂର୍ଣ୍ଣ ଥିଲା । ଆତିଥ୍ୟତା ବହୁତ ଉଚ୍ଚକୋଟୀର ଥିଲା । ପ୍ରଦର୍ଶନୀ ଦେଖିବା ପାଇଁ ମୋତେ ମୌକା ମିଳିଲା । ପ୍ରଦର୍ଶୀନ ଗୁଡିକ ମଧ୍ୟ ବହୁତ ଉଚ୍ଚ ସ୍ତରର ଥିଲା । ସେ ପୁଣି କହୁଛନ୍ତି ଯେ ଅହେମଦୀୟତ୍‌ର ଇତିହାସକୁ ଭଲ ଭାବେ ବୁଝିବା ପାଇଁ ଏହାଦ୍ୱାରା ବହୁତ ଲାଭ ମିଳିଲା । ପ୍ରଦର୍ଶନୀ ଗୁଡିକ ବହୁତ ଜ୍ଞାନବର୍ଦ୍ଧକ ଥିଲା ଓ ପୁଣି ଜମାତ୍‌ରେ ଲୋକମାନଙ୍କରା ପ୍ରତି ଯେଉଁ ସେବା ମନୋଭାବ ରହିଛି ସେଗୁଡିକ ଜାଣିବା ପାଇଁ ମୌକା ମିଳିଲା ।

କୋମ୍‌ଲାନ୍ ପିତ୍‌ରସ୍ ସାହେବ୍ ଯିଏ ବେନିନ୍‌ର ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଅଛନ୍ତି ଏବଂ ଫାଇନାନ୍‌ସ୍ କିମଶନ୍‌ର ମୁଖ୍ୟ ମଧ୍ୟ ଅଛନ୍ତି ସେ କହୁଛନ୍ତି ଯେ ଏ ଜଲ୍‌ସାରେ ମୁଁ ପ୍ରଥମଥର ପାଇଁ ସାମିଲ୍ ହୋଇଛି । ବହୁତ ପ୍ରଭାବିତ ହେଲି । ଯେତେବେଳେ ମୁଁ ବେନିନ୍‌ରୁ ଏହି ଜଲ୍‌ସାରେ ଯୋଗଦେବା ପାଇଁ ବାହାରୁଥିଲି, ମୁଁ ବିଲ୍‌କୁଲ୍ ଏ ଚିନ୍ତା କରିନଥିଲି ଯେ ଏତେ ବଡ ଓ ଏତେ ମହାନ୍ ଜଲ୍‌ସାରେ ମୁଁ ସାମିଲ୍ ହେବାପାଇଁ ଯାଉଛି ବୋଲି ଓ ଜଲ୍‌ସାରେ ପ୍ରତ୍ୟେକ ସ୍ତରର ଲୋକମାନେ ସାମିଲ୍ ହୋଇଥିଲେ । କିନ୍ତୁ ଏହା ସତ୍ୱେ ମଧ୍ୟ ମୁଁ କାହା ଚେହେରାରେ ଅସନ୍ତୋଷର ଭାବ ଦେଖିବାକୁ ପାଇନାହିଁ । ଏମାନେ ମୋର ବହୁତ ଧ୍ୟାନ ରଖିଛନ୍ତି । ମୁଁ ଏୟାର୍‌ପୋର୍ଟ୍‌ରୁ ଓହ୍ଲାଇବାଠାରୁ ନେଇ ମୋର ଆତିଥ୍ୟତା ପର୍ଯ୍ୟନ୍ତ ଛୋଟରୁ ବଡ ସମସ୍ତେ ବହୁତ ସେବା କରିଛନ୍ତି ଓ ସମସ୍ତେ ନିଜର ଆରାମ୍‌କୁ ପରିତ୍ୟାଗ କରି ଏପରି ଲାଗୁଥିଲା ଯେ ଅତିଥିମାନଙ୍କ ସେବା ପାଇଁ ସେମାନେ ନିଜକୁ ଉତ୍ସର୍ଗ କରିଦେଇଛନ୍ତି ଓ ପୁଣି କହୁଛନ୍ତି ଯେ ଭିନ୍ନ ଭିନ୍ନ ସଂସ୍କୃତି, ବିଭିନ୍ନ ଭାଷା, ବିଭିନ୍ନ ଜାତି ଓ ବର୍ଣ୍ଣ ସମସ୍ତଙ୍କ ପାଇଁ ବିନା କୌଣସି ପୋଲିସ୍ ଓ ସେନା ସାହାଯ୍ୟରେ ଆପଣମାନେ କିପରି ଶୃଙ୍ଖଳା ବ୍ୟବସ୍ଥା ବଜାୟ ରଖିଛନ୍ତି ? ଓ କିପରି ବିନା କୌଣସି ଗଣ୍ଡଗୋଳ ଓ ଲଢ଼େଇ ଝଗଡାରେ ଏତେ ବଡ ବ୍ୟବସ୍ଥା କରିପାରିଛନ୍ତି ? ପୁଣି ମୁଁ ଭାବୁଛି ଯେ ଏହା କିପରି ସମ୍ଭବ ହେଲା ଯେ ଏତେମାତ୍ରାରେ ବିଭିନ୍ନ ପ୍ରକାରର ଲୋକ ଏଠାରେ ଥିବା ସତ୍ୱେ କୌଣି ପ୍ରକାର ଝଗଡା ହେଲାନାହିଁ ? ସେ ପୁଣି କହୁଛନ୍ତି ମୁଁ ଭାବିବାର ଫଳ ଏହା ବାହାରିଲା ଯେ ଅବଶ୍ୟ ଯାହା ସବୁକିଛି ଦେଖାଯାଉଛି ତାହାସବୁ ଆପଣଙ୍କର ପରିଶ୍ରମ ଏବଂ ଜମାତ୍ ଅହେମଦୀୟା ସହିତ ଇଶ୍ୱରଙ୍କର ଯେଉଁ ସାହାଯ୍ୟ ସହଯୋଗ ରହିଛି, ସେଥିଯୋଗୁ ସମ୍ଭବ ହୋଇପାରିଛି । ପୁଣି ସେ ମୋ ଭାଷଣ ସମ୍ବନ୍ଧରେ କହୁଛନ୍ତି ଆନ୍ତର୍ଜାତୀୟ ଶାନ୍ତି ନିମନ୍ତେ ଏହା ଅତ୍ୟନ୍ତ ଜରୁରୀ ଅଟେ । ପୁଣି ପ୍ରଦର୍ଶନୀ ଗୁଡିକ ବହୁତ ଭଲ ଲାଗିଲା । ଏ ସବୁରେ ଜମାତ୍ ଅହେମଦୀୟାର ଇତିହାସକୁ ପ୍ରଦର୍ଶନ କରାଯାଇଥିଲା । ଅହେମଦୀୟତ୍ ପାଇଁ ଶହିଦ୍ ହୋଇଥିବା ବ୍ୟକ୍ତି ବିଶେଷଙ୍କ ଘଟଣାବଳୀ ଶୁଣି ମୋତେ ବହୁତ ଦୁଃଖ ଲାଗିଲା ଏବଂ ଏହି ଜଲ୍‌ସାରେ ମୋତେ ବହୁତ କିଛି ଜାଣିବାକୁ ମିଳିଲା ।

ଗେବୁନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ପାଓ୍ୱଲ ବେଓ୍ୱଗେ ସାହେବ୍ ଏ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି ଯେ ଶହେରୁ ଅଧିକା ଦେଶର ଲୋକେ ହଜାର ହଜାର ସଂଖ୍ୟାରେ ଏହି ଜଲ୍‌ସାରେ ସାମିଲ୍ ହେଲା ମୋ ପାଇଁ ଏକ ନିଆରା ଅନୁଭବ ଥିଲା । ଏହି ସବୁ ଲୋକମାନଙ୍କର ଆବଶ୍ୟକତାକୁ ଖିଆଲ ରଖିବା ପାଇଁ ସ୍ୱେଚ୍ଛାସେବୀ କର୍ମୀମାନଙ୍କର ଏକ ବହୁତ ବଡ ଦଳ ଦିନ ରାତି କାମ କରିଛନ୍ତି । ଛୋଟ, ବଡ, ବୁଢ଼ା, ପିଲା, ମହିଳା ପ୍ରତ୍ୟେକ ଜଣେ ଅନ୍ୟଜଣକ ସେବା କରିବାରେ ପ୍ରତିକ୍ଷଣ ପ୍ରସ୍ତୁତ ହୋଇ ରହୁଥିଲେ । ଏଠାରେ କୌଣସି ପ୍ରକାରର ମନ୍ଦ ଘଟଣା ଘଟିଲା ନାହିଁ ଓ ଜଲ୍‌ସାରେ ପରିବେଷଣ ହୋଇଥିବା ଭାଷଣ ଗୁଡିକରୁ ମୋତେ ଇସ୍‌ଲାମ୍ ଏବଂ ବିଶେଷ ରୂପେ ଅହେମଦୀୟତ୍ ସମ୍ବନ୍ଧରେ ବହୁତ କିଛି ଜାଣିବା ପାଇଁ ମୌକା ମିଳିଲା । ଆମ ଦେଶ ଗେବୁନ୍‌ରେ ଜମାତ୍ ଅହେମଦୀୟା ଏବେ ନୂଆ । ମୁଁ ଅହେମଦୀୟତ୍‌କୁ ମଧ୍ୟ ଅନ୍ୟ ମୁସଲ୍‌ମାନଙ୍କ ପରି ଭାବୁଥିଲି । କିନ୍ତୁ ଯେବେ ମୋତେ ଜଲ୍‌ସାସାଲାନାରେ ସାମିଲ୍ ହେବାପାଇଁ ନିମନ୍ତ୍ରଣ ଦିଆଗଲା ସେତେବେଳେ ମୁଁ ଚିନ୍ତା କଲି ଯେ ମୁଁ ନିଜେ ଯାଇ ଦେଖିବି ଯେ ଏମାନେ କେଉଁ ପ୍ରକାରର ଲୋକ ଅଟନ୍ତି । କଣ ଅହେମଦୀୟତ୍‌ର ଇସ୍‌ଲାମ୍ ମଧ୍ୟ ସେହିପରି, ଯେପରି ଆମେ ଟି.ଭି ମାଧ୍ୟମରେ ଦେଖୁଅଛେ, ଯାହା ଏ ପୃଥିବୀର ଶାନ୍ତିକୁ କ୍ଷୁର୍ଣ୍ଣ କରୁଅଛି କିନ୍ତୁ ମୁଁ ଏଠାକୁ ଆସି ଆପଣମାନଙ୍କ କାର୍ଯ୍ୟଶୈଳୀ ଦେଖି ବହୁତ ପ୍ରଭାବିତ ହେଲି । ଆପଣମାନେ ବହୁତ ପରିଶ୍ରମି ଲୋକ । ଆପଣମାନଙ୍କର ଇସ୍‌ଲାମ୍ ହେଉଛି ପ୍ରକୃତ ଇସ୍‌ଲାମ୍ ଓ ବର୍ତମାନ ସମୟରେ ଏ ପୃଥିବୀକୁ ଏହାର ଆବଶ୍ୟକତା ରହିଛି । ମୋ ଦେଶକୁ ମଧ୍ୟ ଏହି ଇସ୍‌ଲାମ୍‌ର ଆବଶ୍ୟକତା ଅଛି । ପୁଣି ଗେବୁନ୍ ଦେଶରୁ ପାସିଦା ଓଲୁବା ଓଡୁଙ୍ଗା ସାହେବ୍ ଯିଏ ବୈଦେଶିକ ମନ୍ତ୍ରାଳୟରେ ଡିରେକ୍ଟର୍ ଅଛନ୍ତି ସେ କହୁଛନ୍ତି ଜଲ୍‌ସାର ପରିବେଶ ବହୁତ ସୁନ୍ଦର ଥିଲା, ବହୁତ ଆଧ୍ୟାତ୍ମିକ ପରିବେଶ ଥିଲା । ଏହାକୁ କେବେ ମୁଁ ଭୁଲିପାରିବି ନାହିଁ । ଜଲ୍‌ସାର ବ୍ୟବସ୍ଥା ଗୁଡିକ ମୋତେ ବହୁତ ପ୍ରଭାବିତ କରିଛନ୍ତି । ଗୋଟିଏ ଚେନ୍ ସଦୃଶ ସମସ୍ତେ ଛୋଟବଡ ଏଥିରେ ଯୋଡି ହୋଇ କାମ କରୁଥିଲେ । ଏପରି କହୁଛନ୍ତି ଜମାତ୍ ଅହେମଦୀୟାର ଜଲ୍‌ସାରେ ସାମିଲ୍ ହୋଇ ମୋତେ ପବିତ୍ର କୋରାନ୍ ଓ ବାଇବଲ୍‌ରେ ବର୍ଣ୍ଣନା ହୋଇଥିଲା ଶିକ୍ଷାର କାର୍ଯ୍ୟ ନମୁନା ଦେଖିବାକୁ ମୌକା ମିଳିଲା । ସମସ୍ତେ ଗୋଟିଏ କୁଟୁମ୍ବପରି ରହୁଥିଲେ । ହଜୁର୍ ଅନୁଓ୍ୱର୍ କହୁଛନ୍ତି:- ଓ ଏହିପରି ସେ ମୋ ଭାଷଣର ମଧ୍ୟ ଚର୍ଚ୍ଚା କଲେ କି ତାହା ମୋତେ ବହୁତ ପ୍ରଭାବିତ କରିଛି । ପୁଣି ସେ କହୁଛନ୍ତି ଏ ଜଲ୍‌ସାରେ ସାମିଲ୍ ହୋଇ ମୋତେ ବହୁତ କିଛି ଶିଖିବାକୁ ମିଳିଛି । ଇସ୍‌ଲାମ୍ ସମ୍ବନ୍ଧରେ ବହୁତ କିଛି ଜାଣିବା ଓ ବୁଝିବାର ସୌଭାଗ୍ୟ ମିଳିଲା । ମୁଁ ମୁସଲ୍‌ମାନ୍ ନୁହେଁ, କିନ୍ତୁ ମୁଁ ଏବେ ନିଜକୁ ଜଣେ ମୁସଲ୍‌ମାନ୍ ପରି ଭାବୁଛି । ସେହିପରି ମୋତେ ଏ ଜଲ୍‌ସା ସମୟରେ ବିଭିନ୍ନ ପ୍ରଦର୍ଶନୀ ଓ ଷ୍ଟଲ୍‌ସ୍ ଇତ୍ୟାଦି ଦେଖିବାରେ ଅବସର ମିଳିଲା । ତାହା ମୋ ଜ୍ଞାନର ଅଭିବୃଦ୍ଧି କଲା ।

ପୁଣି ଜଣେ ଅତିଥି ହେରି ଅଲି ଗୋନ୍‌ସିଆ ସାହେବ୍ ଯିଏ ସେଂଟ୍ରାଲ୍ ଆଫ୍ରିକାନ୍ ରିପବ୍ଲିକ୍‌ର ସଭାପତିଙ୍କ ପରାମର୍ଶଦାତା ଅଛନ୍ତି । ସେ କହୁଛନ୍ତି ଏ ଜଲ୍‌ସାର ବ୍ୟବସ୍ଥା ବହୁତ ଉଚ୍ଚସ୍ତରରେ ଥିଲା । ଯମାତ୍ ଅହେମଦୀୟାର ସ୍ୱେଚ୍ଛାସେବକ ଆବାଳ ବୃଦ୍ଧବନିତା ଏବଂ ପ୍ରତ୍ୟେକ ବିଭାଗ ସହିତ ସଂପର୍କ ରଖିଥିବା ଲୋକମାନେ ହିଁ ଥିଲେ । ଏମାନେ ସମସ୍ତେ ଜଣେ ଖଲିଫାଙ୍କର ଆଜ୍ଞାବହତା ସ୍ୱୀକାର କରି ନିଜର ଉତମ ପରାକାଷ୍ଠାର ପ୍ରମାଣ ଦେଇଛନ୍ତି । ଜମାତ୍ ଅହେମଦୀୟାର ଏକ ଉଦ୍ଦେଶ୍ୟ ରହିଛି ଯେ ଏ ପୃଥିବୀରେ ଭାଇଚାର ସ୍ଥାପନ ହେଉ । ତେଣୁ ଏହି କାର୍ଯ୍ୟପାଇଁ ସେମାନେ ଦିନ ରାତି ପରିଶ୍ରମ କରୁଛନ୍ତି । ଯେବେ କି ପୃଥିବୀର ଅନ୍ୟ ସଂଗଠନ ଗୁଡିକରେ ଏହି ଉଚ୍ଚ ସ୍ତରର ନିଷ୍ଠାରେ ଅଭାବ ରହିଛି । ପୁଣି ସେ କହୁଛନ୍ତି ଯେ ଯେଉଁ ଉଚ୍ଚସ୍ତରର ଇସ୍‌ଲାମୀୟ ଶିକ୍ଷାକୁ ଆପଣମାନେ ଉପସ୍ଥାପନ କରୁଛନ୍ତି ତାହା ହୃଦୟ ଉପରେ ବହୁତ ପ୍ରଭାବ ପକାଉଛି । ଯେଉଁ ଲୋକମାନେ ଜମାତ୍ ଅହେମଦୀୟା ସମ୍ବନ୍ଧରେ ଏଣୁତେଣୁ କଥା କହୁଛନ୍ତି ସେମାନଙ୍କ କଥାଠାରୁ ଭିନ୍ନ ଆପଣମାନଙ୍କର ଶିକ୍ଷା ଓ ପ୍ରେମଭାବ ଏଠାରେ ପରିଲକ୍ଷିତ ହେଉଛି । ଏହି ଅବସରରେ ମୁଁ ନିଜ ତରଫରୁ ଓ ନିଜ ଦେଶ ତରଫରୁ ଏପରି ସଫଳ ଭାବେ ଜଲ୍‌ସା ଅନୁଷ୍ଠିତ କରିବା ଯୋଗୁ ଶୁଭେଚ୍ଛା ଜଣାଉଛି ଓ ମୁଁ ଜମାତ୍ ଅହେମଦୀୟାକୁ ନିମନ୍ତ୍ରଣ ଦେଉଛି ଯେ ଆପଣ ମୋ ଦେଶରେ ମଧ୍ୟ ଏହି ଶିକ୍ଷା ଗୁଡିକୁ ଓ ପ୍ରେମକୁ ସର୍ବସାଧାରଣ କରନ୍ତୁ । ମୋ ଦେଶ ଅନେକ ବର୍ଷ ହେବ ଗୃହଯୁଦ୍ଧରେ ଆକ୍ରାନ୍ତ ହେବା ପରେ ଏବେ ଶାନ୍ତି ଆଡକୁ ଗତି କରୁଛି । ତେଣୁ ଏହି ଶିକ୍ଷାଦ୍ୱାରା ଦେଶରେ ବହୁ ସମୟ ପର୍ଯ୍ୟନ୍ତ ଶାନ୍ତି ସ୍ଥାପନ ହେବା ସମ୍ଭବ ହୋଇପାରିବ । ଏବଂ କହୁଛନ୍ତି ଏ ଜଲ୍‌ସାର ପରିବେଶ ମୋ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିବ ଓ ମୋର ଏ ଚେଷ୍ଟା ରହିବ ଯେ ମୁଁ ପ୍ରତ୍ୟେକ ବର୍ଷ ଏ ଜଲ୍‌ସାରେ ସାମିଲ୍ ହୋଇ ଆଧ୍ୟାତ୍ମିକ ଶାନ୍ତି ହାସଲ କରିବା ପାଇଁ ଚେଷ୍ଟା କରେ ଏବଂ ସେଥିପାଇଁ ମୁଁ ପ୍ରାର୍ଥନା ମଧ୍ୟ କରୁଅଛି । ପୁଣି କହୁଛନ୍ତି ଏବେ ମୁଁ ଏଠାରୁ ଲେଉଟି ଯାଇ ଜମାତ୍ ଅହେମଦୀୟାର ବାର୍ତାକୁ ଅନ୍ୟମାନଙ୍କ ନିକଟରେ ପହଂଚାଇବି ଯେ ଏହା ହିଁ ହେଉଛି ପ୍ରକୃତ ଇସ୍‌ଲାମ୍ । ପୁଣି ଆଲମି ବୟତ୍ (ଆନ୍ତର୍ଜାତୀୟ ବୟତ ଉତ୍ସବ) ମୋତେ ବହୁତ ପ୍ରଭାବ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ପକାଇଛି । ମୁଁ ଅହେମଦୀ ନୁହେଁ କିନ୍ତୁ ଯେତେବେଳେ ଆପଣ ବୟତ ଗ୍ରହଣ କରୁଥିଲେ ସେତେବେଳ ମୁଁ ନିଜ ସହିତ ଏ ପ୍ରତିଶୃତି କରୁଥିଲି ଯେ ମୁଁ ଯଥାସମ୍ଭବ ଏହି ଜମାତ୍‌କୁ ନିଜ ଦେଶରେ ସାହାଯ୍ୟ କରିବି । ହଜୁର୍ ଅନୁୱର୍ କହୁଛନ୍ତି:- ତାଙ୍କ ସହିତ ମୋର ସାକ୍ଷାତ୍ ମଧ ହୋଇଛି ଓ ମୋତେ ସେ କହିଛନ୍ତି କି ମୋତେ ଏବେ ଆପଣ ସେଂଟ୍ରାଲ୍ ଆଫ୍ରିକାନ୍ ରିପବ୍ଲିକ୍‌ରେ ନିଜର ରାଜଦୂତ ବୋଲି ଜାଣନ୍ତୁ ।

ପାରାଗୁଏର ଭାଇସ୍ ମିନିଷ୍ଟର୍ ଅଫ୍ ରିଲିଜିଅନ୍ ଫର୍ଣ୍ଣାଣ୍ଡୋ ଗ୍ରିଫିତ୍ ସାହେବ୍ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି ଜମାତ୍ ଅହେମଦୀୟାକୁ ଜାଣିଲା ପରେ ମୋତେ ବହୁତ ଖୁସି ଲାଗିଲା । ମୋତେ ଏହା ମଧ ଦେଖି ବହୁତ ଭଲ ଲାଗିଲା ଯେ ବହୁ ସଂଖ୍ୟକ ଲୋକେ ସ୍ୱେଚ୍ଛାସେବକ ରୂପେ ସେବା କାର୍ଯ୍ୟରେ ଲାଗି ରହିଥିଲେ ଓ ଗୋଟିଏ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ମିଳିମିଶି କାର୍ଯ୍ୟ କରୁଥିଲେ । ମୁଁ ଭାବୁଛି ଯେ ପାରାଗୁଏ ଗୋଟିଏ ଦେଶ ହିସାବରେ ଆପଣଙ୍କ ଜମାତ୍‌ରୁ ବହୁତ କିଛି ଶିଖି ପାରିବ ଓ ପୁଣି ମୋ ଭାଷଣ ସମ୍ବନ୍ଧରେ କହୁଛନ୍ତି ଯେ ପିଲାମାନଙ୍କର ତାଲିମ୍ ଓ ତର୍‌ବିୟତ୍ ଉପରେ ବହୁତ ଜୋର୍ ଦିଆଯାଇଛି । ସେହିପରି ନିକଟ ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ସହିତ ସୁ ସମ୍ପର୍କ ପ୍ରତିଷ୍ଠା କରିବା ପାଇଁ ଏଥିରେ ଜୋର୍ ଦିଆଯାଇଛି । ମହିଳା ଓ ପିଲାମାନଙ୍କ ସମ୍ବନ୍ଧରେ ଇସ୍‌ଲାମୀୟ ଶିକ୍ଷା ଆଲୋକରେ ଯାହା ସେଥିରେ ବର୍ଣ୍ଣନା ହୋଇଥିଲା ତାହା ତାଙ୍କୁ ବହୁତ ପସନ୍ଦ  ଲାଗିଲା । ପୁଣି ବାକି ବ୍ୟବସ୍ଥା ସମ୍ବନ୍ଧରେ ସେ କହୁଛନ୍ତି ଯେ ଅସ୍ଥାୟୀ କାର୍ଯ୍ୟକ୍ରମ ହେବା ସତ୍ତ୍ୱେ ମଧ ବହୁତ ଉଚ୍ଚସ୍ତରର ଥିଲା ।

ମସ୍କୋରୁ ଆସିଥିବା ଇଲ୍‌ଦାର୍ ସଫାନ୍ ସାହେବ୍ ଏ ଜଲ୍‌ସାରେ ଯୋଗଦେବା ପରେ କହୁଛନ୍ତି ଯେ ଆମର ଗୋଟିଏ ଫ୍ୟାମିଲି ଏହି ଜଲ୍‌ସାରେ ଯୋଗଦେବା ପାଇଁ ମସ୍‌କୋରୁ ଆସିଛି । ଆମକୁ ଏ ଜଲ୍‌ସାସାଲାନା ବହୁତ ଭଲ ଲାଗିଲା । ଆମେ ଆସନ୍ତା ବହୁଦିନ ପର୍ଯ୍ୟନ୍ତ ଏହାକୁ ମନେପକାଇବୁ ଓ ନିଜର ସାଙ୍ଗସାଥିମାନଙ୍କୁ ଏ ବିଷୟରେ ବତାଇବୁ । ଏଠିକାର ସବୁ ବ୍ୟବସ୍ଥା ଖୁବ୍ ଭଲ ଥିଲା । ସ୍ୱେଚ୍ଛାସେବକ ମାନଙ୍କ କାର୍ଯ୍ୟ ବହୁତ ଭଲ ଲାଗିଲା । ସେମାନେ ସବୁ ସମୟରେ ହସ ହସ ଚେହେରା ସହିତ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ରହୁଥିଲେ । ଛୋଟ ଛୋଟ ପିଲାମାନଙ୍କୁ ସ୍ୱେଚ୍ଛାସେବକ ରୂପେ କାର୍ଯ୍ୟ କରୁଥିବାର ଦେଖି ବହୁତ ଖୁସି ଅନୁଭବ ହେଲା । ସେ କହୁଛନ୍ତି ପ୍ରତ୍ୟେକ ସ୍ଥାନରେ ଆପଣ ଆମର ଧ୍ୟାନ ରଖିଲେ ଏହାଦ୍ୱାରା ବହୁତ ନିଜର ଲାଗୁଥିଲା ।

ପୁଣି ବ୍ରାଜିଲ୍‌ର ମୌର ହେନେରିକ୍ ସାହେବ୍ ଯିଏ ପେଟ୍ରୋ ପୋଲିସ୍ ସିଟି କାଉନ୍‌ସିଲ୍‌ର ସଭାପତି ଅଛନ୍ତି ସେ କହୁଛନ୍ତି:- ମୋତେ ନିଜ ଦେଶ ବ୍ରାଜିଲ୍‌ର ପ୍ରତିନିଧିତ୍ୱରେ ଏହି ମହାନ୍ ଇସ୍‌ଲାମୀୟ ଜଲ୍‌ସାରେ ସାମିଲ୍ ହେବାଯୋଗୁ ବହୁତ ଖୁସି ଅନୁଭବ ହେଉଛି । ଖଲିଫାଙ୍କ ସବୁ ଅଭିଭାଷଣ ପ୍ରକୃତ ଇସ୍‌ଲାମ୍‌ର ଅନୁରୂପ ଥିଲା । ଖଲିଫାଙ୍କର କଥା ସ୍ୱତଃପ୍ରୃତ ଭାବେ ମନଭିତରକୁ ପଶି ଯାଉଥିଲା । ମୁଁ ଏହି ଜଲ୍‌ସାର ତିନିଦିନ ଆଧାତ୍ମିକ ପରିବେଶରେ ବିତାଇଛି । କୌଣସି ପ୍ରକାର ଥକ୍କାପଣ ବା ଅନିଛା ଅନୁଭବ ହୋଇନାହିଁ । ଏ ଜଲ୍‌ସାରେ ନମାଜ ପଢ଼ିବାର ଯେଉଁ ଦୃଶ୍ୟ ଥିଲା ଅର୍ଥାତ୍ ଗୋଟିଏ ଶବ୍ଦରେ ସମସ୍ତଙ୍କର ଉଠିବା ଓ ବସିବା ମୋ ପାଇଁ ଅସାଧାରଣ ଓ ଆଶ୍ଚର୍ଯ୍ୟ କଥା ଥିଲା । ହଜୁର୍ କହୁଛନ୍ତି:- ଇଏ ମୁସଲ୍‌ମାନ୍ ନୁହଁନ୍ତି କିନ୍ତୁ ଅନବରତ ଦେଖୁଥିଲେ । ଏତଦ୍‌ବ୍ୟତୀତ ଆଉଯେଉଁ କଥାଟି ମୋ ଉପରେ ଏକ ଅସାଧାରଣ ପ୍ରଭାବ ପକାଇଛି ତାହାକୁ ବର୍ଣ୍ଣନା ନକରି ମୁଁ ରହିପାରିବି ନାହିଁ ଅର୍ଥାତ୍ ଯେଉଁକ୍ଷଣି ଖଲିଫା କେଉଁ ସ୍ଥାନରେ ମଧ ପହଂଚୁଥିଲେ ସେହିକ୍ଷଣି ହଜାର ହଜାର ଲୋକଙ୍କ ଭିଡ ଅଚାନକ ନୀରବ ହୋଇଯାଉଥିଲା । କାହାକୁ କିଛି କହିବା ପାଇଁ ଆବଶ୍ୟକ ପଡୁନଥିଲା । ଏଥିରୁ ଜଣାପଡୁଛି ଯେ କେବଳ ନିଜାମରେ ନୁହେଁ ବରଂ ସବୁ ଲୋକମାନଙ୍କ ହୃଦୟରେ ନିଜ ଖଲିଫାଙ୍କ ପାଇଁ ଅତ୍ୟନ୍ତ ସମ୍ମାନ ଭରି ରହିଛି । ଏହି ସ୍ମୃତିକୁ ନେଇ ମୁଁ ଏଠାରୁ ଫେରୁଅଛି । ପୁଣି ସେ କହୁଛନ୍ତି ଯେ ମୁଁ ଯାହା କିଛି ଅନୁଭବ କରିଛି ତାହାକୁ ନିଜ ସେଂଟର୍‌ରେ ଏବଂ କାଉନ୍‌ସିଲ୍‌ରେ ଯାଇ ଆଗକୁ ପ୍ରସାର କରିବି ଯେ ବାସ୍ତବିକ ଇସ୍‌ଲାମ୍ ହେଉଛି ଏହା ।

ପୁଣି ଓର୍ଲି ମେସିୟାସ ଯିଏ ଇକ୍ୱେଡ଼ର ଦେଶରୁ ଆସିଥିଲେ ସେ ତାଙ୍କ ଇଲାକାର ବିଶପ ଅଛନ୍ତି । ସେ କହୁଛନ୍ତି ଯେ, ଏ ଜଲ୍‌ସାର ବ୍ୟବସ୍ଥା ବହୁତ ସୁନ୍ଦର ଥିଲା । ଯଦିଚ ଖାଦ୍ୟ ଅଲଗା ଥିଲା କିନ୍ତୁ ମୋତେ ବହୁତ ଭଲ ଲାଗିଲା । ଏହି ଜଲ୍‌ସାର ପରିବେଶ ଗୋଟିଏ ବଡ଼ ଫ୍ୟାମିଲିର ଦାୱତ୍ ପରି ଥିଲା ଯେଉଁଥିରେ କୌଣସି ପ୍ରକାରର ଅଚିହ୍ନା ଲାଗୁନଥିଲା ଓ ଜଣେ ଅନ୍ୟଜଣଙ୍କୁ ନ ଜାଣିବା ସତ୍ତ୍ୱେ ମଧ ଏକ ଆପଣାପଣିଆ ଅନୁଭବ ହେଉଥିଲା । ଖଲିଫାଙ୍କ ଭାଷଣ ଗୁଡ଼ିକରେ ଏପରି ବିଷୟବସ୍ତୁ ଥିଲା ଯାହା ଆମ ଦୃଷ୍ଟିକୋଣକୁ ବଦଳାଇବା ପାଇଁ ଜରୁରୀ ଅଟେ । ମୋତେ ତାଙ୍କ ଅଭିଭାଷଣରେ ସବୁଠାରୁ ଭଲ କଥା ଏହା ଲାଗିଲା ଯେ, ସେ କୌଣସି ଜାତି ବା କୌଣସି ଧର୍ମ ସମ୍ବନ୍ଧରେ କିଛି ନକରାତ୍ମକ କଥା କଲେ ନାହିଁ । ବରଂ ତାଙ୍କର ସବୁତକ ଯୋର୍ ଇସଲାମର ପ୍ରକୃତ ଓ ସକରାତ୍ମକ ଶିକ୍ଷା ଉପରେ ଥିଲା । ଇମାମ୍ ଯମାତ୍ ନିଜ ଭାଷଣ ଗୁଡ଼ିକରେ ଗୋଟିଏ ହଦୀସ୍ ପାଠ କରିଥିଲେ ଯେଉଁଥିରେ ଏକଥା କୁହାଯାଇଥିଲା ଯେ, ଈଶ୍ୱର କୟାମତ ଦିନ ପଚାରିବେ ଯେ, ମୁଁ ଭୋକିଲା ଥିଲି ତୁମେ ମୋତେ ଖାଇବାକୁ ଦେଇନାହଁ ବା ମୁଁ ଶୋସିଲା ଥିଲି ମୋତେ ପିଇବାକୁ ଦେଇନଥିଲ ବା ମୁଁ ବସ୍ତ୍ରହୀନ ଥିଲି ତୁମେ ମୋତେ କପଡ଼ା ଦେଇନଥିଲ । ଏକଥା ବାଇବେଲରେ ମଧ ଉଲ୍ଲେଖ ରହିଛି । ତେଣୁ ଏହା ମୋ ମନ ଭିତରେ ବହୁତ ପ୍ରଭାବ ପକାଇଲା ଓ ପୁଣି ମୁଁ ଏହା ଜାଣିବାକୁ ପାଇଲି ଯେ, ଏହି ସମସ୍ତ ଶିକ୍ଷା ଗୁଡ଼ିକ ଏକ ଈଶ୍ୱରଙ୍କ ତରଫରୁ ହିଁ ଆସିଛି । ଅଲ୍ଲାଃ ତାଲା ସେମାନଙ୍କୁ ଏକଥା ବୁଝିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଯେ, ଏହି ଶିକ୍ଷା ଗୁଡ଼ିକ ଯେଉଁ ଈଶ୍ୱରଙ୍କ ତରଫରୁ ଆସିଛି ସେହି ଈଶ୍ୱର ହିଁ ଆଁ ହଜରତ ସ:ଆ:ସଙ୍କୁ ପ୍ରେରଣ କରିଛନ୍ତି ଓ ଏ ଲୋକମାନେ ଇସଲାମ୍‌ର ପ୍ରକୃତ ଶିକ୍ଷାକୁ ମାନିଛନ୍ତି । ସେ ପୁଣି କହୁଛନ୍ତି ମୁଁ ଯେବେ ଏହି ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ଘରୁ ବାହାରିଲି ସେତେବେଳେ ମୋ ମନ ଭିତରେ ଇସଲାମ ଏକ ଧର୍ମରୁ ଆଉ କିଛି ଅଧିକ ନଥିଲା କିନ୍ତୁ ଏଠାକୁ ଆସି ମୁଁ ଦେଖିଲି ଯେ, ଇସଲାମ କେବଳ ଗୋଟିଏ ଧର୍ମ ନୁହେଁ ବରଂ ଏକ ମହାନ୍ କୁଟୁମ୍ବ ଅଟେ । ଅର୍ଥାତ୍ ଏକ ପରିବାର ଅଟେ । ମୁଁ ଇସଲାମ ଦ୍ୱାରା ପ୍ରତିଷ୍ଠିତ ଭାଇଚାରା ବ୍ୟବସ୍ଥା ଏବଂ ଆପଣମାନଙ୍କ ନିଜ ଧର୍ମ ପ୍ରତି ଥିବା ଉତ୍ସର୍ଗୀକୃତ ମନୋଭାବ ଓ ବଳିଦାନକୁ ଦେଖି ବହୁତ ପ୍ରଭାବିତ ହୋଇଛି । ପୁଣି ଆନ୍ତର୍ଜାତିୟ ବୟତ ପ୍ରସଙ୍ଗରେ ସେ କହୁଛନ୍ତି ମୋତେ ପୂର୍ବରୁ କେବଳ ଏତିକି ଅନୁଭବ ହେଲା ଯେ, ଏହି ଉତ୍ସବ ସମସ୍ତ ଲୋକଙ୍କ ପାଇଁ ଗୋଟିଏ ବିଶେଷ ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଅଟେ । କିନ୍ତୁ ଯେଉଁ କ୍ଷଣି ବୟତ ଆରମ୍ଭ ହେଲା ସେହି କ୍ଷଣି କେହି ଜଣେ ମୋ କାନ୍ଧ ଉପରେ ନିଜର ହାତକୁ ରଖିଦେଲେ ଓ ମୁଁ ମଧ ମୋ ସମ୍ମୁଖରେ ଥିବା ବ୍ୟକ୍ତିଙ୍କ କାନ୍ଧଉପରେ ନିଜର ହାତ ରଖିଦେଲି ଏଥିରେ ମୁଁ ଏକଥା ଅନୁଭବ କଲି ଯେ, ଗୋଟିଏ ବୈଦୁତିକ ଲହର ଅଛି ଯାହା ଜଲ୍‌ସାରେ ଥିବା ସମସ୍ତ ଲୋକମାନଙ୍କ ମଧ ଦେଇ ପ୍ରଭାହିତ ହେଉଅଛି । ମୁଁ ବିଶେଷ ରୂପେ ଏକଥା ଅନୁଭବ କଲି ଯେ ଅହେମଦି ଏହି ବୟତପରେ ନିଜକୁ ସତେଜ ଅନୁଭବ କରୁଥିଲେ ଯେପରି ସେମାନଙ୍କୁ ଗୋଟିଏ ନୂଆ ଜୀବନ ମିଳିଗଲା ମୁଁ ସମସ୍ତ ଲୋକଙ୍କୁ ଧନ୍ୟବାଦ ଜଣାଉଛି ଯେ, ସେମାନେ ମୋତେ ଏ ଜଲ୍‌ସାରେ ସାମିଲ ହେବା ପାଇଁ ମୌକା ଦେଲେ ଓ ଇସଲାମର ବାସ୍ତବିକ ଶିକ୍ଷା ସହିତ ପରିଚିତ କରାଇଲେ । ଓ ମୋତେ ବିଶେଷ ରୂପେ ଏକଥା ଅନୁଭବ ହେଲା ଯେ, କିଛି ଲୋକଙ୍କ ଖରାପ ଆଚରଣ ଯୋଗୁଁ ଆମେ ପୁରା ଇସଲାମ ଧର୍ମକୁ ଭୁଲ ବୋଲି ବିବେଚନା କରିବା ଅନୁଚିତ । ପୁଣି ଆଉଗୋଟିଏ କଥା ଅନୁବାଦ ବିଭାଗ ପାଇଁ ମଧ କହିଦେଉଛି । ଯେ ସେ ଯାହା କିଛି ଲେଖିଛନ୍ତି ଓ ସେଥିରେ ଯାହା ଅଭାବ ରହିଯାଇଛି ତାହା ଏମ.ଟି.ଏର ଅନବୁଦା ବିଭାଗକୁ ପୁରଣ କରିବା ଉଚିତ । ସେ କହୁଛନ୍ତି କି ଏତଦ୍‌ବ୍ୟତିତ ସ୍ପାନିଶ୍ ଅନୁବାଦ ସମ୍ବନ୍ଧରେ ମୁଁ ଏକଥା କହୁଛି କି. ସ୍ପାନିଶ ଅନୁବାଦ କେବଳ ଚୌକି ମଧରେ ସିମିତ ଥିଲା ଯଦି କୌଣସି ବ୍ୟକ୍ତି ଅନ୍ୟକୌଣସି ଯାଗାରେ ବସିବା ପାଇଁ ଚାହେଁ ତେବେ ରେଞ୍ଜରୁ ବାହାରକୁ ଚାଲିଯାଉଥିଲା । ଅନୁବାଦ ଓ ଶବ୍ଦ ଆସୁନଥିଲା ତେଣୁ ସ୍ପାନିଶ ଅନୁବାଦର ରେଞ୍ଜକୁ ବ୍ୟାପକ କରିବାର ଆବଶ୍ୟକତା ଅଛି ନା କେବଳ ସ୍ପାନିଶ୍ ବରଂ ବାକି ବିଭାଗ ଗୁଡ଼ିକୁ ପରଖି ନେବା ଉଚିତ । ଏହି ଅତିଥିମାନଙ୍କ ଜରିଆରେ ଆମକୁ ନିଜର କିଛି ଅଭାବ ତ୍ରୁଟି ସମ୍ବନ୍ଧରେ ଜଣା ପଡ଼ିଯାଉଛି ।

ସେହିପରି ସ୍ଲୋଭାନିଆ ରୁ ବାର୍‌ବରା ହୁଚେଭର୍ ସାହିବା ଆସିଥିଲେ ସେ ହେଉଛନ୍ତି ଇସାଇ ମତ ର ପ୍ରଫେସର ସେ କହୁଛନ୍ତି ଯେ, ଜମାତ୍ ଅହେମଦିୟା ଯେଉଁ ଇସଲାମକୁ ଉପସ୍ଥାପନ କରୁଅଛି ଏପରି ଇସଲାମ ମୁଁ କେବେ ଦେଖି ନାହିଁ । ଜଲ୍‌ସାକୁ ଦେଖି ମୋତେ ଏପରି ଅନୁଭବ ହେଉଥିଲା ଯେ, ମୁଁ ଏକ ନୂଆ ଇସଲାମକୁ ଦେଖୁଅଛି । ଆପଣଙ୍କ ଜଲ୍‌ସା ବହୁତ ସୁନ୍ଦର ଥିଲା ନା କୌଣସି ସମସ୍ୟା ନା କୌଣସି ଝଗଡ଼ା ନା କୌଣସି ଅସନା ମୁଁ ଏଥିରୁ ବହୁତ ପ୍ରଭାବିତ ହୋଇଛି । ପୁଣି ସେ କହୁଛନ୍ତି ଯମାତ୍ ଅହେମଦୀୟାର ହଜରତ ଇସାଙ୍କ ସମ୍ବନ୍ଧରେ ଥିବା ବିଶ୍ୱାସ ଅର୍ଥାତ୍ କୃଶୀୟ ଘଟଣା, ତାଙ୍କ ହିଜରତ୍ ଏବଂ ଦେହାନ୍ତ ବିଷୟରେ ସବୁଠାରୁ ଅଧିକା ବିଶ୍ୱାସ ଯୋଗ୍ୟ ଓ ସତ୍ୟ ଉପରେ ଆଧାରିତ ଜଣାପଡ଼ୁଥିଲା ।

ବୋଶ୍‌ନିୟାରୁ ଗୋଟିଏ ଫ୍ୟାମିଲି ଜଲ୍‌ସାରେ ସାମିଲ ହୋଇଛି ସେ ସରକାରୀ ଅଫିସର ଅଛନ୍ତି । ଏହି ଫ୍ୟାମିଲିର ମୁଖିଆ ସେନାଇଜ୍ ବେଗିଚ୍ ସାହେବ ମେମ୍ବର ଅଫ୍ ପାର୍ଲାମେଂଟ ଅଛନ୍ତି ସେ କହୁଛନ୍ତି କି, ସର୍ବପ୍ରଥମେ ଯମାତ୍ ଅହେମଦୀୟାର କୃତଜ୍ଞତା ଜ୍ଞାପନ କରୁଛି ଯେ, ଯମାତ୍ ମୋତେ ଓ ମୋ ଫ୍ୟାମିଲିକୁ ଏକ ଶାନ୍ତିପୂର୍ଣ୍ଣ ଓ ପ୍ରେମ ପୂର୍ଣ୍ଣ ପରିବେଶରେ କିଛି ଦିନ ବିତାଇବା ପାଇଁ ମୌକା ଦେଲେ । ଜଲ୍‌ସା ସାଲନା ୟୁ.କେ ର ଅନୁଭବ ଆମପାଇଁ ସମ୍ପୁର୍ଣ୍ଣ ନୂଆ ଥିଲା । ଏହି ଜଲ୍‌ସାର ସୁନ୍ଦରତା ଓ ବ୍ୟବସ୍ଥାର ପାର୍ଶ୍ୱଗୁଡ଼ିକର ସୌନ୍ଦର୍ଯ୍ୟଗୁଡ଼ିକୁ ବର୍ଣ୍ଣନା କରିବା ପାଇଁ ମୋ ନିକଟରେ ଭାଷା ନାହିଁ । ଇନ୍ତେଜାମିୟା ଛୋଟିଆ ଛୋଟିଆ କଥାର ମଧ ଧ୍ୟାନ ରଖୁଥିଲେ ଓ ସ୍ୱେଚ୍ଛାସେବିମାନେ ହସ ହସ ଚେହେରା ସହିତ ନିଜ ଦାୟିତ୍ୱକୁ ସମ୍ପାଦନ କରୁଥିଲେ । ହ୍ୟୁମାନିଟି ଫାଷ୍ଟ ର ପଦର୍ଶନୀରେ ମୋତେ ବତାଇଦିଆଗଲା ଯେ, ଏହି କାର୍ଯ୍ୟର ସୁଭାରମ୍ଭର କାରଣ ମୋ ଦେଶ ଥିଲା ଯେଉଁଠି ଯୁଦ୍ଧ ସମୟରେ ଯମାତ୍ ଅହେମଦୀୟା ନିଜର ନିଃସ୍ୱାର୍ଥପର ସେବା କରିଥିଲା ଓ ଆଜି ମଧ କରୁଅଛି । ଏହି ସମସ୍ତ କଥା ବ୍ୟତିତ ଯେଉଁକଥା ମୋତେ ଓ ମୋ ଫ୍ୟାମିଲିକୁ ସବୁଠାରୁ ଅଧିକା ପ୍ରଭାବିତ କରିଛି , ହଜରୁ ଅନୱର କହୁଛନ୍ତି: ସେ ଆଗକୁ ପୁଣି ମୋ ସହିତ ହୋଇଥିବା ସାକ୍ଷାତକାର ସମ୍ବନ୍ଧରେ ଚର୍ଚ୍ଚା କରି କହୁଛନ୍ତି ଯେ, ବହୁତ ଭଲ ସାକ୍ଷାତକାର ଥିଲା । ପୁଣି କହୁଛନ୍ତି ଯେ ଆଜି ମୁଁ ଏହି କଥାର ଘୋଷଣା କରୁଛି କି, ମୋ ତରଫରୁ ଶେଷ ନିଶ୍ୱାସପର୍ଯ୍ୟନ୍ତ ଏହି ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଆହୁରି ଅଧିକ ନିଷ୍ଠାର ସହିତ ସମ୍ପାଦନ କରାଯିବ । ବୋଶନିୟାରେ ଏବଂ ଏହି ଦେଶର ବାହାରେ ମଧ ସାମର୍ଥ୍ୟ ମୁତାବକ ମୁଁ ଏହି ସିଲ୍‌ସିଲା ସହିତ ସବୁ ପ୍ରକାରର ସହଯୋଗ କରିବା ପାଇଁ ନିଜକୁ ଉପସ୍ଥାପନ କରୁଅଛି ।

ପୁଣି ସ୍ଲୋଭାନିଆରୁ ଆସିଥିବା ଜଣେ ଅତିଥି ହେଉଛନ୍ତି ମୁଆନିସ୍ ସିନାନୁଭିସ୍ ସାହେବ । ସେ ଜଣେ ଲେଖକ ଓ ଜନ୍ମରୁ ମୁସଲମାନ ଅଟନ୍ତି କିନ୍ତୁ ତାଙ୍କୁ ଇସଲାମ ବିଷୟରେ କୌଣସି ଆଗ୍ରହ ନାହିଁ କେବଳ ନାମମାତ୍ର ମସୁଲମାନ ଥିଲେ । ବିଗତ ଦୁଇ ବର୍ଷ ହେବ ସେ କହୁଛନ୍ତି ମୁଁ ଇସଲାମ ସମ୍ବନ୍ଧରେ ପଢ଼ିବା ଆରମ୍ଭ କଲି ଏବଂ ପୁଣି ନିଜର ନମାଜ୍ ମଧ ପଢ଼ିବା ଆରମ୍ଭ କଲି କିନ୍ତୁ କୌଣସି ଇମାମ୍‌ଙ୍କ ପଛରେ ନାମଜ୍ ପଢ଼ିନାହିଁ । ଏଠାରେ ଆସି ମୁଁ ଦେଖିଲି ଯେ, ଯମାତ୍ ଅହେମଦୀୟା ସହିତ ନମାଜ୍ ପଢ଼ିବାରେ ଯେଉଁ ମଜା ଅଛି ତାହା ସମ୍ପୁର୍ଣ୍ଣରୂପେ ଗୋଟେ ଅଲଗା ମଜା ଥିଲା । ବିଗତ ଦୁଇ ବର୍ଷ ହେବ ଯେତେବେଳେ ମୁଁ ଇସଲାମରେ ଆଗ୍ରହ ନେବା ଆରମ୍ଭ କଲି ସେତେବେଳେ ମୁଁ କୌଣସି ଇସଲାମି କମ୍ୟୁନିଟି ବା ଇସଲାମିକ ଇଂଟରପିଟେସନ୍‌କୁ ଅନୁସରଣ କଲି ନାହିଁ ବରଂ ନିଜର ବୁଦ୍ଧି ଓ ବିବେକ ସହିତ ଇସଲାମକୁ ବୁଝିବା ପାଇଁ ଚେଷ୍ଟା କଲି । ସେ ଯାହା ହେଉ ଯେତେବେଳେ ମୁଁ ଅହେମଦିୟା ସମ୍ବନ୍ଧରେ ଜାଣିବାକୁ ପାଇଲି ମୋତେ ଏପରି ଲାଗୁଥିଲା ଯେ, ଯମାତ୍ ଅହେମଦିୟାର ଶିକ୍ଷା ହେଉଛି ସେହି ଶିକ୍ଷା ଯାହାକୁ ମୁଁ ଇସଲାମ ସମ୍ବନ୍ଧରେ ଭାବୁଥିଲି ଅର୍ଥାତ୍ ପ୍ରତ୍ୟେକ ବସ୍ତୁ ପ୍ରକୃତି ମୁତାବକ ରହିଛି । ଆଉ ଗୋଟିଏ କଥା ଯାହା ତାଙ୍କୁ ପସନ୍ଦ ଲାଗିଲା  ତାହା ହେଉଛି ଏପରି କି ଅହେମଦିମାନେ ଯାହା କିଛି କହୁଛନ୍ତି ତାହା ଉପରେ ପରିଚାଳିତ ହେଉଛନ୍ତି ଓ ଏହି ଦୃଷ୍ଟି କୋଣରୁ ଆମପାଇଁ ଏକ ବହୁତ ବଡ଼ ଚାଲେଞ୍ଜ ମଧ ରହିଛି କି ସର୍ବଦା ମନେ ରଖନ୍ତୁ କି, ଆମର କଥା ଓ କାର୍ଯ୍ୟ ମଧରେ ସମାନତା ରହିବା ଉଚିତ ଯାହା ଆମେ କହିବା ତାହା

### ଅଲ୍ଲା ତାଲାଙ୍କ ବାଣୀ

‘‘ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି’’

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।’’ *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

କରିବା ।

ଆଉ ଜଣେ ଅତିଥି ହେଉଛନ୍ତି ରୁଷିଆର ଇଜତ୍ ସାହେବ ସେ କହୁଛନ୍ତି ମୁଁ ଏ ଜଲ୍‌ସାରେ ପ୍ରଥମଥର ସାମିଲ ହୋଇଛି । ମୋ ଜେଜେ ମୋତେ ଏ ଜଲ୍‌ସାରେ ସାମିଲ ହେବାପାଇଁ ପ୍ରୋତ୍ସାହିତ କଲେ । ଏଥରକ ଆସିବା ପାଇଁ ତାଙ୍କ ଜେଜେ କହିଲେ ଯେ, ଯଦି ତୁମକୁ ଅହେମଦୀମାନେ ଡ଼ାକୁଛନ୍ତି ତେବେ ଯାଅ ପୁଣି ସେ କହୁଛନ୍ତି ନ୍ୟାୟର କଥା ହେଉଛି ଏହା କି ମୁଁ ଏ ଯମାତ୍‌ର ଲୋକମାନଙ୍କୁ ଦେଖି ବହୁତ ଆଶ୍ଚର୍ଯ୍ୟ ଚକିତ । ଜଲ୍‌ସାରେ ସାମିଲ ହୋଇଥିବା ସବୁ ଅହେମଦୀମାନେ ସର୍ବଦା ଉତମ ବ୍ୟବହାର ଦେଖାଉଥିଲେ । ସର୍ବଦା ସାହାଯ୍ୟ କରିବାପାଇଁ ପ୍ରସ୍ତୁତ ରହୁଥିଲେ ଓ ପ୍ରତ୍ୟେକ ଅସୁବିଧା ସମୟରେ ସଠିକ୍ ପରାମର୍ଶ ଦେଉଥିଲେ ।

ହଲାଣ୍ଡ ଦେଶରୁ ଗୋଟିଏ ଗ୍ରୁପ ଆସିଥିଲା ସେଥିରେ ଜଣେ ପୁର୍ବତନ ଏମ୍.ପି ୱାନ୍ ବୋମେଲ ସାହେବ ସାମିଲ ଥିଲେ ଏବଂ ଜଣେ ସାଇକୋଲିଷ୍ଟ ମହିଳା ମଧ ସାମିଲ ଥିଲେ ସେମାନେ କହୁଛନ୍ତି ଯମାତ୍ ଅହେମଦିଆକୁ ସେ ଭଲ ଭାବେ ଜାଣିଛନ୍ତି ପୂର୍ବରୁ ମଧ ଜଲ୍‌ସାରେ ସାମିଲ ହୋଇସାରିଛି କିନ୍ତୁ ଏଥରକର ବ୍ୟବସ୍ଥା ବହୁତ ପ୍ରଭାବ ଶାଳୀ ଥିଲା ଏ ପର୍ଯ୍ୟନ୍ତ ମୁଁ ଏକଥାକୁ ବୁଝିବାପାଇଁ ଅସମର୍ଥ ଯେ କିପରି ସ୍ୱେଚ୍ଛାସେବୀମାନେ ଏତେ ସୁନ୍ଦର ସୁବ୍ୟବସ୍ଥା କରିପାରୁଛନ୍ତି ।

ମିସ୍ ନିକିତା ଯିଏ ହେଉଛନ୍ତି ଜଣେ ଇରାନୀ ବଂଶଭବ । ସେ ମଧ ଏହି ବ୍ୟବସ୍ଥାରୁ ବହୁତ ପ୍ରଭାବିତ ହୋଇଥିଲେ ଓ ବିଶେଷରୂପେ ସେ ଅଭିଭୁତ ଥିଲେ ଯେ, ଯମାତ୍ ଏତେ ବଡ଼ ସ୍ଥାନକୁ କିପରି ହାସଲ କରିଛି ଓ କିପରି ଏହି ସବୁ କାର୍ଯ୍ୟ ସମ୍ପାଦନ ହେଉଅଛି । ତାଙ୍କୁ ପୁଣି ହଜରତ ସଲମାନ୍ ଫାର୍ସିଙ୍କ ସମ୍ବନ୍ଧରେ ପରିଚୟ ଦିଆଗଲା । ମସିହ ମଉଦଙ୍କ ଆଗମନ ସମ୍ବନ୍ଧରେ ତାଙ୍କ ସହିତ ତବ୍‌ଲିଗ୍ ବୈଠକ ମଧ ଅନୁଷ୍ଠିତ ହେଲା ସେ ଯାହା ହେଉ ସେ ଏଠାରୁ ବହୁତ ଭଲ ପ୍ରଭାବ ନେଇ ଗଲେ ।

ଇଟାଲୀ ଦେଶରୁ ୱାସ୍‌କୋ ସାହେବ ଯିଏ ନେପଲ୍‌ସ ୟୁନିଭରସିଟିରେ ଇସଲାମିୟ ଫିକା ଓ ଶରିୟତ୍‌ର ପ୍ରଫେସର ଅଛନ୍ତି ସେ କହୁଛନ୍ତି ଯେ, ଜଲ୍‌ସା ସାଲନା ମୋ ପାଇଁ ବହୁତ ସଫଳ ରହିଲା ଇମାମ୍‌ଙ୍କ ଉଦଯାପନୀ ଭାଷଣ ମୋତେ ବହୁତ ପସନ୍ଦ ଲାଗିଲା । ବିଶେଷତଃ ଏ କଥା ବହୁତ ଭଲ ଲାଗିଲା ଯେବେ ଆପଣ ଫ୍ୟାମିଲି ଓ ପିଲାମାନଙ୍କ ଅଧିକାର ସମ୍ବନ୍ଧରେ ଓ ବିଶେଷରୂପେ ମହିଳାମାନଙ୍କ ଅଧିକାର ସମ୍ବନ୍ଧରେ ବତାଇଲେ । ମୁଁ ଆନ୍ତର୍ଜାତିୟ ବୟତ ଉତ୍ସବରେ ମଧ ଯୋଗ ଦେଇଛି ଓ ସେଥିରେ ଭାବବିହ୍ୱୋଳ ହୋଇଯାଇଥିଲି ।

ଇଟାଲୀର ମାଡେଲିନା ସାହିବା ଯିଏ ଭାଟିକାନ୍ ସିଟି ର ଇସଲାମିୟ ଓ ଆରବୀ ୟୁନଭର୍ସିଟିରୁ ପି.ଏଚ୍.ଡ଼ି ଡ଼ିଗ୍ରୀ ହାସଲ କରିଛନ୍ତି ସେ କହୁଛନ୍ତି ଯେ, ଜଲ୍‌ସା ସାଲନା ବହୁତ ଭଲ, ହୃଦୟସ୍ପର୍ଶୀ, ଶାନ୍ତିପୂର୍ଣ୍ଣ ଏବଂ ପ୍ରେମରେ ପରିପୂର୍ଣ୍ଣ ଥିଲା । ପ୍ରତ୍ୟେକ ବ୍ୟବସ୍ଥା ବହୁତ ଉତମ ଥିଲା । ଭାଷଣ ଗୁଡ଼ିକ ବହୁତ ଉଚ୍ଚ କୋଟୀର ଥିଲା କେବଳ ଅହେମଦୀମାନଙ୍କ ପାଇଁ ନୁହେଁ ବରଂ ସବୁ ଅତିଥିମାନଙ୍କ ପାଇଁ ଜ୍ଞାନ ବର୍ଦ୍ଧକ ଥିଲା । ଅହେମଦୀୟତ ଓ ବିଶେଷ ରୂପେ ଇସଲାମର ପରିଚୟ ନିମନ୍ତେ ଯେଉଁ ବାର୍ତାଳାପ ହୋଇଥିଲା ତାହା ବହୁତ ସୁନ୍ଦର ଥିଲା । ଫ୍ରାନ୍ସର ମିନିଷ୍ଟ୍ରି ଅଫ ଜଷ୍ଟିସ ପାଇଁ କାର୍ଯ୍ୟରତ ଯୱାଦ୍ ବୋଲାମିଲ୍ ସାହେବ କହୁଛନ୍ତି ମୁଁ ପ୍ରଥମ ଥର ପାଇଁ ଜଲ୍‌ସାରେ ସାମିଲ ହୋଇଛି ମୁଁ ଆପଣଙ୍କ ଯମାତ୍‌କୁ ନିକଟରୁ ଦେଖିବା ପାଇଁ ମୌକା ପାଇଥିବାରୁ ବହୁତ ଆନନ୍ଦିତ ଜଲ୍‌ସା ଦିନ ଗୁଡ଼ିକରେ ଆଇ.ଏ.ଏ.ଏ.ଇ ଏବଂ ହ୍ୟୁମାନିଟି ଫାଷ୍ଟର ପଦର୍ଶନୀରେ ଯାଇ ଓ ଆପଣଙ୍କ ଯମାତ୍ ଦ୍ୱାରା ଉନ୍ନତିମୁଳକ କାର୍ଯ୍ୟକୁ ଦେଖି ବହୁତ ପ୍ରଭାବିତ ହୋଇଛି । ଅସଲ ଧର୍ମ ହେଉଛି ଏହା ଯିଏ ଜାତି, ବର୍ଣ୍ଣ, ରଙ୍ଗ ନିର୍ବିଶେଷରେ ମାନବ ଜାତିର ସେବା କରୁଅଛି । ସିକ୍ୟୁରିଟି ବ୍ୟବସ୍ଥା ଓ ସାଧାରଣ ବ୍ୟବସ୍ଥା ଦ୍ୱାରା ବହୁତ ପ୍ରଭାବିତ ହେଲି ପ୍ରତ୍ୟେକ ବିଭାଗରେ ବହୁତ ପ୍ରଫେସନାଲିଜମ୍ ଥିଲା ।

ସ୍ପେନ୍‌ର ୱଫଦ୍‌ରେ ଜଣେ ଅତିଥି ସୁଜାନା ମୋରାଲ୍ସ ସାମିଲ ଥିଲେ ଯିଏ ହେଉଛନ୍ତି ଜଣେ ଜୁରିଷ୍ଟ ଓ ଓକିଲ । "ପ୍ରେମ୍ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ"ର ଚର୍ଚ୍ଚା କରି ସେ କହୁଛନ୍ତି ଯେ, ମୋ ମତରେ ଏହି ବାକ୍ୟଟି ସମ୍ପୂର୍ଣ୍ଣରୂପେ ଏହି ମହାନ୍ ଇଜ୍‌ତିମାକୁ ପରପ୍ରକାଶ କରୁଅଛି । ମୁଁ ବିଭିନ୍ନ ପ୍ରକାରର ଲୋକମାନଙ୍କୁ ଆପୋଷରେ ମିଶିବାର ଦେଖିଛି ଏହା ଏକ ଏପରି ଧର୍ମ ଯିଏ ପୃଥିବୀରେ ଶାନ୍ତିପ୍ରତିଷ୍ଠା ପାଇଁ ଚେଷ୍ଟା ଓ ଅନ୍ୟାୟ ବିରୁଦ୍ଧରେ ଯୁଦ୍ଧ କରିବା ଉଚିତ । ନିଶ୍ଚିତ ରୂପେ ଏହି କିଛିଦିନର ସ୍ମୃତି ସଦାସର୍ବଦା ମୋ ମନ ଭିତରେ ରହିବ ମୁଁ କେବେ ଏହାକୁ ଭୁଲିପାରିବି ନାହିଁ ।

ବ୍ରାଜିଲ୍‌ରୁ ଆସିଥିବା ଜଣେ ବନ୍ଧୁ ଡନ୍ ପ୍ରାନ୍ସିସ୍କୋ ଯିଏ ହେଉଛନ୍ତି ଜଣେ କ୍ୟାଥୋଲିକ ଇସାଇ ଓ ଖବର କାଗଜ ରେଡ଼ିଓର ମାଲିକ ଅଟନ୍ତି ତାଙ୍କର ସମ୍ବନ୍ଧ ରାଜପରିବାର ସହିତ ରହିଛି ସେ କହୁଛନ୍ତି କି, ମୋତେ ଧର୍ମ ସମ୍ବନ୍ଧରେ ସମ୍ମୁଖୀନ ହେବାକୁ ପଡ଼ିଥାଏ କିନ୍ତୁ ଯେଉଁ ପ୍ରକାର ସୁନ୍ଦର ସୁବ୍ୟବସ୍ଥା ଏଠାରେ ଦେଖିଲି ତାହା ବହୁତ ପ୍ରଭାବ ଶାଳି ଥିଲା ବହୁତ କଥା ଶିଖିବାକୁ ମିଳିଲା । ମୁଁ ନିଜ ଭିତରେ ଏକ ପରିବର୍ତନ ଜାଣୁଛି । ସେ କହୁଛନ୍ତି ମୁଁ ଭାରତର ଗୋଟିଏ ମସ୍‌ଜିଦ୍‌ରେ ନିଜ ସ୍ତ୍ରୀଙ୍କ ସହିତ ଯାଇଥିଲି ସେଠାରେ ମୁସଲମାନମାନଙ୍କ ତରଫରୁ ବହୁତ ଅନୁଚିତ ବ୍ୟବହାର ପାଇଲି କିନ୍ତୁ ଏଠି ଜଲ୍‌ସା ସାଲାନା ସମୟରେ ଓ ପରେ ମଧ ତାହା ମୁକାବିଲାରେ ମୋତେ ବହୁତ ମାନସମ୍ମାନ ଦିଆଗଲା ।

ସ୍ପେନ୍‌ର ସୋସିଆଲିଷ୍ଟ ପାର୍ଟିର ପୁର୍ବତନ ପାର୍ଲାମେଂଟ ଇସ୍ପାକ୍ୟୁ ସାହେବ କହୁଛନ୍ତି ଯେ, ମୁଁ ନିଜକୁ ଧାର୍ମୀୟ ଆସ୍ଥାଠାରୁ ଦୁରେଇ ରଖିଥାଏ କିନ୍ତୁ ଯମାତ୍ ଅହେମଦୀୟା କର୍ମ ଦ୍ୱାରା ପ୍ରେମର ତବ୍‌ଲିଗ୍ କରୁଅଛି ସେଥିପାଇଁ ମୁଁ ଯମାତ ର ନିକଟତର ହୋଇଛି । କାଲିର ବୟତ ମୋ ଭିତରେ ସୁନ୍ଦର ମନୋଭାବକୁ ସୃଷ୍ଟି କରିଛି ସେଥିପାଇଁ ମୁଁ ଏହି ଅଭୁଲା ଅନୁଭବ ଯୋଗୁଁ ବହୁତ ଆନନ୍ଦିତ ଏହି ଦିନ ମୋ ପାଇଁ ଅଭୁଲା ଅଟେ ଏହି ଦିନଗୁଡ଼ିକରେ ମୋତେ ଅନୁଭବ ହେଉଥିଲା ଯେ ମୁଁ ହେଉଛି ଜଣେ ଅହେମଦୀ ଯିଏ ପୃଥିବୀରେ ଶାନ୍ତି ଓ ପ୍ରେମ ଚାହିଁଥାନ୍ତି ଓ ତାହା ଉପରେ ପରିଚାଳିତ ହୋଇଥାନ୍ତି ।

ବଂଙ୍ଗଳାଦେଶର ଜଣେ ଜଷ୍ଟିସ ଆସିଥିଲେ ରିଟାୟର୍ଡ଼ ଜଷ୍ଟିସ ନିଜାମୁଦ୍ଦିନ ସାହେବ ସେ କହୁଛନ୍ତି ମୁଁ ଅହେମଦୀ ନୁହେଁ କିନ୍ତୁ ଅହେମଦୀ ମୁସଲମାନ । ପୃଥିବୀର ଅନେକ ଦେଶରେ ଅହେମଦୀମାନଙ୍କ ଉପରେ ବହୁ କାଳ ହେବ ଅତ୍ୟାଚାର ହେଉଅଛି ଜଣେ ହ୍ୟୁମାନ ରାଇଟ୍‌ସ ଆକ୍ଟିଭିସ୍ଟ ହୋଇଥିବା ଯୋଗୁଁ ମୁଁ ମାନବିକ ସହାନୁଭୁତି ଆଧାରରେ ଅହେମଦୀମାନଙ୍କୁ ସମର୍ଥନ କରୁଅଛି । ବିଭିନ୍ନ ଦେଶ ଗୁଡ଼ିକ ମୁଁ ଯାତ୍ରା କରିସାରିଛି । ପ୍ରତ୍ୟେକ ମନୁଷ୍ୟକୁ ଏ ଅଧିକାର ହାସଲ ଅଛି ଯେ, ସେ ନିଜର ବିଶ୍ୱାସ ଓ ପ୍ରଥାକୁ ପ୍ରଚାର ଓ ପ୍ରସାର କରିପାରିବ ଜଲ୍‌ସାରେ ଶୃଙ୍ଖଳା ଦେଖିଲି ଓ ଯମାତ୍‌ର ସଦସ୍ୟମାନଙ୍କ ମଧରେ ନିଜ ଖଲିଫାଙ୍କ ପାଇଁ ଥିବା ପ୍ରେମ ଓ ସମ୍ମାନକୁ ଦେଖିଲି ଏବଂ ଜ୍ଞାନପିପାସା ଅତ୍ୟନ୍ତ ପ୍ରଭାବଶାଳୀ ପ୍ରଥା ଥିଲା । ମୁଁ ସବୁ ଅଭିଭାଷଣ ଗୁଡ଼ିକୁ ବହୁତ ଧ୍ୟାନ ଦେଇ ଶୁଣିଛି ଯଦ୍ୱାରା ମୋ ନିଜର କିଛି ଭୁଲ୍ ବୁଝାମଣା ଦୁର ହୋଇଗଲା । ଅହେମଦୀମାନଙ୍କୁ ଦରକାର ଯେ ସେମାନେ ଅଧିକରୁ ଅଧିକ କହନ୍ତୁ ଯଦ୍ୱାରା ତାଙ୍କ ସମ୍ବନ୍ଧରେ ଥିବା ଭୁଲ୍ ବୁଝାମଣା ଦୂର ହୋଇପାରିବ । ପ୍ରଥମେ ମୁଁ ଏକଥା ଭାବୁଥିଲି ଯେ, ଅହେମଦୀମାନେ ରସୁଲେ କରିମ୍ ସ:ଆ:ସଙ୍କୁ ଖାତମୁନ୍ ନବିଓ୍ୱ ରୂପେ ବୁଝୁନାହାନ୍ତି କିନ୍ତୁ ଏଠାକୁ ଆସି ମୁଁ ଜାଣିବାକୁ ପାଇଲି ଯେ, ଏପରି ନୁହେଁ । ସଂକ୍ଷେପରେ ହେଉଛି ଏହା କି ମୁଁ ଏହି ଜଲ୍‌ସାରୁ ବହୁତ କିଛି ଶିଖିଲି ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ଏବଂ ବିଶେଷ ରୂପେ ଯମାତ୍ ଅହେମଦୀୟାର ଇମାମ୍‌ଙ୍କୁ କୃତଜ୍ଞତା ଜଣାଉଛି ।

ଖ୍ରୀଷ୍ଟିୟାନ୍ କ୍ୟାଥୋଲିକ୍ ଫିର୍‌କା ସହିତ ସମ୍ବନ୍ଧ ରଖିଥିବା ହ୍ୟୁ ଫେରି ସାହେବ ଯିଏ ଜଣେ ବୈଜ୍ଞାନିକ ଅଟନ୍ତି ଏବଂ ବ୍ରିଟିଶ ସୋସାଇଟ୍ ଅଫ୍ ଟ୍ୟୁରାନ୍ ସିରାଉଡ୍ ର ସେ ପୁର୍ବତନ ଏଡ଼ିଟର୍ ଥିଲେ । ସେ କହୁଛନ୍ତି ଯେ, ମୁଁ ନିୟମିତ ଏ ଜଲ୍‌ସାକୁ ପାଂଚ ବର୍ଷ ହେବ ଆସୁଅଛି ଓ ମୋତେ ଏ କଥା କହିବାକୁ ପଡୁଛି ଯେ, ସେ ନିଜର ଭିଷଣ ପ୍ରାର୍ଥନା ଦ୍ୱାରା ଏହି ଆତ୍ମାକୁ ଶେଷ ହେବାକୁ ଦେଲା ନାହିଁ । ଯାହା ତା'ର ବାତାବରଣରେ ମତେ ସେତେବେଳେ ମଧ ଅନୁଭବ ହୋଇଥିଲା ଯେବେ ପ୍ରଥମଥର ମତେ ନିମନ୍ତ୍ରଣ ଦିଆଯାଇଥିଲା । ମୁଁ ଶେରାଉଡ୍ ଅଫ୍ ଟ୍ୟୁରନ୍‌ର ପ୍ରବୀଣ ଓ ଏହା ଏକ ଏପରି କପଡ଼ା ଯାହା ଅହେମଦୀୟା ଯମାତ୍‌ରେ ଅତ୍ୟନ୍ତ ଉତ୍ସାହିତର କାରଣ ହୋଇଥାଏ କାରଣ ତାଙ୍କର ଏ ଧାରଣା ରହିଛି ଯେ, ଏହା ହେଉଛି ଏକ ପ୍ରମାଣ କି ମସିହ୍‌ଙ୍କ ଦେହାନ୍ତ କୃଷ ଉପରେ ହୋଇନଥିଲା । ଏହା ସତ୍ୱେ ମଧ ଏ କଥା ତାଙ୍କୁ ଏଥିରୁ ନିବୃତ ରଖୁନାହିଁ ଯେ, ସେମାନେ ତାର ପ୍ରବୀଣକୁ ନିମନ୍ତ୍ରଣ ଦେବେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏକଥାରେ ଏକମତ ଯେ, ଏହି ଫଟୋ ଟି ଜଣେ ମୃତବ୍ୟକ୍ତିଙ୍କ ପ୍ରମାଣ ଦେଉଅଛି । କିନ୍ତୁ ଏମାନେ ଏ କଥାକୁ ହେୟ ଜ୍ଞାନ କରୁଛନ୍ତି ଯେ, ସେ କୌଣସି ଧର୍ମ ସହିତ ସମ୍ପର୍କ ରଖିଛନ୍ତି ଓ ପୁଣି ମଧ ତାଙ୍କୁ ଡ଼ାକୁଛନ୍ତି । ମୁଁ ନିଜର ଅନୁଶୀଳନ ହେଉଛି ଏହା କି, ଏହା ମଧ ଯୁଗରେ ତିଆରି କରାଯାଇଥିଲା । ଅହେମଦୀମାନେ ଏ କଥାରେ ତଜାଦ୍ ରଖୁନାହାନ୍ତି ଯେ, ମସିହି ବଂଚି ଯାଇଥିଲେ ଏବଂ ପୁଣି କାଶ୍ମୀର ଆଡ଼କୁ ହିଜ୍‌ରତ କରିଯାଇଥିଲେ । ସେ ନିଜର ଦୃଷ୍ଟିକୋଣକୁ ବତାଉଛନ୍ତି ଯେ, ମୋର ଏବେ ଏହି ଉଦ୍ଦେଶ୍ୟ ରହିଛି ଯାହା ଅହେମଦୀମାନଙ୍କର ଉଦ୍ଦେଶ୍ୟ ଅଟେ ।

ରିଭ୍ୟୁ ଅଫ୍ ରିଲିଜିୟନସ୍‌ର ଏହି ପ୍ରଦର୍ଶନୀ ଅହେମଦୀମାନଙ୍କ ବିଶାଳ ହୃଦୟ, ଶାନ୍ତିପ୍ରୀୟ ଏବଂ ପୁଣ୍ୟପ୍ରକୃତିର ହେବା ପ୍ରମାଣ ଦେଉଛି । ପୁଣି ସେ କହୁଛନ୍ତି ଯେ ଏଠାରେ ବିଭିନ୍ନ ପ୍ରକାରର ଡ଼ିସ୍‌କସ୍ ମଧ ହେଲା । ପ୍ୟାନେଲ ଡିସ୍‌କସନ୍ (Panel Discussion) ମଧ ହେଲା । ଆମେରିକାରୁ ଆସିଥିବା ଡ଼ାକ୍ତର ସାହେବ ଗୋଟିଏ ପ୍ୟାନେଲ୍‌ରେ ସାମିଲ ହୋଇଥିଲେ ଯିଏ ହେଉଛନ୍ତି ଜଣେ ଟ୍ରୌମା (Trauma) ର ସର୍ଜନ । ଏଥରକ ପ୍ରଥମ ଅହେମଦୀ ପ୍ରବୀଣଙ୍କ ମଧରେ ସାମିଲ ହୋଇଛନ୍ତି । ତାଙ୍କ ନିଜସ୍ୱ ଅନୁଭବ ଉପରେ ଆଧାରିତ ବ୍ୟାପକ ଜ୍ଞାନ, ତାଙ୍କ ଦଲିଲ୍‌କୁ ମଜବୁତ୍ କରୁଥିଲା, ଯାହା ସେ ଜଣେ ଲୋକଙ୍କ କଫନ୍ ଭିତରେ ରହି ଅର୍ଥାତ ମୃତ ଘୋଷିତ ହେବା ପରେ ମଧ ବଂଚିଯାଇଥିଲା । ସେ ମଧ ବହୁତ ପ୍ରଭାବିତ ହେଲେ ।

କାମ୍ବ୍ରିଜ୍ ୟୁନିଭରସିଟି (Cambridge University) ର ଜଣେ ପ୍ରଫେସର ଓ ଶେରାଉଡ୍ ଅଫ୍ ଟ୍ୟୁରନ୍ କମିଟିର ସରକାରୀ ମେମ୍ବର ପିଟର୍ ୱିଲିୟମ୍‌ସ ସାହେବ କହୁଛନ୍ତି ଯେ ଏହା ମୋର ପ୍ରଥମ ଜଲ୍‌ସା ଥିଲା । ମୁଁ ପୂର୍ବରୁ ଏଥିରେ ସାମିଲ୍ ନ ହୋଇଥିବାରୁ ବହୁତ ଦୁଃଖ ଅନୁଭବ କରୁଛି । ମୁଁ ଆମକୁ ଏପରି ଜଲ୍‌ସାରେ ଯୋଗଦେବାପାଇଁ ଚାହିଁବି । ମୋର ଏ ବିଶ୍ୱାସ ଯେ ମୁଁ ଆସନ୍ତାକୁ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସାରେ ନିଶ୍ଚୟ ଯୋଗଦେବି । ମୁଁ ଏହି ସମ୍ମିଳନୀ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ଏତେ ବଡ଼ ସଂଖ୍ୟାରେ ଲୋକମାନେ ଏଠାରେ ଉପସ୍ଥିତ ହେବା ଏବଂ ଏତେ ପରିଶ୍ରମ ଏଠାରେ ଖର୍ଚ୍ଚ ହେବା ଓ ଏତେ ପ୍ରେମର ସହିତ ସବୁ କିଛି ଅନୁଷ୍ଠିତ ହେବା ମତେ ବହୁତ ପ୍ରଭାବିତ କରିଛି । ଟ୍ୟୁରନ୍‌ର ପ୍ରଦର୍ଶନୀ ପାଇଁ ଏତେ ପରିଶ୍ରମ କରିବ ଓ ପୁଣି ବହୁତ ନିଷ୍ଠାର ସହିତ ଯମାତ୍ ଅମେଦୀୟା ଏହାକୁ ଅନୁଷ୍ଠିତ କରିବା ଏକଥାର ପ୍ରମାଣ ଯେ ଲୋକମାନେ ଏ ସମ୍ବନ୍ଧରେ ଅଧିକା ଜାଣିବାପାଇଁ ଇଛା କରୁଛନ୍ତି । ଯେବେ କି ଆମେ ଏପର୍ଯ୍ୟନ୍ତ ନିଜେ ମଧ ସମ୍ପୁର୍ଣ ରୂପେ ବୁଝିପାରିନାହୁଁ ।

ପୁଣି କାନାଡ଼ା Aboriginal Community ର ପ୍ରତିନିଧି ଶ୍ରୀମାନ୍ Chief Myeengum Henry ସାହେବ କହୁଛନ୍ତି ଯେ ଜଲ୍‌ସା ସାଲାନାରେ ଯୋଗଦେବା ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା କାରଣ ଏହାଦ୍ୱାରା ମୋ ଜୀବନରେ ପରିବର୍ତନ ଆସିଛି । ମୁଁ ଏବେ ଇସଲାମ ସମ୍ବନ୍ଧରେ ପୂର୍ବାପେକ୍ଷା ବହୁତ ଜାଣିଛି । ମତେ ଏକଥା ମଧ ଅନୁଭବ ହେଲା କି ଇସଲାମ୍ ସହିତ କାନାଡ଼ା ର ପୂରାତନ ଧର୍ମର ବହୁତ ସାମଞ୍ଜସ୍ୟ ରହିଛଇ । ମୁଁ ଏକଥାରେ ବହୁତ ଅଭିଭୁତ ହେଲି ଯେ ଇସଲାମ ମହିଳାମାନଙ୍କୁ ସମାନ ଅଧିକାର ପ୍ରଦାନ କରିଛି । ପ୍ରଥମେ ମତେ ଚାରିଆଡ଼େ ପୂରୁଷ ହିଁ ପୁରୁଷ ଦେଖାଯାଉଥିଲେ କିନ୍ତୁ ପରେ ମତେ ଜଣାପଡ଼ିଲା ଯେ ମହିଳାମାନଙ୍କ ପାଇଁ ପୁରୁଷଙ୍କ ପରି ବ୍ୟବସ୍ଥା କରାଯାଇଅଛି । ଏକଥାକୁ ବହୁତ ଅଣମୁସଲିମ୍ ଜାଣିନାହାନ୍ତି । ମୁଁ ସେମାନଙ୍କୁ ବତାଇବି ଯେ ଇସଲାମ୍ ପୁରୁଷ ଓ ମହିଳାମାନଙ୍କ ଅଧିକାର ସମ୍ବନ୍ଧରେ ବିଭେଦ କରେ ନାହିଁ । ହଜୁରଙ୍କ ସହିତ ତାଙ୍କର ଯେଉଁ ସାକ୍ଷାତକାର ହୋଇଥିଲା ସେଥିରେ ସେ ବହୁତ ପ୍ରଭାବିତ ହୋଇଛନ୍ତି ।

ସେହିପରି Chief Rene Warren Chaboyer Sb ଜଲ୍‌ସା ସାଲାନାରେ ଯୋଗଦେଇ କହିଲେ: ମୁଁ ବହୁତ ଖୁସି ଅଛି ଯେ ମତେ ଏତେ ବଡ଼ ଜଲ୍‌ସାରେ ଭାଷଣ ଦେବାପାଇଁ ମୌକା ଦିଆଗଲା । ଇସଲାମ୍ ଏତେ ଶାନ୍ତିପ୍ରୀୟ ଓ ଈଶ୍ୱରଙ୍କ ଭକ୍ତ / ସୃଷ୍ଟଜ ସହିତ ପ୍ରେମ କରିବା ପାଇଁ ଶିକ୍ଷା ଦେଉଥିବା ଧର୍ମ ବୋଲି ମୁଁ କେବେ ଭାବି ନଥିଲି । ପୁଣି ସେ କହୁଛନ୍ତି ଯେ ମୁଁ ଇଛାକରି କି ଇମାମ୍ ଯମାତ୍ ଅହେମଦୀୟାଙ୍କୁ ଆବୋରିଜିନଲ୍ କମ୍ୟୁନିଟିର ସବୁଠାରୁ ବଡ଼ ସମ୍ମାନ ଦେବା ଉଚିତ । ମୁଁ ମୋର ଆତିଥ୍ୟତା କରୁଥିବା ବ୍ୟକ୍ତିଙ୍କୁ ଏ କଥା କହିଲି । ମୁଁ ଏହା ନିଷ୍ପତି କଲି ଯେ ଚିଲ ପରରେ ତିଆରି ହୋଇଥିବା ହେଡ୍ ଡ୍ରେସ୍ (ଅର୍ଥାତ୍ ମୁକୁଟ ଯାହାକୁ ଆମେ ମୁଣ୍ଡରେ ପିନ୍ଧିଥାଉଁ) ସେହି ଚିଲର ଏକ ପର ଯାହା ଆମପାଇଁ ବହୁତ ମୂଲ୍ୟବାନ ତାହାକୁ ବାହାର କରି ଯମାତ ଅହେମଦୀୟାର ଇମାମଙ୍କ ସେବାରେ ଅର୍ପଣ କରିବି । ଏହା ଏପରି ଏକ ସମ୍ମାନର ବିଷୟ ଯାହା ଆଜି ପର୍ଯ୍ୟନ୍ତ କୌଣସି ଲିଡ଼ର୍‌ଙ୍କୁ ଦେଇନାହିଁ । ମୁଁ ଯମାତ୍ ଅହେମଦୀୟା ଓ ତାଙ୍କ ଆସ୍ଥାକୁ ବହୁତ ସମ୍ମାନ ଦେଉଛି । ପୁଣି ସେ କହୁଛନ୍ତି ହଜୁରଙ୍କ ସହିତ ସମୟ ବିତାଇବା ମତେ ବହୁତ ଭଲ ଲାଗିଲା । ହଜୁର ଅନଓ୍ୱର କହୁଛନ୍ତି: ସେ ମହାଶୟ ମୋ ସହିତ ଏକ ସାକ୍ଷାତକାର ସମୟରେ ମତେ ସେହି ପରଟିକୁ ମଧ ଦେଇଥିଲେ ।

ବେଲିଜ୍ ଦେଶର ଜଣେ ଅତିଥିବ Renee Trujillo Sb ଯିଏ Love Fm Channel ର ଡ଼ାଇରେକ୍ଟର ଅଫ୍ ନ୍ୟୁଜ୍ ଅଛନ୍ତି । ସେ କହୁଛନ୍ତି ମୁଁ ଅହେମଦୀମାନଙ୍କ ମଧରେ ଯେଉଁଭଳି ଏକତା ଦେଖିଛି ତାହା ମନୁଷ୍ୟଙ୍କ ମଧରେ ଏକ ନୂଆ ଆତ୍ମା ଫୁଙ୍କିଦେବ । ଏହା ଦେଖି ମନ ଭିତରେ ଶାନ୍ତିପ୍ରାପ୍ତ

କରିବାକୁ ଇଛା ପ୍ରକାଶ ହେଉଛି । ଆମକୁ ବହୁତ ସୁବିଧାରେ ରଖାଗଲା । ସମସ୍ତ ବ୍ୟବସ୍ଥା ବହୁତ ସୁବ୍ୟବସ୍ଥିତ ଥିଲା । ଇମାମ୍ ଯମାତ୍‌ଙ୍କ ଅଭିଭାଷଣ ଗୁଡ଼ିକ ବର୍ତମାନ ଯୁଗରେ ଆବଶ୍ୟକତା ଅନୁସାରେ ଥିଲା । ହଜୁରଙ୍କ ଯେଉଁ ଭାଷଣଟି ମହିଳାମାନଙ୍କ ପାଇଁ ବିଶେଷ ରୂପେ ଥିଲା ତାହା ମତେ ଇସଲାମ ଧର୍ମକୁ ଭଲଭାବେ ଜାଣିବା ପାଇଁ ଓ ବୁଝିବା ପାଇଁ ଖୋରାକ ଯୋଗାଇଲା । ଜଲ୍‌ସାରେ ସାମିଲ ହେବା ଯୋଗୁଁ ମତେ ଅହେମଦିୟତ୍ ଏହା ଆସ୍ଥା ଓ ବିଶ୍ୱାସ ସମ୍ବନ୍ଦରେ ପ୍ରଶ୍ନ କରିବା ପାଇଁ ମୌକା ମିଳିଲଶ ଏବଂ ଏହା ଦ୍ୱାରା ମତେ ବହୁତ ଲାଭ ହେଲା ।

ପୁଣି ବେଲିଜ୍‌ରୁ Chster Williams Sb ଯିଏ ବେଲିଜ୍ ର ପୋଲିସ କମିଶନର ଅଛନ୍ତି, ସେ କହୁଛନ୍ତି ଇସଲାମ ସମ୍ବନ୍ଧରେ ମୋର ଜ୍ଞାନର ବୃଦ୍ଧି ହେଲା । ଜଲ୍‌ସାରେ ଯୋଗଦେବା ପୂର୍ବରୁ ମତେ ଲାଗୁଥିଲା । ଯେ ସାରା ମୁସଲମାନ ଏକାପରି କିନ୍ତୁ ଏବେ ବୁଝିପାରିଲି ଯେ ଆହୁରି ଅନେକ ଫିର୍କା (ଅର୍ଥାତ୍ ଗୋଷ୍ଠି) ଅଛନ୍ତି । ପ୍ରଶଂସନୀୟ କଥା ହେଉଛି ଏହା କି ଅହେମଦୀମାନେ ଶାନ୍ତିକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ ଯୁବଗୋଷ୍ଠିର ସୁଧାର ନିମନ୍ତେ ବହୁତ ସମୟ ଖର୍ଚ୍ଚ କରୁଛନ୍ତି ।

ଆମେରିକାରୁ ସରକାରୀ ସ୍ତରରୁ କଙ୍ଗ୍ରେସ ଷ୍ଟାଫ୍ ଏବଂ ଏତତ୍ ବ୍ୟତିତ ୟୁ.ଏସ୍ କମିଶନ୍ ଫର୍ ରିଲିଜିୟନ୍‌ର ପ୍ରତିନିଧି ମଧ୍ୟ ଆସିଥିଲେ । ସେହିପରି ଚାଇନା Uyghur Muslims ର ପ୍ରତିନିଧି ମଧ୍ୟ ଥିଲେ । ସେ କହୁଛନ୍ତି ମୁଁ ଜଲ୍‌ସା ସାଲାନା ୟୁ.କେ ଓ ୟୁ.ଏସ୍.ଏ ରେ ସାମିଲ ହୋଇଛି । ଯେଉଁଭଳି ଯମାତ୍ ମିଳିମିଶି କାମ କରୁଛି ତାହା ବହୁତ ଚମତ୍କାର ଅଟେ । ସମସ୍ତ ସ୍ୱେଚ୍ଛାସେବୀ କର୍ମୀମାନଙ୍କ ନିସ୍ୱାର୍ଥପର ସେବା ଦ୍ୱାରା ମୁଁ ବହୁତ ପ୍ରଭାବିତ । ଏହି ଜଲ୍‌ସା ଯୁବକମାନଙ୍କୁ ଏକତା ପ୍ରତି ଅନୁପ୍ରାଣିତ କରୁଅଛି ଏବଂ ଐକ୍ୟମନୋଭାବ ସୃଷ୍ଟି କରୁଛି ।

ପୁଣି ବାକି ଅତିଥିମାନଙ୍କ କଥାକୁ ଛାଡ଼ି ଦେଉଛି । ପୁଣି ଜଣେ ଆର୍ଜେଟିଂନାର ସାମ୍ବାଦିକ ଥିଲେ । ତାଙ୍କ ବିଷୟରେ ଏଠାରେ ଚର୍ଚ୍ଚା କରିଦେଉଛି । ସେ କହୁଛନ୍ତି ମତେ ଜଣେ ସାମ୍ବାଦିକ ହିସାବରେ ବିଭିନ୍ନ ପ୍ରୋଗ୍ରାମରେ ଯୋଗଦେବା ପାଇଁ ଅବିର ମିଳୁଛି କିନ୍ତୁ ଆପଣଙ୍କ ଜଲ୍‌ସାରେ ଏକ ଅସାଧାରଣ କଥା ମୁଁ ଦେଖିବାକୁ ପାଇଲି ଯେ ସମସ୍ତେ ଅର୍ଥାତ୍ ଅତିଥି ଓ ଆତିଥ୍ୟତା କରୁଥିବା ଲୋକେ ଏକ ସମୟରେ ଆତିଥ୍ୟତା କରୁଥିବା ସଂଗଠର ମେମ୍ବର ଜଣାପଡୁଛନ୍ତି । ସେ ପୁଣି କହୁଛନ୍ତି ଅନ୍ୟ ୟୁନିଟ୍‌ସରେ ସ୍ପଷ୍ଟରୂପେ ଆତିଥ୍ୟତା ପ୍ରଦାନ କରୁଥିବା ଲୋକ ଓ ଆତିଥିମାନଙ୍କ ମଧ୍ୟରେ ଥିବା ଫରକ ଦେଖାଯାଏ ବରଂ ଏତେ ବଡ଼ ୟୁନିଟ୍ ପାଇଁ ଲୋକମାନଙ୍କୁ ଭଡ଼ାରେ ଆଣିବାକୁ ପଡ଼ିଥାଏ କିନ୍ତୁ ଆପଣଙ୍କ ଜଲ୍‌ସାରେ ଏପରି ଲାଗୁଥିଲା ଯେ ଏଥିରେ ସାମିଲ ହୋଇଥା ଲୋକମାନେ ଅତିଥି ଅଛନ୍ତି ଓ ଆତିଥ୍ୟତା କରୁଥିବା ଲୋକ ମଧ୍ୟ ଅଛନ୍ତି । ଯେବେ ଆବଶ୍ୟକ ପଡୁଥିଲା ତେବେ ଅତିଥିମାନେ ମଧ୍ୟ ଆତିଥ୍ୟତା ପ୍ରଦାନ କରୁଥିଲେ । ହଜୁର କହୁଛନ୍ତି: ଏହା ହେଉଛି ଏପରି ଏକ ବିଶେଷ ଗୁଣ ଯାହା ଆମ ଜଲ୍‌ସାରେ ସର୍ବଦା ହେବା ଉଚିତ ।

କଲମ୍ବିଆର ଦେଶର ଜଣେ ସାମ୍ବାଦିକ ଓକିଲ Jesus Gabalam କହୁଛନ୍ତି ଯେ ମାନବିକ ଅଧିକାର ସମ୍ବନ୍ଧର ଇମାମ୍ ଯମାତଙ୍କ ଯେଉଁ ଭାଷଣ ଥିଲା, ତାହା ମତେ ବହୁତ ପସନ୍ଦ ଲାଗିଲା ଜଣେ ସାମ୍ବାଦିକ ହିସାବରେ ପୃଥିବୀ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ସାମାଜିକ ଓ ଧାର୍ମିକ ବ୍ୟକ୍ତିମାନଙ୍କ ସହିତ ସାକ୍ଷାତ କରିବାର ମୌକା ମିଳୁଛି । ଇମାମ୍ ଯମାତ୍ ଅହେମଦୀୟାଙ୍କ ସହିତ ସାକ୍ଷାତ କରି ମତେ ବହୁତ ଭଲ ଲାଗିଲା । ମୋର ଏ ଆନ୍ତରିକ ଇଛା ଯେ ଇସଲାମର ସୁନ୍ଦର ଶିକ୍ଷା ସହିତ କଲମ୍ବିଆର ଲୋକମାନଙ୍କୁ ପରିଚିତ କରାଇବା ପାଇଁ ଅହେମଦି ମିଶନାରୀମାନଙ୍କୁ ସେଠାକୁ ପଠାଯାଉ, ଏହା ମୋ ଦେଶ ପାଇଁ ବର୍ତମାନ ବହୁତ ଆବଶ୍ୟକ ।

ପୁଣି BBS TV Uganda’s CEO କହୁଛନ୍ତି ମୁଁ ଏତେ ବଡ଼ ସମ୍ମିଳନୀକୁ ଶୃଙ୍ଖଳିତ ଦେଖିଲି । ବହୁତ ଆଶ୍ଚର୍ଯ୍ୟ ହେଲି ଯେ ଏଠାରେ କୌଣସି ପୋଲିସ ବା ସେନା ନଥିଲେ । ମୁଁ ହେଉଛି ଜଣେ ଇସାଇ । Jesus in India ସମ୍ବନ୍ଧରେ ଜଲ୍‌ସାରେ ପ୍ରଦର୍ଶନୀ ଦେଖିଲି । ସେଠାରେ ଏକ ସଂଗଠନ ସହିତ ଇସା ଆ:ସଙ୍କ ସମ୍ବନ୍ଧରେ କଥାହେବାର ସେ ମତେ ବାଇବେଲ୍ ର ହୱାଲା ଦେଇ ଏପରି କଥା ବତାଇଲେ ଯାହା ମୁଁ କେବେ ପୂର୍ବରୁ ଶୁଣିନଥିଲି । ମୁଁ ଜାଣି ଆଶ୍ଚର୍ଯ୍ୟ ହେଲି ଯେ ଅହେମଦୀମାନଙ୍କ ନିକଟରେ ଖ୍ରୀଷ୍ଟିଆନ୍ ମାନଙ୍କ ଅପେକ୍ଷା ଅଧିକା ବାଇବେଲ ଜ୍ଞାନ ଅଛି ।

ପୁଣି ବଲିଭିଆ ଦେଶର ଜଣେ ଟି.ଭି ପ୍ରତିନିଧି ଆସିଥିଲେ । ଯିଏ ବଡ଼ ବଡ଼ ଟି.ଭି ପ୍ରୋଗ୍ରାମ କରନ୍ତି । ତାଙ୍କ ନାମ ହେଉଛି ଆରାଣ୍ଡିଆ ସେ କହୁଛନ୍ତି ବହୁତ ସଫଳ ଅନୁଭବ ଥିଲା । ଏହା ପୂର୍ବରୁ ମତେ ଜଲ୍‌ସା ସାଲାନା କାନାଡ଼ାରେ ମଧ୍ୟ ଯୋଗ ଦେବାପାଇଁ ଅବସର ମିଳିଛି । ଏହି ଜଲ୍‌ସାରେ ସାମିଲ ହୋଇ ମୁଁ ପ୍ରକ୍ୟତ ଇସଲାମୀୟ ଶିକ୍ଷାକୁ ଜାଣିପାରିଛି । ଜଲ୍‌ସାର ପରିବେଶ ଓ ଏଥିରେ ହୋଇଥିବା ବକ୍ତୃତାଗୁଡ଼ିକ ଇସଲାମ ସମ୍ବନ୍ଧରେ ଥିବା ମୋର ସମସ୍ତ ଶଙ୍କା ସନ୍ଦେହ ଓ ଭୁଲ୍ ବୁଝାମଣାକୁ ଦୁର କରିଦେଇଛି ।

ୟୁକ୍ରେନ୍‌ରୁ ଆସିଥିବା ଜଣେ ବନ୍ଧୁ ହେଉଛନ୍ତି ଇଗର୍ ସାହେବ୍ । ସେ ଧର୍ମଜ୍ଞାନରେ ପ୍ରବୀଣ । ସେ ପି.ଏଚ.ଡ଼ି କରିଛନ୍ତି ଡ଼ାକ୍‌ଟର । ଦୁଇଟି ପୁସ୍ତକ ମଧ୍ୟ ଲେଖିସାରିଛନ୍ତି । ସେ ଯମାତ୍ ଅହେମଦୀୟାର ଲିଟରେଚର ଗୁଡ଼ିକ ବହୁତ ଗଭୀର ଅଧ୍ୟୟନ କରିଛନ୍ତି । ସେ ଜଲ୍‌ସାରେ ସାମିଲ ହେଲେ ପୁଣି ବୟତ ମଧ୍ୟ କଲେ । ସେ ୟୁକ୍ରେନ କୌମ୍ର ପ୍ରଥମ ଅହେମଦୀ । ସେ ନିଜର ମନୋଭାବ କୁ ବ୍ୟକ୍ତ କରି କହୁଛନ୍ତି ଯେ ମୁଁ ମୋ ଜୀବନରେ ଆନ୍ତର୍ଜାତୀୟ ସ୍ତରରେ ଅନୁଷ୍ଠିତ ହେଉଥିବା ବହୁତ କନ୍‌ଫେରନ୍‌ସ, ଜଲ୍‌ସା ଓ ଉତ୍ସବ ଗୁଡିକରେ ସାମିଲ ହେବାର ଅବସର ପାଇଛି କିନ୍ତୁ ଜଲ୍‌ସା ସାଲାନାରେ ସାମିଲ ହେବା ମୋ ମନ ଓ ଆତ୍ମା ଉପରେ ଏତେ ପ୍ରଭାବ ପକାଇଛି ଯାହା ଏହି ଜୀବନରୁ ନେଇ ପରକାଳକୁ ଯିବା ପର୍ଯ୍ୟନ୍ତ ବାକି ରହିବ । ଆରବୀ ଭାଷାରେ ଏକ ସୁନ୍ଦର ଶବ୍ଦ “ନୁର୍” । ଯାହାର ଅର୍ଥ ହେଉଛି ଆଲୋକ । ଜଲ୍‌ସା ସାଲାନା ଇମାନ୍ ଏବଂ ପ୍ରେମର ସେହି ଆଲୋକ ଯାହା ସମଗ୍ର ମାନବଜାତିକୁ ନିଜ ଅସ୍ତିତ୍ୱ ଦ୍ୱାରା ଆଲୋକିତ କରୁଅଛି ।

ପୁଣି କହୁଛନ୍ତି ଖଲିଫତୁଲ୍ ମସିହଙ୍କ ଅଭିଭାଷଣ ମତେ ଏକଥାକୁ ବୁଝିବର ପାଇଁ ବହୁତ ସାହାଯ୍ୟ କଲା ଯେ ଏ ସଂସାରରେ ମୋ ଉପସ୍ଥିତିର ଅସଲ ଉଦ୍ଦେଶ୍ୟ କଣ । ପୁଣି ବ୍ୟବସ୍ଥାପିକା ବିଭାଗକୁ ସେ ବହୁତ ପ୍ରଶଂସା କଲେ ।

ସେହିପରି ମେକ୍ସିକୋରୁ ଆସିଥିବା ମାରୟା ସାହିବା କହୁଛନ୍ତି ଯେ ମତେ ଇସଲାମ ଗ୍ରହଣ କରିବାକୁ କେବଳ ଦୁଇ ମାସ ହୋଇଛି । ଇସଲାମ ସମ୍ବନ୍ଧରେ ମୋର ବହୁତ ପ୍ରଶ୍ନ ଥିଲା କିନ୍ତୁ ଜଲ୍‌ସାରେ ସାମିଲ ହେବା ଯୋଗୁଁ ଇସଲାମ ସମ୍ବନ୍ଧରେ ମୋର ଜ୍ଞାନ ବଢ଼ିଲା । ମୋର ସମସ୍ତ ସେନ୍ଦହ ଓ ପ୍ରଶ୍ନର ଉତର ମିଳିଗଲା । ଏହି ଜଲ୍‌ସାରେ ସାମିଲ ହେବା ଏକ ଅଭୁଲା ଅନୁଭବ । ଏଥିରେ ସାମିଲ ହୋଇ ମତେ ଏକଥାର ଗର୍ବ ଅନୁଭବ ହେଉଛି ଯେ ମୁଁ ଜଣେ ମୁସଲମାନ ଓ ଆଜି ମୁଁ ଏହା ଶପଥ କରିଛି ଯେ ଏବେଠାରୁ ନିଜର ହିଜାବ୍ (ବୁର୍କା) ଗର୍ବର ସହିତ ପିନ୍ଧିବି ଏବଂ ସର୍ବଦା ବ୍ୟବହାର କରିବି ।

ପାରାଗୁଏର ଜଣେ ନୂଆ ଅହେମଦୀ ମହିଳା କହୁଛନ୍ତି ଯେ ଏ ଜଲ୍‌ସା ବହୁତ ଭଲ ଥିଲା ମୁଁ ଆପଣଙ୍କ ଭାଷଣ ସବୁ ଶୁଣିଛି, ଏହା ବହୁତ କାର୍ଯ୍ୟଯୋଗ୍ୟ ଅଟେ । ମୋର ଯେଉଁ ସବୁ ପ୍ରଶ୍ନଗୁଡ଼ିକ ଥିଲା, ଏଥିରୁ ତାହା ସବୁର ଉତର ମିଳିଗଲା । ମତେ ଏପରି ଲାଗୁଥିଲା ଯେମିତି ନିଜ ଭାଷଣରେ ମୋ ପ୍ରଶ୍ନଗୁଡ଼ିକ ଆଖି ଆଗରେ ରଖି ପ୍ରସ୍ତୁତ କରିଛନ୍ତି । ମୁଁ ଆଧାତ୍ମିକ ଦୃଷ୍ଟିକୋଣରୁ ବହୁତ ଗୁଡ଼ିଏ ଜ୍ଞାନ ନିଜ ସାଥିରେ ନେଇ ଯାଉଅଛି ।

ହଜୁର ଅନୱର କହୁଛନ୍ତି: ଏହା ମଧ୍ୟ ଅଲ୍ଲାହ ତାଲାଙ୍କ କାର୍ଯ୍ୟ ଯେ ସେ ଏପରି ଭାଷଣ ପ୍ରସ୍ତୁ କରାଇଦେଉଛନ୍ତି ଯାହା ଲୋକମାନଙ୍କୁ ପ୍ରଭାବିତ କରୁଛି ।

ପୂଣି ପ୍ରେସ ଏଣ୍ଡ ମିଡ଼ିଆର ରିପୋର୍ଟ ଅଛି । ବାକି ସବୁ ବିଷୟକୁ ମୁଁ ଏଠାରେ ଛାଡୁଛି । ଆମ ମର୍କଜୀ ପ୍ରେସ ଏଣ୍ଡ ମିଡ଼ିଆର ରିପୋଟ୍ ମୁତାବକ ଏ ପର୍ଯ୍ୟନ୍ତ ମୋଟ ୧୮୩ ଟି ମିଡ଼ିଆ ରିପୋଟ ପ୍ରସାରଣ ହୋଇସାରିଛି । ମିଡ଼ିଆ କଭ୍‌ରେଜ୍‌ର ଧାର ଜାରି ରହିଛି । ଏହି ରିପୋଟ ମାଧ୍ୟମରେ ୧୭୩ ମିଲିୟନ୍ ରୁ ଅଧିକା ଲୋକଙ୍କ ନିକଟରେ ବାର୍ତା ପହଂଚିଛି । ଯେଉଁ ମିଡ଼ିଆ ଗୁଡ଼ିକ କଭ୍‌ରେଜ୍ ଦେଇଛନ୍ତି ସେମାନଙ୍କ ମଧ୍ୟରେ BBC Radio 4 BBC World Service, BBC Asian Network ଏବଂ ଟେଲିଗ୍ରାଫ୍ (ଡଚ୍ ନେଶନାଲ ନ୍ୟୁଜ୍ ପେପର) ରହିଛି । ସ୍କାଏ ନ୍ୟୁଜ୍, ଆଇ ଟି.ଭି, ଏକ୍ସପ୍ରେସ୍, ହଫିଙ୍ଗଟନ୍ ପୋଷ୍ଟ, ପ୍ରେସ୍ ଏସୋସିଏଶନ୍ (ନ୍ୟୁଜ୍ ଏଜେନ୍‌ସି) ରହିଛି । ଇ.ଏଫ.ଇ (ସ୍ପାନିଶ୍ ନ୍ୟୁଜ୍ ଏଜେନ୍‌ସି) Yahoo News ଏବଂ ୟୁ.କେ, ବ୍ରାଜିଲ୍, ହଲାଣ୍ଡ, ସ୍ପେନ୍, ଆର୍ଜେଂଟିନା, ପାନାମା, କଲମ୍ବିଆ, ଚିଲି, ପେରୁ, ଭେନେଜୁ୍ୟଲା, କାମରୁନ୍ ନାଇଜେରିଆ, ବେଲଜିୟମ୍, ଘାନା ଏବଂ ଇଟାଲି ଇତ୍ୟାଦି ଅନେକ ଦେଶରେ ଏହା ସବୁ କଭ୍‌ରେଜ୍ ହୋଇଛି ।

ଏମ୍.ଟି.ଏ ଆଫ୍ରିକା ମାଧ୍ୟମରେ ୧୯ଟି ଚ୍ୟାନେଲ୍‌ରେ ଏହା ସବୁ ପ୍ରଶାରଣ ହୋଇଛି । ଅଲ୍‌ହମ୍‌ଦୋଲିଲ୍ଲାହ୍ ।

ଅଲ୍ଲାଃଙ୍କ କୃପାବଳରୁ ବହୁତ ଯମାତି ଲୋକମାନଙ୍କର ଏ ଜଲ୍‌ସାରେ ଯୋଗଦେବା ବ୍ୟତିତ ଅନ୍ୟ ଲୋକମାନଙ୍କର ବହୁତ ମନୋଭାବ ବ୍ୟକ୍ତ ରହିଛ. ଯେଉଁମାନେ ଜଲ୍‌ସା ଦିନ ଗୁଡ଼ିକରେ ଏହି ପ୍ରୋଗ୍ରାମ ଦେଖିଛନ୍ତି ଓ ବହୁତ ପ୍ରଭାବିତ ହୋଇଛନ୍ତି ।

ଅଲ୍ଲାଃ ତାଲା ଏ ଜଲ୍‌ସାରେ ସାମିଲ ହୋଇଥିବା ଅହେମଦୀମାନଙ୍କ ପାଇଁ ମଧ୍ୟ ଏହି ଜଲ୍‌ସା ସାଲାନା ଇମାନ୍‌ରେ ଉନ୍ନତି ଆଣି ଦେଇ ଯେଉଁ କଥାସବୁ ଏମାନେ ଶୁଣିଛନ୍ତି ଦେଖିଛନ୍ତି ଓ ଶିଖିଛନ୍ତି ତାହାସବୁ ନିଜ ଉପରେ ଲାଗୁ କରନ୍ତୁ, ତା ଉପରେ ପରିଚାଳିତ ହୁଅନ୍ତୁ । ପ୍ରେସ୍ ଏବଂ ମିଡ଼ିଆ ମାଧ୍ୟମରେ ଯେଉଁ ଖବର ପୃଥିବୀରେ ପହଂଚିଛି ତାହା ମଧ୍ୟ ଲୋକମାନଙ୍କ ମନ ଉପରେ ପ୍ରଭାବ ପକାଉ ଓ ସେମାନଙ୍କ ପାଇଁ ଅହେମଦୀୟତ୍ ଓ ପ୍ରକୃତ ଇସଲାମକୁ ଗ୍ରହଣ କରିବାର କାରଣ ହେଉ ।

ନମାଜ ପରେ ମୁଁ ଏକ ନମାଜ ଯନାଜାଃ ଗାଏବ ମଧ୍ୟ ପଢ଼ାଇବି । ଏହା ମୋକରମ୍ ମୁଜିବୁର୍ ରହ୍‌ମାନ୍ ସାହେବ୍ ଆଡ଼୍‌ଭୋକେଟ୍‌ଙ୍କ ଯନାଜାଃ ସେ ୩୦ ଜୁଲାଇ ୨୦୧୯ ଦିନ ରବୱାର ତାହେର୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍ (Taher heart Institute)ରେ ୮୫ ବର୍ଷ ବୟସରେ ମୃତ୍ୟୁ ବରଣ କଲେ । **ଇନ୍ନ ଲିଲ୍ଲା ହେ ୱ ଇନ୍ନା ଇଲୈହେ ରାଜେଉନ୍ ।** ସେ ଅଲ୍ଲାଃଙ୍କ ଦୟାବଳରୁ ମୁସି ଥିଲେ । ତାଙ୍କ ବାପା ମୋହ୍‌ତରମ୍ ମୌଲାନା ଜିଲୁର୍ ରହ୍‌ମାନ ସାହେବ୍ ମୁରବି ସିଲ୍‌ସିଲା ଥିଲେ । ସେ ତାଙ୍କୁ ତାଙ୍କ ପିଲାଦିନୁ ଅନ୍ୟ ପିଲାମାନଙ୍କ ସହିତ କାଦିଆନ୍ ପଠାଇଦେଇଥିଲେ । ମୁଜିବୁର୍ ରହମାନ୍ ସାହେବଙ୍କ ମାଆଙ୍କୁ ଓ ଭାଇ ଭଉଣୀମାନଙ୍କୁ ବଙ୍ଗାଲ୍‌ରୁ କାଦିଆନ୍ ପଠାଇ ଦେଇଥିଲେ । ତାଙ୍କ ବାପା ହଜରତ ହାଫିଜ୍ ରୌଶନ୍ ଅଲି ସାହେବ୍ ର:ଅଙ୍କ ପ୍ରାଥମିକ ଶିଶ୍ୟମାନଙ୍କ ମଧ୍ୟରେ ଜଣେ ଥିଲେ । ମୌଲାନା ଜଲାଲୁଦ୍ଦିନ୍ ସାହେବ ଶମ୍‌ସ୍ ଏବଂ ଗୁଲାମ୍ ଅହେମଦ୍ ସାହେବ୍ ବଦୁମଲ୍‌ହି ଇତ୍ୟାଦି ଜ୍ଞାନ ଗୁଣି ଜନ ତାଙ୍କ ସହିତ ପାଠ ପଢୁଥିଲେ । ସେ ଉଣା ଅଧିକେ ୩୬ ବର୍ଷ ବେଙ୍ଗଲ୍‌ରେ ସେବା କରିଛନ୍ତି ।

ମୁଜିବୁର୍ ରହମାନ ସାହେବ ପେଶାରେ ଜଣେ ଓକିଲ ଥିଲେ ଓ ଅଲ୍ଲାଃଙ୍କ କୃପାରୁ ସେ ବହୁତ ବଡ଼ ସଫଳ ଓକିଲ ଥିଲେ । ସେ ଯମାତ୍ ର ବହୁତ ଖିଦ୍‌ମତ୍ (ସେବା) କରିଛନ୍ତି । ହଜରତ ଖଲିଫତୁଲ୍ ମସିହିଲ୍ ସାଲିସ୍ ରହେମୁଲ୍ଲାଃ ତାଙ୍କୁ ୧୯୮୦ ମସିହାରେ ଯମାତ୍ ଅହେମଦୀୟା ରାଉଲ ପିଣ୍ଡିର ଅମୀର୍ ବନାଇଥିଲେ । ଏବଂ୧୯୯୮ ମସିହା ପର୍ଯ୍ୟନ୍ତ ସେ ଅମୀର ରହିଥିଲେ । ୧୯୭୪ ମସିହାରେ “ବଇତୁଲ୍ ହମଦ୍” ମରୀ ରୋଡ୍ ରାଉଲ୍ ପିଣ୍ଡିର ଯେଉଁ ମସଜିଦ୍ ଅଛି ତାହାର ମୁକଦ୍ଦମା କାର୍ଯ୍ୟ ମଧ୍ୟ ସେ ସମ୍ପାଦନ କରିଛନ୍ତି । ୧୯୭୮ ମସିହାରେ ଡେରା ଗାଜି ଖାନ୍ ମସଜିଦ୍ ର ମୁକଦ୍ଦମାକୁ ହାଇକୋର୍ଟରେ ଲଢ଼ିଛନ୍ତି । ଯମାତ୍‌ର ଅଗଣତି ମୁକଦ୍ଦମାକୁ ସେ ଅନୁସରଣ କରିଛନ୍ତି । ୧୯୭୮ ମସିହାରେ ମଜଲିସ ଶୁରାଃର ଷ୍ଟାଣ୍ଡିଙ୍ଗ କମିଟିର ସଦସ୍ୟ ହେଲେ ପୁଣି ସଦର ଅଞ୍ଜୁମନ ଅହେମଦୀୟାର କାନୁନ ସଂକଳନ କରିବାରେ ତାଙ୍କୁ ସେବା କରିବାର ମୌକା ମିଳିଲା । ଫିକା କମିଟିର ସଦସ୍ୟ ରୂପେ ଫିକା ଅହେମଦୀୟା ପ୍ରଥମ ଖଣ୍ଡର ସଂକଳନ କାର୍ଯ୍ୟ ସମ୍ପାଦନ କରିବାର ଅବସର ମିଳିଲା । ୧୯୭୭ ରୁ ୭୮ ପର୍ଯ୍ୟନ୍ତ ଜଲ୍‌ସା ସାଲାନାରେ ତାଙ୍କୁ ତକ୍‌ରିର୍ କରିବା ପାଇଁ ମୌକର ମିଳିଲା । ଇସଲାମ ଏବଂ ବିବେକ ସ୍ୱାଧୀନତା ବିଷୟବସ୍ତୁ ଉପରେ ୧୯୭୯ ରୁ ୧୯୮୩ ପର୍ଯ୍ୟନ୍ତ ଜଲ୍‌ସା ସାଲାନାରେ ***ଇସ୍‌ଲାମ୍ ମେ ଇକ୍‌ତିଲାଫାତ୍ କା ଆଗାଜ୍, ଅହେମଦୀ ହଜରତ ବାନି ସିଲ୍‌ସିଲା କି ନଜର ମେ, ଆଫିୟତ୍ କା ହିସାର, ଶଜରେ ଅହେମଦୀୟତ୍ କେ ଶିରିଁ ସମାର*** ବିଷୟ ବସ୍ତୁ ଉପରେ ତକ୍‌ରିର୍ କରିବାର ଅବସର ମିଳିଥିଲା । ଏମ.ଟି.ଏ ର ବିଭିନ୍ନ ପ୍ରୋଗ୍ରାମରେ ତାଙ୍କୁ ଯୋଗଦେବା ପାଇଁ ବହୁତ ମୌକା ମିଳିଛି । ଅନ୍ୟମାନଙ୍କ ଆରୋପର ଉତର ମଧ୍ୟ ଦେଇଛନ୍ତି । ତାଙ୍କର ଧର୍ମଜ୍ଞାନ ମଧ୍ୟ ବହୁତ ଥିଲା । ଅଲ୍ଲାଃ ତାଲାଙ୍କ ଦୟା ବଳରୁ ସାଂସାରିକ ଜ୍ଞାନ ମଧ୍ୟ ବହୁତ ଥିଲା । ଓ ସେ ବହୁତ ସୁନ୍ଦର ଶୈଳୀରେ ମଧ୍ୟ ବାର୍ତାଳାପ କରନ୍ତି ଅଲ୍ଲାଃ ତାଲା ତାଙ୍କୁ ଏକ ବିଶେଷ କହିବା ଶୈଳୀ ପ୍ରଦାନ କରିଥିଲେ ସେଥିରୁ ସେ ଖୁବ୍ ଲାଭ ଉଠାଇଛନ୍ତି ଓ ଯମାତର ଖୁବ ସେବା ମଧ୍ୟ କରିଛନ୍ତି ପୁଣି ଏମ.ଟି.ଏ ର ବିଭିନ୍ନ ପ୍ରୋଗ୍ରାମରେ ସେ ସାମିଲ ହୋଇଛନ୍ତି ଉଦାହରଣ ସ୍ୱରୁପ, ୧୯୭୪ ମସିହାର ପାକିସ୍ତାନୀ ଜାତିୟ ସମ୍ବିଧାନର ନିଷ୍ପତି ଉପରେ ସମିକ୍ଷା, ବିଶ୍ୱ ପ୍ରସିଦ୍ଧ ଐତିହାସିକଙ୍କ ଇଂଟରଭ୍ୟୁ, ବରାହିନେ ଅହେମଦିୟାର ସୌନ୍ଦର୍ଯ୍ୟ ଇତ୍ୟାଦି ବିଷୟବସ୍ତୁ ସାମିଲ ଅଛି । ପୁଣି ୧୯୮୪ ମସିହାରେ କାଦିୟାନିୟତ୍ ଅଡ଼ିନାଂସ ଖିଲାପରେ ଯେଉଁ ମୁକଦ୍ଦମା ସରିୟତି ଅଦାଲତ୍‌ରେ ଦାଏର କରାଯାଇଥିଲା ତାହାର ଅନୁସରଣ କରିବାକୁ ସୌଭାଗ୍ୟ ମିଳିଲା ଓ ସେଠାରେ ମଧ୍ୟ ସେ ଖୁବ୍ ଉତମରୂପେ ଲଢ଼ିଛନ୍ତି । ଫୌଜି ଅଦାଲତରେ ମଧ୍ୟ ଅନୁସରଣ କରିବାପାଇଁ ତାଙ୍କୁ ଅବସର ମିଳିଛି । ଯମାତ୍ ଖିଲାଫତ୍‌ରେ ଯେଉଁ ମୁକଦ୍ଦମା ଗୁଡ଼ିକ ଥିଲା ସେଥିରେ ଅସିରାନେ ରାହେ ମୌଲା (ଅର୍ଥାତ୍ ଅଲ୍ଲାଃଙ୍କ ମାର୍ଗରେ ଜେଲ୍ ଦଣ୍ଡ ଭୋଗୁଥିବା

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

**ଜୁମାର ବରକାତ୍‌କୁ ହାସଲ କରିବାପାଇଁ ହେଲେ ବହୁତ ପରିଶ୍ରମ କରିବାକୁ ହେବ ।**

**‘‘ହେ ଅଲ୍ଲାଃ ! କତାଦାଃ ନିଜ ଚେହେରା ଜରିଆରେ ତୁମ ନବୀଙ୍କ ଚେହେରାକୁ ବଂଚାଇଛନ୍ତି ତେଣୁ ତୁମେ ତାଙ୍କ ସେହି ଆଖିଟିକୁ ତାଙ୍କ ଦୁଇ ଆଖିଙ୍କ ମଧ୍ୟରୁ ଅଧିକା ସୁନ୍ଦର ଓ ଅଧିକା ଦୃଷ୍ଟିଶକ୍ତି ସମ୍ପନ୍ନ କରିଦିଅ’’**

**‘‘ମତେ ତାହାଙ୍କ ରାଣ ଯାହାଙ୍କ ହସ୍ତରେ ମୋର ଜୀବନ ନାଟିକା ରହିଛି ! ସୁରାଃ ଇଖ୍‌ଲାସ୍ ହେଉଛି ପବିତ୍ର କୁର୍‌ଆନ୍‌ର ଅଧା ବା ଏକତୃତୀୟାଂଶ ସଙ୍ଗେ ସମାନ’’**

**‘‘ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି ଯେ, ପବିତ୍ର ଜୁମା ଦିନ ଏପରି ଏକ ମୁହୂର୍ତ୍ତ ଆସିଥାଏ ଯେ, ଯଦି କୌଣସି ମୁସଲମାନକୁ ଅଲ୍ଲାଃଙ୍କ ଠାରୁ ପୂର୍ଣ୍ଣ୍ୟ ମାଗୁଥିବା ସମୟରେ ଓ ଭଲ କଥା ଚାହୁଁଥିବା ସମୟରେ ସେହି କ୍ଷଣଟି ମିଳିଯାଏ ତେବେ ଅଲ୍ଲାଃ ତାଲା ତାଙ୍କୁ ନିଶ୍ଚିତ ରୂପେ ତାହା ପ୍ରଦାନ କରିଥାନ୍ତି । ଓ ସେହି କ୍ଷଣ ଟି ଅସର୍ ନମାଜ୍ ପରବର୍ତ୍ତୀ ସମୟରେ ଆସିଥାଏ ।’’**

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ଆଁ ହଜରତ ସ:ଆ:ସଙ୍କ ବଦ୍ରୀ ସାହାବାଗଣ । ହଜରତ କତାଦାଃ ବିନ୍ ନୁମାନ୍ ଅନ୍‌ସାରୀ ଏବଂ ହଜରତ ଅବଦୁଲ୍ଲାଃ ବିନ୍ ମଜଉନ୍ ରଜିଅଲାହୁ ଅନ୍‌ହୁମାଙ୍କ ପବିତ୍ର ଜୀବନ ଚରିତର ହୃଦୟସ୍ପର୍ଶୀ ଚର୍ଚ୍ଚା ।**

**ଅଲ୍ଲାଃ ତାଲା ଉକ୍ତ ସାହାବାମାନଙ୍କ ପଦମର୍ଯ୍ୟାଦାକୁ ଉଚ୍ଚ ରୁ ଉଚ୍ଚତମ କରିଚାଲନ୍ତୁ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧୬ ଅଗଷ୍ଟ ୨୦୧୯ ଅନୁଯାୟୀ ୧୬ ଜହୁର୍ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِينَ - الرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ - إِيَّاكَ نَعْبُدُ وَإِيَّاكَ نَسْتَعِينُ -
اِهْدِنَا الصِّرَاطَ الْمُسْتَقِيمَ - صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -

ଆଜି ମୁଁ ବଦ୍ରି ସାହାବା ମାନଙ୍କ ବିଷୟରେ ଏଠାରେ ଚର୍ଚ୍ଚା କରିବି ଯାହା ମୁଁ ବିଗତ ବହୁଦିନ ହେବ ଚର୍ଚ୍ଚା କରି ଆସୁଛି ।

ସର୍ବପ୍ରଥମେ ଯେଉଁ ସାହାବୀଙ୍କର ଏଠାରେ ଚର୍ଚ୍ଚା କରିବି ସେ ହେଉଛନ୍ତି ହଜ୍‌ରତ୍ କତାଦାଃ ବିନ୍ ନୋମାନ୍ ଅନ୍‌ସାରୀ ର:ଅ । ହଜ୍‌ରତ୍ କତାଦାଃ ବିନ୍ ନୋମାନ୍ ଅନ୍‌ସାରୀ ର:ଅଙ୍କ ସମ୍ବନ୍ଧ ଅନ୍‌ସାର୍‌ଙ୍କ କବିଲା ଖଜରଜ୍‌ର ବନୁ ଜଫର୍ ବଂଶ ସହିତ ଥିଲା । ତାଙ୍କ ବାପାଙ୍କ ନାମ ନୋମାନ୍ ବିନ୍ ଜଏଦ୍ ଏବଂ ମାଆଙ୍କ ନାମ ଉନୈସା ବିନ୍‌ତ୍ କଏସ୍ ଥିଲା । ହଜ୍‌ରତ୍ କତାଦାଃ ବିନ୍ ନୋମାନ୍ ଅନ୍‌ସାରୀ ର:ଅଙ୍କ କୁନିୟତ୍ ଅବୁ ଉମର୍ ବ୍ୟତୀତ ଅବୁ ଅମ୍‌ରୋ ଏବଂ ଅବୁ ଅବ୍‌ଦୁଲ୍ଲାଃ ମଧ୍ୟ ବର୍ଣ୍ଣନା କରାଯାଏ । ହଜ୍‌ରତ୍ କତାଦାଃ ବିନ୍ ନୋମାନ୍ ଅନ୍‌ସାରୀ ର:ଅ ହଜ୍‌ରତ୍ ଅବୁ ସଇଦ୍ ଖୁଦ୍‌ରି ର:ଅଙ୍କ ଅଖ୍ୟାଫି ଭାଇ ଥିଲେ ଅର୍ଥାତ୍ ମାଆଙ୍କ ତରଫରୁ ଭାଇଥିଲେ । ହଜ୍‌ରତ୍ କତାଦାଃ ବିନ୍ ନୋମାନ୍ ଅନ୍‌ସାରୀ ର:ଅଙ୍କୁ ୭୦ଜଣ ଅନ୍‌ସାରି ସାହାବାଙ୍କ ସହିତ ବୟତେ ଉକ୍‌ବାରେ ସାମିଲ୍ ହେବାର ସୌଭାଗ୍ୟ ମିଳିଛି । ଯେବେ କି ଅଲାମା ଇବ୍‌ନେ ଇସ୍‌ହାକ୍ ଲେଖୁଛନ୍ତି ଯେ ସେ ଅକ୍‌ବାଠାରେ ସାମିଲ୍ ହୋଇଥିବା ଅନ୍‌ସାରୀ ସାହାବାଙ୍କ ଗହଣରେ ନଥିଲେ ବା ସେ ତାଙ୍କର ଚର୍ଚ୍ଚା କରିନାହାଁନ୍ତି ।

ହଜ୍‌ରତ୍ କତାଦାଃ ବିନ୍ ନୋମାନ୍ ଅନ୍‌ସାରୀ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ଦ୍ୱାରା ନିଯୋଜିତ ହୋଇଥିବା ତିର ଚାଳକ ମଧ୍ୟରେ ଥିଲେ । ସେ ବଦର୍, ଓ୍ୱହଦ୍ ଏବଂ ଖନ୍ଦକ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ ଓ ପରେ ଅନୁଷ୍ଠିତ ହୋଇଥିବା ସମସ୍ତ ଗଜ୍‌ୱାତ୍‌ରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ୍ ହେବାର ସୌଭାଗ୍ୟ ପାଇଛନ୍ତି । ଓ୍ୱହଦ୍ ଯୁଦ୍ଧ ଦିନ ହଜ୍‌ରତ୍ କତାଦାଃ ବିନ୍ ନୋମାନ୍ ଅନ୍‌ସାରୀ ର:ଅଙ୍କ ଆଖିରେ ତୀର ପଶିଯାଇଥିଲା । ଫଳତଃ ତାଙ୍କର ଆଖି ଡୋଳାଟି ବାହାରିଗଲା । ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଏହି ତୀରଟି ମୋ ଆଖିରେ ପଶିଯିବା ଦ୍ୱାରା ଡୋଳା ବାହାରକୁ ବାହାରିଯାଇଛି ଏବଂ କଥା ହେଉଛି ଏହା କି ମୁଁ ମୋର ସ୍ତ୍ରୀଙ୍କୁ ବହୁତ ଭଲ ପାଉଛି । ଯଦି ସେ ମୋର ଆଖିର ଏପରି ଅବସ୍ଥାକୁ ଦେଖନ୍ତି ତେବେ ମୋତେ ଭୟ ଲାଗୁଛି ଯେ କାଳେ ସେ ମୋତେ ଘୃଣା ନକରନ୍ତୁ । ସେ କହୁଛନ୍ତି କି ରସୁଲୁଲ୍ଲାଃ ସ:ଆ:ସ ଉକ୍ତ ଡୋଳାଟିକୁ ନିଜ ହାତରେ ନେଇ ଯଥାସ୍ଥାନରେ ରଖିଦେଲେ ଓ ତାହା ସଠିକ୍ ସ୍ଥାନରେ ସ୍ଥାପନ ହୋଇଗଲା । ଫଳତଃ ଦୃଷ୍ଟିଶକ୍ତି ଫେରି ଆସିଲା ଓ ତାଙ୍କ ବୁଢ଼ା ସମୟରେ ମଧ୍ୟ ଦୁଇଟିଯାକ ଆଖି ମଧ୍ୟରୁ ଏହି ଆଖିଟି ଅଧିକ ସୁଦୃଢ଼ ଓ ସଠିକ୍ ଥିଲା । ଗୋଟିଏ ରିଓ୍ୱାୟତ୍‌ରେ ଆସୁଛି ଯେ ଆଁ ହଜ୍‌ରତ୍ ସ:ଆ:ସ ଯେଉଁ ଆଖିରେ ନିଜ ଶ୍ରୀମୁଖର ଲାଳ ଲଗାଇଥିଲେ ତାହାଦ୍ୱାରା ସେହି ଆଖିଟି ଅନ୍ୟ ଆଖିଠାରୁ ସୁନ୍ଦର ହୋଇଗଲା । (ତବକାତୁଲ୍ କୁବ୍‌ରା, ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୨୩୯........ ହଜ୍‌ରତ୍ କତାଦାଃ ବିନ୍ ନୋମାନ୍ ଅନ୍‌ସାରୀ ର:ଅ, ବେରୁତ ୧୯୯୬) (ଉସଦୁଲ୍ ଗାବା ଫି ମାରଫତିସାହାବା ଲେ ଇବ୍‌ନେ ଅସିର୍, ଖଣ୍ଡ-୪, ପୃଷ୍ଠା-୩୭୦-୩୭୧, ହଜ୍‌ରତ୍ କତାଦାଃ ବିନ୍ ନୋମାନ୍ ଅନ୍‌ସାରୀ ର:ଅ, ବେରୁତ୍ ୨୦୦୮)

ହଜ୍‌ରତ୍ କତାଦାଃ ବିନ୍ ନୋମାନ୍ ଅନ୍‌ସାରୀ ର:ଅ ବର୍ଣ୍ଣନା କରୁଛନ୍ତି ଅର୍ଥାତ୍ ସେ ନିଜେ ହିଁ ଉକ୍ତ ଘଟଣାକୁ ବ୍ୟାଖ୍ୟା କରି ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଗୋଟିଏ କମାଣ ଉପହାର ଦିଆଯାଇଥିଲା । ତେସେ ଓ୍ୱହଦ୍ ଯୁଦ୍ଧ ଦିନ ତାହା ମୋତେ ପ୍ରଦାନ କଲେ । ମୁଁ ତାହା ଜରିଆରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ମୁଖରେ ତୀର ଚାଳନା କଲି ଏପରିକି ସେହି କମାଣର ଡୋରଟି ଛିଣ୍ଡିଗଲା । ମୁଁ ଏହା ସତ୍ତ୍ୱେ ମଧ୍ୟ ରସୁଲୁଲ୍ଲାଃ ସ:ଆ:ସଙ୍କ ପବିତ୍ର ଚେହେରାର ସାମ୍‌ନାରେ ରହିଲି । ସାଧାରଣତଃ ଏଠାରେ ହଜ୍‌ରତ୍ ତଲ୍‌ହା ର:ଅଙ୍କ ସମ୍ବନ୍ଧରେ କୁହାଯାଇଥାଏ । ଅର୍ଥାତ୍ ତାଙ୍କ ସମ୍ବନ୍ଧରେ ମଧ୍ୟ ଏକଥା ମିଳୁଛି । ସେ କହୁଛନ୍ତି ମୁଁ ସମ୍ମୁଖରେ ଛିଡା ହୋଇ ରହିଲି । ଯେତେବେଳେ କୌଣସି ତୀର ରସୁଲୁଲ୍ଲାଃ ସ:ଆ:ସଙ୍କ ଆଡକୁ ଆସେ ସେତେବେଳେ ମୁଁ ସେହି ଦିଗକୁ ମୋ ମୁଣ୍ଡକୁ ନେଇଯାଏ, ଯଦ୍ୱାରା ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ପବିତ୍ର ଚେହେରା ସମ୍ମୁଖରେ ଢ଼ାଲ ସଦୃଶ ରହିବି । ସେ ସମୟରେ ମୋ ନିକଟରେ କୌଣସି ତୀର ମାରିବା ପାଇଁ ନଥିଲା । ଏତିକି ବେଳେ ଗୋଟିଏ ତୀର ମୋ ଆଖି ଭିତରେ ପଶିଗଲା । ଯଦ୍ୱାରା ମୋ ଆଖିର ଡୋଳାଟି ବାହାରି ଯାଇ ମୋ ଗାଲ ଉପରକୁ ଚାଲି ଆସିଲା ଏବଂ ଆକ୍ରମଣକାରୀ ଦଳ ଛତ୍ରଭଙ୍ଗ ଦେଲେ । ତାପରେ ସେ କହୁଛନ୍ତି ଯେ ମୁଁ ନିଜ ହାତରେ ନିଜର ଡୋଳାଟିକୁ ଧରିଲି ଓ ତାହାକୁ ନେଇ ରସଲୁଲ୍ଲା ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହେଲି । ନିକଟରେ ଥିଲି ତେଣୁ ସେଠାକୁ ନେଇଗଲା । ସୁତରାଂ ରସୁଲଉଲ୍ଲା ସ:ଆ:ସ ଯେବେ ସେହି ଡୋଳାଟିକୁ ମୋ ହାତରେ ଥିବା ଦେଖିଲେ ସେତେବେଳେ ଆପଣଙ୍କ ଆଖିରୁ ବହିପଡିଲା । ଏବଂ କହିଲେ ହେ ଅଲ୍ଲାଃ ! କତାଦାଃ ନିଜ ଚେହେରା ମାଧ୍ୟମରେ ତୁମ ନବୀଙ୍କ ଚେହେରାକୁ ବଂଚାଇଛି ତେଣୁ ତୁମେ ତାଙ୍କର ସେହି ଆଖିଟିକୁ ଦୁଇଟିଯାକ ଆଖିଠାରୁ ଅଧିକ ସୁନ୍ଦର ଓ ଅଧିକା ଦୃଷ୍ଟିଶକ୍ତି ସମ୍ପନ୍ନ ବନାଇଦିଅ । ସୁତରାଂ ସେହି ଆଖିଟି ଅନ୍ୟ ଆଖି ତୁଳନାରେ ସୁନ୍ଦରତା ଓ ଦୃଷ୍ଟିଶକ୍ତି ଦୃଷ୍ଟିକୋଣରୁ ଅଧିକା ସକ୍ରିୟ ଥିଲା । (ଅଲ୍‌ମୁଅଜମୁଲ୍ କବିର ଲିତିବ୍‌ରାନି, ଖଣ୍ଡ-୧୯, ପୃଷ୍ଠା-୮, ଅମର୍ ବିନ୍ କତାଦା..ଦାରେ ଅହ୍‌ୟା ଅଲ୍ ତୁରାସ୍ ଅଲ ଅରବୀ ୨୦୦୨)

ସେ ନିଜେ ତାଙ୍କ ସ୍ତ୍ରୀଙ୍କ ଭଲପାଇବା ସମ୍ବନ୍ଧରେ ଯେଉଁ ବୟାନ୍ ଦେଇଛନ୍ତି ଯେ ସେ ମୋତେ ଘୃଣା କରିବେ ବୋଲି, ସେ ସମ୍ବନ୍ଧରେ ଏଠାରେ କିଛି ଲେଖାଯାଇନାହିଁ । ଐତିହାସିକମାନେ ଏକଥାକୁ ଲେଖିଛନ୍ତି ଯାହାକୁ ମୁଁ ପୂର୍ବରୁ ବର୍ଣ୍ଣନା କରିଥିଲି । ଘଟଣାବଳୀକୁ ସୁନ୍ଦର କରିବା ପାଇଁ ଅବା ଅନ୍ୟ କୌଣସି କାରଣ ଯୋଗୁ ସେ କଥା ଉଲ୍ଲେଖ କରାଯାଇଛି । ସେ ଯାହାହେଉ ଯେଉଁ ହାଓ୍ୱାଲା ଅଛି ସେଥିରେ ସ୍ତ୍ରୀଙ୍କ କଥା ନାହିଁ । ସେ ଯାହାହେଉ ଯୁଦ୍ଧ ସମୟରେ କିନ୍ତୁ ତାଙ୍କର ଆଖି ବାହାରି ଯାଇଥିଲା । ଆଁ ହଜ୍‌ରତ୍ ସ:ଆ:ସ ସେହି ଆଖିକୁ ପୁନର୍ବାର ଯଥା ସ୍ଥାନରେ ରଖିଦେଲେ । ଫଳତଃ ତାଙ୍କର ଦୃଷ୍ଟିଶକ୍ତି ଫେରିଆସିଲା ଓ ବହୁତ ଭଲ ହୋଇଗଲା । ସେଥିଯୋଗୁ ପରେ ହଜ୍‌ରତ୍ କତାଦାଃ “ଜୁଲ୍ ଅଏନ୍” ଅର୍ଥାତ୍ ଆଖିବାଲାର ଉପାଧିରେ ମଧ୍ୟ ପ୍ରସିଦ୍ଧ ହୋଇଗଲେ । (ଅଲ୍ ଅସାବା ଫି ତମିଜିସ୍‌ସାହାବା ଲେ ଇବ୍‌ନେ ହଜ୍‌ରେ ଅସ୍‌କଲାନି, ଖଣ୍ଡ-୨, ପୃଷ୍ଠା-୩୪୫.... ଲେବ୍‌ନାନ୍ ୨୦୦୫)

ହଜ୍‌ରତ୍ କତାଦାଃ ର:ଅ ଖନ୍ଦକ ଓ ଅନ୍ୟାନ୍ୟ ସମସ୍ତ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାମିଲ୍ ହୋଇଛନ୍ତି । ମକ୍କା ବିଜୟ ଅବସରରେ ବନୁ ଜଫର୍ କବିଲାର ଧ୍ୱଜା ହଜ୍‌ରତ୍ କତାଦା ର:ଅଙ୍କ ହାତରେ ଥିଲା । ସେ ହଜ୍‌ରତ୍ କତାଦା ୬୫ବର୍ଷ ବୟସରେ ୨୩ ହିଜ୍‌ରିରେ ମୃତ୍ୟୁବରଣ କଲେ । ହଜ୍‌ରତ୍ ଉମର୍ ର:ଅ ମଦିନାଠାରେ ତାଙ୍କ ନମାଜ ଯନାଜାଃ ପଢ଼ାଇଲେ । କବର୍‌ରେ ତାଙ୍କର ଅଖ୍ୟାଫି ଭାଇ ହଜ୍‌ରତ୍ ଅବୁ ସଇସ୍ ଖୁଦ୍‌ରି ର:ଅ ଏବଂ ମୁହମ୍ମଦ୍ ବିନ୍ ମୁସ୍‌ଲେମା ର:ଅ ଏବଂ ହାରିସ୍ ବିନ୍ ଖୁଜାମା ର:ଅ ଓହ୍ଲାଇଲେ ଓ ଆଉଗୋଟିଏ ରିଓ୍ୱାୟତ୍ ମୁତାବକ ହଜ୍‌ରତ୍ ଉମର୍ ର:ଅ ମଧ୍ୟ କବର୍ ଭିତରକୁ ଓହ୍ଲାଇଥିବା ଲୋକମାନଙ୍କ ମଧ୍ୟରୁ ସାମିଲ୍ ଥିଲେ । ହଜ୍‌ରତ୍ କତାଦା ର:ଅଙ୍କ ଜଣେ ନାତୀଙ୍କ ନାମ ଆସିମ୍ ବିନ୍ ଉମର୍

ଥିଲା, ଯିଏ ଇଲ୍‌ମୁଲ୍ ଅନ୍‌ସାବ୍‌ର ପ୍ରବୀଣ ଥିଲେ ଅର୍ଥାତ୍ କବିଲାର କୁଟୁମ୍ବ ଗୁଡିକ ଓ ବଂଶ ସମ୍ବନ୍ଧୀୟ ଯେଉଁ ଜ୍ଞାନ ରହିଥାଏ ସେଥିରେ ପ୍ରବୀଣ ଥିଲେ । ତାଙ୍କଠାରୁ ଅଲାମା ବିନ୍ ଇସ୍‌ହାକ୍ ବହୁମାତ୍ରାରେ ରିୱାୟତ୍ ବର୍ଣ୍ଣନା କରିଛନ୍ତି । (ତବକାତୁଲ୍ କୁବ୍‌ରା, ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୨୩୯........ ହଜ୍‌ରତ୍ କତାଦାଃ ବିନ୍ ନୋମାନ୍ ଅନ୍‌ସାରୀ ର:ଅ, ବେରୁତ ୧୯୯୬) (ଉସଦୁଲ୍ ଗାବା ଫି ମାରଫତିସାହାବା ଲେ ଇବ୍‌ନେ ଅସିର୍, ଖଣ୍ଡ-୪, ପୃଷ୍ଠା-୩୭୨, ହଜ୍‌ରତ୍ କତାଦାଃ ବିନ୍ ନୋମାନ୍ ଅନ୍‌ସାରୀ ର:ଅ, ବେରୁତ୍ ୨୦୦୮) (ସିରତୁସ୍ ସାହାବା ସୟିଦ୍ ଅନ୍‌ସାରି, ଖଣ୍ଡ-୩, ପୃଷ୍ଠା-୪୭୪... କରାଚି ୨୦୦୪)

ଆଉ ଏକ ରିୱାୟତ୍ ରହିଛି ଯେ ନବୀ କରିମ୍ ସ:ଆ:ସଙ୍କ ନିକଟରେ ଗୋଟିଏ କମାଣ ଥିଲା ଓ ତାହାର ନାମ ଥିଲା କୁତୁମ୍ ଓ ତାହା ନବଅ ନାମକ ଗଛ, ଯେଉଁଥିରୁ ତୀର ପ୍ରସ୍ତୁତ କରାଯାଏ, ସେଥିରୁ ପ୍ରସ୍ତୁତ ହୋଇଥିଲା ଓ ତାହା ସେହି କୋମଳ ଥିଲା ଯାହା ଓ୍ୱହଦ୍ ଯୁଦ୍ଧ ଦିନ ହଜ୍‌ରତ୍ କତାଦା ର:ଅଙ୍କ ଦ୍ୱାରା ବହୁଳ ବ୍ୟବହାର ଯୋଗୁ ଭାଙ୍ଗି ଯାଇଥିଲା । (ତାରିଖେ ଦମଶ୍‌କ୍.... ଖଣ୍ଡ-୪, ପୃଷ୍ଠା-୧୪୮... ୨୦୦୧) (ଲୁଗାତୁଲ୍ ହଦିସ୍, ଖଣ୍ଡ-୪, ପୃଷ୍ଠା-୨୯୩, ମୁଦ୍ରଣ ଅଲି ଆସିଫ୍ ପ୍ରିଂଟର୍‌ସ୍ ଲାହୋର ୨୦୦୫)

ହଜ୍‌ରତ୍ କତାଦା ବିନ୍ ନୋମାନ୍ ର:ଅ କହୁଛନ୍ତି ଯେ ଅନ୍‌ସାର୍‌ମାନଙ୍କ ମଧ୍ୟରେ ଗୋଟିଏ କୁଟୁମ୍ବ ଏପରି ଥିଲା ଯାହାକୁ ବନୁ ଉବୈରକ୍ କୁହାଯାଉଥିଲା । ତାଙ୍କର ତିନିଭାଇ ଥିଲେ । ବିଶ୍‌ର୍, ବଶିର୍ ଏବଂ ମୁବଶିର୍ । ବଶିର୍ ମୁନାଫିକ୍ ଥିଲା । ଶେରୋ ଶାଏରି କହୁଥିଲା ଓ ପଦ୍ୟ ମାଧ୍ୟମରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବା ମାନଙ୍କର ଅସମ୍ମାନ କରୁଥିଲା । ପ୍ରକାଶ୍ୟରେ ତ ସେ ମୁସଲ୍‌ମାନ୍ ଥିଲା କିନ୍ତୁ ତାହାର କେତେକ କାର୍ଯ୍ୟକଳାପ ଏପରି ନଥିଲା । ପୁଣି ସେ ତାକୁ କେତେକ ଆରବୀମାନଙ୍କ ସହିତ ସମ୍ବନ୍ଧିତ କରି କହୁଥିଲା ଯେ ଅମୁକ ବ୍ୟକ୍ତି ଏପରି କହିଛନ୍ତି । ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସଙ୍କ ସାହିବାମାନେ ତା'ର ପଦ୍ୟଗୁଡିକ ଶୁଣିଲେ, ସେମାନେ କହିଲେ ଯେ ଇଶ୍ୱରଙ୍କ ରାଣ ଏହି ପଦଗୁଡିକୁ ଏହି କୁଚରିତ୍ର ବ୍ୟକ୍ତି ହିଁ କହିଅଛି ଏବଂ ସାହାବାମାନେ କହିଲେ ଯେ ଏହି ପଦଗୁଡିକ ଇବ୍‌ନେ ଉବୈରକ୍‌ଙ୍କ ଦ୍ୱାରା କୁହାଯାଇଅଛି । ସେହି ଲୋକମାନେ ଜାହିଲିୟତ୍ ଯୁଗରେ ଓ ଇସ୍‌ଲାମ୍ ସମୟରେ ଅଭାବି ଥିଲେ ଏବଂ ଭୋକିଲା ରହୁଥିଲେ । ତାଙ୍କ ମଧ୍ୟରେ କୌଣସି ପ୍ରକାରର ପରିବର୍ତନ ହେଲାନାହିଁ । କାମ କରୁନଥିଲେ ବା ପରିଶ୍ରମ କରୁନଥିଲେ । ସେଇଥିପାଇଁ ସେମାନେ ବହୁତ ଗରୀବ ଥିଲେ । ପୁଣି କହୁଛନ୍ତି ଯେ ମଦିନାରେ ଲୋକମାନଙ୍କର ଖାଦ୍ୟ କେବଳ ଖଜୁ ଏବଂ ଯଅ ଥିଲା । ଯେତେବେଳେ କୌଣସି ବ୍ୟକ୍ତି ଧନୀ ହୋଇଯାଉଥିଲା ଓ କୌଣସି ବ୍ୟବସାୟ ଯେବେ ଶିରିଆରୁ ଶସ୍ୟମାନଙ୍କ ମଧ୍ୟରେ ଧଳା ଅଟା ନେଇ ଆସୁଥିଲା, ପେଶାଯାଇଥିବା ମଶୁଣ ଅଟା, ସେତେବେଳେ ସେହି ଧନୀ ବ୍ୟକ୍ତି ଜଣକ ତାଙ୍କଠାରୁ କିଛି କିଣି ନେଉଥିଲା ଓ ତାକୁ ନିଜର ବିଶେଷ ଖାଦ୍ୟ ମଧ୍ୟରେ ଗଣନା କରୁଥିଲା । କିନ୍ତୁ ତାର ପିଲାପିଲି ଖଜୁରୀ ଏବଂ ଯଅ ଅଟା ହିଁ ଖାଉଥିଲେ । ସେ କହୁଛନ୍ତି ଥରେ ଏପରି ହେଲା କି ଯେତେବେଳେ ଜଣେ ବେପାରୀ ଶିରିଆରୁ ଶସ୍ୟ ନେଇ ଆସିଲା ସେତେବେଳେ ମୋ ଚାଚା ରିଫାଆ ବିନ୍ ଜଏଦ୍ ମଇଦାର ଗୋଟିଏ ଧଳା ଅଟାର ଅଖା କିଣିନେଲେ ଓ ତାକୁ ନିଜ ଗୋଦାମ୍‌ରେ ରଖିଦେଲେ । ସେହି ଗୋଦାମ୍ ଭିତରେ ଅସ୍ତ୍ରଶସ୍ତ୍ର, ଢ଼ାଲ ଏବଂ ତରବାରି ଇତ୍ୟାଦି ରଖାଯାଇଥିଲା । ସେ କହୁଛନ୍ତି- ସେହି ଗୋଦାମ୍‌ର କାନ୍ଥ ଭାଙ୍ଗି ଚୋରମାନେ ପଶିଗଲେ । ସେଥିରେ ଥିବା ରାସନ ଓ ଅସ୍ତ୍ରଶସ୍ତ୍ର ସବୁକିଛି ଚୋରାଇ ନେଲେ । ସକାଳବେଳା ମୋ ଚାଚା ରିଫାଆ ମୋ ନିକଟକୁ ଆସି କହିଲେ ଯେ ହେ ମୋର ପୁତୁରା ! ଆଜି ରାତିରେ ମୋର ଉପରେ ବଡ ଜୁଲମ୍ ହୋଇଛି । ଆମ ଗୋଦାମ୍‌ରେ ଚୋରି ହୋଇଯାଇଛି । ଆମ ରାସନ ଏବଂ ଆମ ଅସ୍ତ୍ରଶସ୍ତ୍ର ସବୁକିଛି ଚୋରମାନେ ନେଇଯାଇଛନ୍ତି । ଆମେ ମହଲା ଭିତରେ ଏକଥା ଜାଣିବା ପାଇଁ ଚେଷ୍ଟା କଲୁ ଓ ଲୋକମାନଙ୍କୁ ପଚରା ଉଚରା କଲୁ । ଆମକୁ କୁହାଗଲା ଯେ ସେମାନେ ବନୁ ଉବୈରିକ୍‌କୁ ଆଜି ରାତିରେ ଦେଖିଛନ୍ତି । ସେମାନେ ନିଆଁ ଜଳାଇଥିଲେ ଓ ଆମର ଏ ଧାରଣା ଯେ ତୁମ ଖାଦ୍ୟ ଯୋଗୁ ସେମାନେ ଖୁସି ମନାଉଥିଲେ ଅର୍ଥାତ୍ ଚୋରି ଧନକୁ ରାନ୍ଧି ଖାଉଥିଲେ । ଯେତେବେଳେ ଆମେ ମହଲା ଭିତରେ ପଚରା ଉଚରା କରୁଥିଲୁ ସେତେବେଳେ ବନୁ ଉବୈରିକ୍ କହିଲା ଯେ ଅଲ୍ଲାଃଙ୍କ ରାଣ ! ଆମକୁ ତ ତୁମ ଚୋର ଲବିଦ୍ ବିନ୍ ସହଲ୍ ହିଁ ଲାଗୁଛି, ଅନ୍ୟ କାହାର ନାମ ଯୋଡିଦେଲା । ସେ କହୁଛନ୍ତି ଯେ ଲବିଦ୍ ଆମମାନଙ୍କ ମଧ୍ୟରୁ ଜଣେ ପୁଣ୍ୟବନ୍ତ ମୁସଲ୍‌ମାନ୍ ବ୍ୟକ୍ତି ଥିଲେ । ଯେତେବେଳେ ଲବିଦ୍ ଏକଥା ଶୁଣିଲେ ଯେ ବନୁ ଉବୈରିକ୍ ତାଙ୍କ ଉପରେ ଚୋରି ଆରୋପ ଲଗାଉଛନ୍ତି ସେତେବେଳେ ସେ ନିଜର ତରବାରିକୁ କାଢ଼ି କହିଲେ ଯେ ମୁଁ କଣ ଚୋର ? ଅଲ୍ଲାଃଙ୍କ ରାଣ ! ମୋର ଏହି ତରବାରି ତୁମ ମଧ୍ୟରେ ରହିବ ଅଥବା ପୁଣି ତୁମେ ସେହି ଚୋରି ବିଷୟରେ ଖବର ଦେବ । ବହୁତ କ୍ରୋଧିତ ହୋଇ କହିଲେ ଯେ ବର୍ତମାନ ଏହାର ନିଷ୍ପତି ହେବ । ଏକଥା ଦେଖି ଲୋକମାନେ କହିଲେ- ମହାଶୟ ଆପଣ ନିଜ ତରବାରିଟିକୁ ଦୂରେଇ ରଖନ୍ତୁ । ଆପଣ ଚୋର ନୁହଁନ୍ତି । ଆମର ବିଶ୍ୱାସ ଯେ ଆପଣ ଅତ୍ୟନ୍ତ ପୁଣ୍ୟବନ୍ତ ବ୍ୟକ୍ତି । ଆମେ ମହଲା ଭିତରେ ଅଧିକ ପଚରା ଉଚରା କରିବାରେ ଆମକୁ ଏ ବିଷୟରେ କୌଣସି ଶଙ୍କା ରହିଲା ନାହିଁ ଯେ ସେହି ବନୁ ଉବୈରିକ୍ ହିଁ ଚୋର ଅଟନ୍ତି । ମୋର ଚାଚା କହିଲେ- ହେ ମୋର ପୁତୁରା ! ଯଦି ତୁମେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଯାଇଥାନ୍ତ ଓ ତାଙ୍କୁ ଏହି ଘଟଣା ସମ୍ବନ୍ଧରେ କହିଥାନ୍ତ ତେବେ ହୋଇପାରେ ମୋ ମାଲ୍ ମୋତେ ମିଳିଯାଇଥାଆନ୍ତା । ହଜ୍‌ରତ୍ କତାଦା ବିନ୍ ନୋମାନ୍ ର:ଅ କହୁଛନ୍ତି ଯେ ମୁଁ ଏକଥା ଶୁଣି ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହୋଇ କହିଲି ଯେ ଆମ ଲୋକମାନଙ୍କ ମଧ୍ୟରୁ ଗୋଟିଏ ଘରର ଲୋକେ ଏହି ଜୁଲମ୍ କରିଛନ୍ତି, ସେମାନେ ମୋ ଚାଚା ରିଫାଆ ବିନ୍ ଜଏଦ୍ ର:ଅଙ୍କ ଘରଆଡକୁ ବାହାରିଲେ ଓ ତାଙ୍କ ଗୋଦାମକୁ ଭାଙ୍ଗି ସେଥିରେ ଥିବା ଅସ୍ତ୍ରଶସ୍ତ୍ର ଓ ତାଙ୍କ ରାସନ ପାଣି ଚୋରାଇ ନେଲେ । ଆମେ ଆମର ଅସ୍ତ୍ରଶସ୍ତ୍ରକୁ ଫେରି ପାଇବା ପାଇଁ ଚାହୁଁଛୁ ଓ ଯେଉଁଠି ରାସନ୍ ବା ଖାଦ୍ୟପେୟର କଥା ଉଠୁଛି ତାହା ଆମର ଆବଶ୍ୟକ ନାହିଁ । ଏଥିରେ ନବୀ କରିମ୍ ସ:ଆ:ସ କହିଲେ ଯେ ମୁଁ ଏ ବିଷୟରେ ପରାମର୍ଶ କରିବା ପରେ କିଛି ନିଷ୍ପତି ନେବି । ଯେତେବେଳେ ଏକଥା ବନୁ ଉବୈରିକ୍ ଶୁଣିଲା ସେ ନିଜ କୌମ୍‌ର ଜଣେ ବ୍ୟକ୍ତି ଅସିର୍ ବିନ୍ ଉର୍‌ୱାଃଙ୍କ ନିକଟକୁ ଆସିଲେ । ସେମାନେ ଏ ମାମଲା ସମ୍ବନ୍ଧରେ ତା ସହିତ କଥାହେଲେ । ସେହିପରି ମହଲାର କିଛି ଲୋକ ମଧ୍ୟ ଏ ମାମଲାରେ ତାଙ୍କ ସହିତ ଏକମତ ହେଲେ । ସେମାନେ ସମସ୍ତେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ପହଂଚି କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! କତାଦା ବିନ୍ ନୋମାନ୍ ଏବଂ ତାଙ୍କ ଚାଚା ଦୁଇଜଣଯାକ ଆମ ଘରର ଲୋକ କିନ୍ତୁ ଏମାନେ ମୁସଲ୍‌ମାନ୍ ହୋଇଯାଇଛନ୍ତି ଏବଂ ବହୁତ ଭଲ ଲୋକ ଯେ ବିନା କୌଣସି ସାକ୍ଷ ପ୍ରମାଣରେ ଚୋରିର ଆରୋପ ଲଗାଉଛନ୍ତି । କତାଦା ର:ଅ କହୁଛନ୍ତି ଯେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଆସିଲି ଓ ଏ ବିଷୟରେ କଥା ହେଲି । ଏଥିରେ ଆପଣ ସ:ଆ:ସ କହିଲେ ତୁମେ ଏପରି ଏକ ଘର ଲୋକମାନଙ୍କ ଉପରେ ଚୋରି କରିବାର ଆରୋପ ଲଗାଇଛ ଯାହାଙ୍କ ସମ୍ବନ୍ଧରେ ଏକଥା ମିଳୁଛି ଯେ ସେମାନେ ମୁସଲ୍‌ମାନ୍ ଅଟନ୍ତି, ଭଲ ଲୋକ ଅଟନ୍ତି ଯେବେକି ତୁମ ନିକଟରେ କୌଣସି ସାକ୍ଷ୍ୟ ପ୍ରମାଣ ନାହିଁ । କତାଦା କହୁଛନ୍ତି ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରୁ ଫେରିଗଲି । ହଜୁର୍ ଅନୁୱର୍ କହୁଛନ୍ତି:- କତାଦା ବହୁତ ପୁଣ୍ୟ ସ୍ୱଭାବର ଥିଲେ ଓ ପୁଣ୍ୟବାନ୍ ଥିଲେ । ସେ କହୁଛନ୍ତି ଯେ ମୁଁ ସେଠାରୁ ଫେରିଗଲି ଓ ଏକଥା ମନେ ମନେ ଭାବିଲି ଯେ ଯଦି ମୁଁ କିଛି ଧନ ସମ୍ପତିରୁ ବଂଚିତ ରହିଥାନ୍ତି ତେବେ ତାହା ମୋ ପାଇଁ ସହନୀୟ ହୋଇଥାଆନ୍ତା କିନ୍ତୁ କାଳେ ଏ ମାମଲା ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ କହିନଥାନ୍ତି । ଆଁ ହଜ୍‌ରତ୍ ସ:ଆ:ସଙ୍କ ଉକ୍ତ କଥାକୁ ଶୁଣିବା ପରେ ମୁଁ ଏକଥା ଚିନ୍ତା କଲି ଯେ ମୁଁ ଖାଲିଟାରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ କଷ୍ଟ ଦେଲି । ଯଦି ମୋର ଧନ ଚାଲି ମଧ୍ୟ ଯାଇଥାନ୍ତା ତେବେ କୌଣସି ଅସୁବିଧା ନଥିଲା । କିନ୍ତୁ ଏପରି କଥା ମୁଁ କହିନଥାନ୍ତି । ସେ ପୁଣି କହୁଛନ୍ତି ମୋର ଚାଚା ମୋ ନିକଟକୁ ଆସି କହିଲା ଯେ ପୁତୁରା ତୁମେ ଏ ମାମଲାରେ ଏପର୍ଯ୍ୟନ୍ତ କଣ କଲ ? ରସୁଲୁଲ୍ଲାଃ ସ:ଆ:ସ ଯେଉଁ ଉତର ମୋତେ ଦେଇଥିଲେ ମୁଁ ତାହା ତାଙ୍କୁ ଶୁଣାଇଦେଲି । ଏଥିରେ ସେ କହିଲେ ଯେ ଅଲ୍ଲାଃ ହିଁ ଆମର ସାହାଯ୍ୟକାରୀ । ଆମର ଏହି କଥାକୁ ଅଳ୍ପ ଦିନ ହିଁ ବିତିଥିଲା ଯେ ପବିତ୍ର କୋରାନ୍‌ର ଏହି ଆୟତଟି ଅବତୀର୍ଣ୍ଣ ହେଲା ଅର୍ଥାତ୍ ***ଇନ୍ନା ଅନ୍‌ଜଲ୍‌ନା ଇଲୈକଲ୍ କିତାବା.....ଲିଲ୍‌ଖାଏନିନା ଖସିମା*** *(ନିସା: ୧୦୬)* ଅର୍ଥାତ୍ ବାସ୍ତବରେ ଆମେ ତୁମପ୍ରତି ସତ୍ୟ ସମ୍ବଳିତ (ଏହି) ଗ୍ରନ୍ଥ ଏଥି ନିମିତ ଅବତୀର୍ଣ୍ଣ କରିଅଛୁ ଯେପରିକି ତୁମେ ଲୋକମାନଙ୍କ ମଧ୍ୟରେ ସେହି ସତ୍ୟଦ୍ୱାରା ଯାହା ଅଲ୍ଲାଃ ତୁମକୁ ପ୍ରଦର୍ଶିତ କରିଛନ୍ତି ମିମାଂସା କରିବ; ତୁମେ ଆତ୍ମସାତ୍‌କାରୀମାନଙ୍କ ତରଫରୁ କଳହକାରୁ ହୁଅନାହିଁ । ଖାଏନିନ୍‌ର ଅର୍ଥ ଏଠାରେ ଲେଖାଯାଇଛି ଯେ ସେମାନେ ବନୁ ଉବୈରିକ୍ ଅଟନ୍ତି ଓ ପୁଣି ଏହା ମଧ୍ୟ କୁହାଯାଇଛି ଯେ ୱସ୍‌ତଗ୍‌ଫିରିଲ୍ଲାଃ ଅର୍ଥାତ୍ ଅଲ୍ଲାଃଙ୍କ ଠାରୁ କ୍ଷମା ପ୍ରାର୍ଥନା କର । *ଇନ୍ନଲ୍ଲାହା କାନା ଗଫୁରର୍ ରହିମା* (ନିସା: ୧୦୭) ଅର୍ଥାତ୍ ଅଲ୍ଲାଃଙ୍କ ନିକଟରେ କ୍ଷମା ପ୍ରାର୍ଥନା କର; ବାସ୍ତବରେ ଅଲ୍ଲାଃ ହିଁ ଅତ୍ୟନ୍ତ କ୍ଷମାଶୀଳ (ଓ) ସଦା କରୁଣାମୟ । ପୁଣି ଅଲ୍ଲାଃତାଲା ତା ଆଗକୁ ବର୍ଣ୍ଣନା କରୁଛନ୍ତି ଯେ *ୱଲା ତୁଜାଦିଲ୍ ଅନିଲ୍ଲଜିନା ୟଖ୍‌ତାନୁନା ଅନ୍‌ଫୁସହୁମ୍.... ସୁମ୍ମା ୟସ୍‌ତଗ୍‌ଫିରିଲ୍ଲାଃ ୟଜିଦିଲ୍ଲାଃ ରଫୁରର୍ ରହିମା (ନିସା: ୧୦୮-୧୧୧)*

ଅର୍ଥାତ୍:- ଯେଉଁମାନେ ନିଜ ଆତ୍ମାପ୍ରତି ବିଶ୍ୱାସଘାତକତା କରନ୍ତି ତୁମେ ସେମାନଙ୍କ ତରଫରୁ କଳହ କରନାହିଁ ଏବଂ ଯେ ବିଶ୍ୱାସଘାତକ ଓ ମହାପାପୀ ଅଲ୍ଲାଃ ତାହାକୁ ପସନ୍ଦ କରନ୍ତି ନାହିଁ । ସେମାନେ ଲୋକମାନଙ୍କଠାରୁ ଲୁଚାଉଛନ୍ତି । କିନ୍ତୁ ଅଲ୍ଲାଃଙ୍କ ଠାରୁ ଲୁଚାଇ ପାରିବେ ନାହିଁ । ଅଥଚ ଯେତେବେଳେ ସେମାନେ ରାତ୍ରିରେ ଏପରି ବିଷୟରେ ମନ୍ତ୍ରଣା କରନ୍ତି, ଯାହା ଅଲ୍ଲାଃ ପସନ୍ଦ କରନ୍ତି ନାହିଁ ସେ (ଅଲ୍ଲାଃ) ସେମାନଙ୍କ ପାଖରେ ଥାଆନ୍ତି ଏବଂ ସେମାନେ ଯାହାକିଛି କରୁଛନ୍ତି ଅଲ୍ଲାଃ ତାହାର ମୁଳୋତ୍ପାଟନ କରିଦେବେ । ସାବ୍‌ଧାନ ! ତୁମେମାନେ ହିଁ ସେମାନଙ୍କ ତରଫରୁ ସାଂସାରିକ ଜୀବନରେ କଳହ କରୁଅଛ, କିନ୍ତୁ କୟାମତ ଦିନ କିଏ ସେମାନଙ୍କ ପକ୍ଷରୁ ଅଲ୍ଲାଃଙ୍କ ସହିତ କଳହ କରିବ ବା କିଏ ସେମାନଙ୍କ ସଂରକ୍ଷକ ହେବ ଏବଂ ଯେ କେହି ଦୁଷ୍କର୍ମ କରି ବା ନିଜ ଜୀବନ ପ୍ରତି ଅତ୍ୟାଚାର କରି ତାପରେ ଅଲ୍ଲାଃଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବ, ସେ ଅଲ୍ଲାଃଙ୍କୁ କ୍ଷମାଶୀଳ (ଓ) ସଦା କରୁଣାମୟ ପାଇବ । ପୁଣି ଅଲ୍ଲାଃତାଲା ତା ଆଗକୁ କହୁଛନ୍ତି ଯେ *ୱ ମୈ ୟକ୍‌ସିବ୍....ବୁହ୍‌ତାନୌଁ ୱ ଇସ୍‌ମମ୍ ମୁବିନା (ନିସା: ୧୧୨-୧୧୩)* ଅର୍ଥାତ୍:- ଏବଂ ଯେ କେହି ଦୁଷ୍କର୍ମ କରିବ, ତାହାର କର୍ମ ତା ଉପରେ (ଓଲଟି) ପଡିବ; ଏବଂ ଅଲ୍ଲାଃ ସର୍ବଜ୍ଞ (ଓ) ତତ୍ତ୍ୱଜ୍ଞ । ଏବଂ ଯେଉଁ ବ୍ୟକ୍ତି କୌଣସି ଅପରାଧ ବା ପାାପ କରି ତା ପରେ ତାହାକୁ କୌଣସି ନିରପରାଧି ପ୍ରତି ଆରୋପ କରେ (ତେବେ ଜାଣିରଖ ଯେ) ସେ ନିଜେ ସେହି ମିଥ୍ୟା ଆରୋପ ଓ ପ୍ରକାଶ୍ୟ ପାପର ଭାର ବହନ କରେ । କହୁଛନ୍ତି ଯେ ଏହି ଆୟତର ଇଙ୍ଗିତ ବନୁ ଉବୈରିକ୍‌ଙ୍କ ସେହି କଥା ପ୍ରତି ରହିଛି ଯେଉଁଥିରେ ସେମାନେ କହିଥିଲେ ଯେ ଆମକୁ ଲାଗୁଛି ଯେ ଏହି ଚୋରି ଲବିଦ୍ ବିନ୍ ସହଲ୍ କରିଛନ୍ତି ଓ ପୁଣି ତା ଆଗକୁ ଅଲ୍ଲାଃତାଲା କହୁଛନ୍ତି *ୱଲୌ ଲା ଫଜ୍‌ଲୁଲ୍ଲାହି.....ଫସଉଫା ନୁତିହି ଅଜ୍‌ରନ୍ ଅଜିମା (ନିସା: ୧୧୪-୧୧୫)* ଅର୍ଥାତ୍:- ଏବଂ ଯଦି ତୁମ ପ୍ରତି ଅଲ୍ଲାଃଙ୍କର କୃପା ଓ କରୁଣା ନହୁଅନ୍ତା ତେବେ (ସେମାନେ ଅର୍ଥାତ୍ ଶତ୍ରୁମାନେ ନିଜ ମନ୍ଦ ଅଭିଳାସରେ ସଫଳ ହୋଇଥାଆନ୍ତେ; ସୁତରାଂ) ସେମାନଙ୍କ ମଧ୍ୟରୁ ଗୋଟିଏ ଦଳ ଦୃଢ଼ ସଂକଳ୍ପ କରିଥିଲେ ଯେ ତୁମକୁ ବିନାସ କରିଦେବେ ଯେବେ କି ସେମାନେ ନିଜ ଛଡା ଅନ୍ୟକାହାର ବିନାଶ କରନ୍ତି ନାହିଁ; ଏବଂ ତୁମର କୌଣସି କ୍ଷାତି କରିପାରିବେ ନାହିଁ; ଅଲ୍ଲାଃ ତୁମ ପ୍ରତି (ଧର୍ମ) ଗ୍ରନ୍ଥ ଏବଂ ତତ୍ତ୍ୱଜ୍ଞାନ ଅବତୀର୍ଣ୍ଣ କରିଛନ୍ତି ଏବଂ ତୁମେ ଯାହା ଜାଣିନଥିଲି ତାହା ତୁମକୁ ଶିଖାଇଛନ୍ତି; ଏବଂ ତୁମ ପ୍ରତି ଅଲ୍ଲାଃଙ୍କର ବିଶେଷ କୃପା ଅଛି । ବଦାନ୍ୟତା ବା ପୁଣ୍ୟକାର୍ଯ୍ୟ କିମ୍ବା ଲୋକମାନଙ୍କ ମଧ୍ୟରେ ଶାନ୍ତିସ୍ଥାପନ ବିଷୟକ ଆଦେଶ ବ୍ୟତିତ ସେମାନଙ୍କ ଅନେକ ପରାମର୍ଶରେ କୌଣସି ମଙ୍ଗଳ ନାହିଁ; ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କ ସନ୍ତୋଷ ବିଧାନ ପାଇଁ ଏପରି କରେ (ଅର୍ଥାତ୍ ଉତମ ପରାମର୍ଶ ଦିଏ) ଆମେ ତାହାକୁ ଶିଘ୍ର ମହାନ ପୁରସ୍କାର ଦେବୁ ।

ସେ ଯାହାହେଉ ଉକ୍ତ ଆୟତ ଗୁଡିକର ଆହୁରି ଅନେକ ଅର୍ଥ ମଧ୍ୟ ରହିଛି । କିନ୍ତୁ ଯଦି ଏହି ବିଷୟକୁ ଆଖି ଆଗରେ ରଖାଯାଏ ତେବେ କିଛିଦିନ ପରେ ତାଙ୍କୁ ଏ ଧାରଣା ହେଲା ଯେ ଆମର ଏହି ମାମଲା ଯୋଗୁ ଏହି ସମସ୍ତ ଆୟତ ଅବତୀର୍ଣ୍ଣ ହେଲେ । ଅଲ୍ଲାଃତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ସତ୍ୟ ଉନ୍ମୋଚନ କରିଦେଲେ ଏବଂ ପୁଣି ତାର ପ୍ରଭାବ ଏମିତି ହେଲା ଯେ ଯେବେ ଏହି ଆୟତ ଗୁଡିକ ଅବତୀର୍ଣ୍ଣ ହେଲେ ସେତେବେଳେ ବନୁ ଉବ୍‌ରୈକ୍, ଯାହାଙ୍କ ଉପରେ ଚୋରି କରିବାର ସନ୍ଦେହ ଥିଲା, ସେମାନେ ଜାଣିଲେ ଯେ ଏହି ସବୁ ଆୟତ ଗୁଡିକ ଆମ ସମ୍ବନ୍ଧରେ ଅବତୀର୍ଣ୍ଣ ହୋଇଛନ୍ତି । ତେଣୁ ସେ ନିଜେ ଚୋରି କରିଥିବା କଥାକୁ ସ୍ୱୀକାର କରିନେଲେ ଓ ଅସ୍ତ୍ରଶସ୍ତ୍ର ଗୁଡିକ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ନେଇ ଆସିଲେ ଏବଂ ପୁଣି ଆପଣ ସ:ଆ:ସ ସେହି ଅସ୍ତ୍ରଶସ୍ତ୍ର ଗୁଡିକୁ ସେ ସବୁର ମାଲିକ ରିଫାଆଙ୍କୁ ଫେରାଇଦେଲେ । ହଜ୍‌ରତ୍ କତାଦା ର:ଅ କହୁଛନ୍ତି ଯେ ମୋର ଚାଚା ବୃଦ୍ଧ ବ୍ୟକ୍ତି ଥିଲେ ଓ ଇସ୍‌ଲାମ୍ ଗ୍ରହଣ କରିବା ପୂର୍ବରୁ ଜାହିଲିୟତ୍ ଯୁଗରେ ତାଙ୍କ ଦୃଷ୍ଟିଶକ୍ତି ଦୁର୍ବଳ ହୋଇଯାଇଥିଲା ଓ ମୁଁ ଏକଥା ଭାବୁଥିଲି ଯେ ତାଙ୍କ ଇମାନ୍‌ରେ କିଛି ଦୁର୍ବଳତା ରହିଛି । ଏକଥା ଭାବୁଥିଲି ଯେ ସେ ଇମାନ୍ ଆଣି ମୁସଲ୍‌ମାନ୍ ତ ହୋଇଯାଇଛନ୍ତି କିନ୍ତୁ ତାଙ୍କ ଇମାନ୍ ମଜ୍‌ବୁତ୍ ନାହିଁ । କିନ୍ତୁ ଯେତେବେଳେ ସେହି ଅସ୍ତ୍ରଶସ୍ତ୍ର ଗୁଡିକ ଚୋରମାନଙ୍କଠାରୁ ଉଦ୍ଧାର କରାଗଲା ଓ ମୁଁ ଯେତେବେଳେ ସେହି ଅସ୍ତ୍ରଶସ୍ତ୍ର ଗୁଡିକୁ ନେଇ ଚାଚାଙ୍କ ନିକଟକୁ ଗଲି ସେ କହିଲେ ହେ ମୋର ପୁତୁରା ! ମୁଁ ଏ ସବୁକୁ ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ପଣ କରିଦେଉଛି । ସେତେବେଳେ ମୁଁ ଜାଣିପାରିଲି ଓ ମୁଁ ବିଶ୍ୱାସ କଲି ଯେ ଚାଚାଙ୍କର ଇସ୍‌ଲାମ୍ ଗ୍ରହଣ କରିବା ବହୁତ ଦୃଢ଼ ଓ ଠିକ୍ ଥିଲା ଓ ମୁଁ ବେକାରଟାରେ ତାଙ୍କ ଉପରେ ସନ୍ଦେହ କରୁଥିଲି ଯେ ତାଙ୍କର ଇମାନ୍ ମଜ୍‌ବୁତ୍ ନାହିଁ ।

ଯେତେବେଳେ ପବିତ୍ର କୋରାନ୍‌ର ଏହି ଆୟତ ଗୁଡିକ ଅବତୀର୍ଣ୍ଣ ହେଲେ ସେତେବେଳେ ତାଙ୍କର ଜଣେ ଭାଇ ବଶିର୍ ନାମକ ଥିଲେ ଯାହାଙ୍କ ଉପରେ ଏ ସନ୍ଦେହ ଥିଲା ଯେ ସେ ମୁନାଫିକ୍ ଅଛନ୍ତି । ସେହି ଭାଇଜଣକ ଯାଇ ମୁସ୍‌ରିକ୍ ମାନଙ୍କ ସହିତ ସାମିଲ୍ ହୋଇଗଲା ଏବଂ ସୁଲାଫା ବିନ୍‌ତେ

ସାଆଦ୍‌ଙ୍କ ନିକଟରେ ଯାଇ ରହିଲା । ଏହି ଅବସରରେ ଅଲ୍ଲାଃତାଲା ନିମ୍ନଲିଖିତ ଆୟତଟିକୁ ଅବତୀର୍ଣ୍ଣ କଲେ । *ଓ୍ୱ ମେଁ ୟୁଶା କିକିର୍ ରସୁଲା....ଜଲାଲନ୍ ବୈଦା (ନିସା:୧୧୬-୧୧୭)* ଅର୍ଥାତ୍ ଯେଉଁ ବ୍ୟକ୍ତି ନିକଟରେ ସତ୍‌ପଥ ସମ୍ପୂର୍ଣ୍ଣ ରୂପେ ଉନ୍ମୁକ୍ତ ହେବା ପରେ ସେ (ସେହି) ରସୁଲଙ୍କର ବିରୁଦ୍ଧାଚରଣ କରେ ଏବଂ ବିଶ୍ୱାସକାରୀମାନଙ୍କ ପଥ ଭିନ୍ନ ଅନ୍ୟପଥକୁ ଅନୁସରଣ କରେ, ସେ ଯେଉଁ ପଥ ଅନୁସରଣ କରୁଅଛି ଆମେ ତାକୁ ସେହି ଆଡକୁ ଫେରାଇ ନେବୁ ଏବଂ ତାହାକୁ ନର୍କରେ ନିକ୍ଷେପ କରିବୁ ଏବଂ ତାହା ଅତ୍ୟନ୍ତ ମନ୍ଦସ୍ଥାନ । ବାସ୍ତବରେ ଅଲ୍ଲାଃ ତାହାଙ୍କ ସହିତ ସମକାକ୍ଷ କରାଇବା (ପାପା)କୁ କଦାପି କ୍ଷମା କରିବେ ନାହିଁ; ଏବଂ ତାହାଠାରୁ ନ୍ୟୁନ ଯାହା (ପାପ) ହେବ (ତାହା) ସେ ଯାହାକୁ ଇଛା କ୍ଷମା କରିଦେବେ ଏବଂ ଯେଉଁ ବ୍ୟକ୍ତି ଅନ୍ୟକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରେ (ତେବେ ମନେରଖ ଯେ) ସେ ନିଶ୍ଚୟ (ସତପଥରୁ) ବହୁତ ଦୂରେଇ ଯାଇଅଛି ।

ଯେତେବେଳେ ସେ ସେହି ମୁସ୍‌ରିକ୍ ସୁଲାଫାଙ୍କ ନିକଟରେ ଯାଇ ରହିଲା ଓ ଇସ୍‌ଲାମ୍‌ରୁ ଫେରିଗଲା ସେତେବେଳେ ହଜ୍‌ରତ୍ ହସାନ୍ ବିନ୍ ସାବିତ୍ ର:ଅ ନିଜର କିଛି ପଦ୍ୟ ଜରିଆରେ ତାଙ୍କ ନିନ୍ଦା କଲେ । ଏହା ଶୁଣି ସୁଲାଫା ବିନ୍‌ତ୍ ସାଆଦ୍ ତାଙ୍କର ଜିନିଷପତ୍ରକୁ ମୁଣ୍ଡ ଉପରେ ରଖି ଘରୁ ବାହାରି ପଡିଆରେ ଫିଙ୍ଗି ଆସିଲେ । ପୁଣି ସେ କହିଲେ ଯେ ତୁମେ ଆମକୁ ହସାନ୍‌ଙ୍କ ପଦ୍ୟ ଉପହାର ଦେଇଛ ଅର୍ଥାତ୍ ସେହି ନିନ୍ଦା ପଦ୍ୟ ଲେଖିଛନ୍ତି ଏବଂ ତୁମପାଇଁ ହିଁ ଲେଖିଛନ୍ତି ଓ ସେଥିରେ ଆମେ ମଧ୍ୟ ସାମିଲ୍ ହୋଇଗଲୁ । ତୁମେ ମୋତେ କୌଣସି ଲାଭ ପହଂଚାଇବାବାଲା ନୁହଁ । (ସୁନନେ ତିର୍‌ମିଜି, ଅବୁଆବେ ତଫସିରୁଲ୍ କୁର୍‌ଆନ...ହଦିସ୍ ନଂ-୩୦୩୬) ସେଥିଯୋଗୁ ମୁଁ ତୁମ ଜିନିଷପତ୍ର ରଖିବି ନାହିଁ । ଏବେ ଏହା ଜଣେ ମୁନାଫିକ୍ ଓ ପୁଣି ଜଣେ ମୁସ୍‌ରିକ୍‌ର ପରିଣାମ ହେଲା ।

ପୁଣି ହଜ୍‌ରତ୍ ଅବୁ ସୟିଦ୍ ଖୁଦ୍‌ରି ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ କତାଦା ବିନ୍ ନୋମାନ୍ ର:ଅ ଏକଦା ସୁର ଇଖ୍‌ଲାସ୍‌ରେ ପୁରା ରାତି ବିତାଇଦେଲେ । ଅର୍ଥାତ୍ ସାରା ରାତି ସୁର ଇଖ୍‌ଲାସ୍ ପାଠ କରୁଥିଲେ । ନବୀ କରିମ୍ ସ:ଆ:ସଙ୍କ ସମ୍ମୁଖରେ ଯେତେବେଳେ ଏକଥା ଚର୍ଚ୍ଚା କରାଗଲା ଏଥିରେ ଆପଣ ସ:ଆ:ସ କହିଲେ ଯେ ତାହାର ରାଣ ! ଯାହାଙ୍କ ହାତ ମୁଠାରେ ମୋର ଜୀବନ ଅଛି ! ସୁର ଇଖ୍‌ଲାସ୍ ହେଉଛି ପବିତ୍ର କୋରାନ୍‌ର ଅଧା ବା ଏକ ତୃତୀୟାଂଶ ସହ ସମାନ । (ମସନଦ୍ ଅହମଦ୍ ବିନ୍ ହମ୍ବଲ୍.... ହଦିସ ୧୧୧୩୧... ବେରୁତ ୧୯୯୮)

ଯାହା ସେ କହୁଥିଲେ ତାହା ସେହି କଥା ଥିଲା ଅର୍ଥାତ୍ ଅଲ୍ଲାଃଙ୍କ ଏକେଶ୍ୱରବାଦ ହିଁ ବାସ୍ତବିକ ପବିତ୍ର କୋରାନ୍ ଅଟେ ଓ ପବିତ୍ର କୋରାନ୍‌ରେ ଏହାର ହିଁ ଶିକ୍ଷା ମିଳିଥାଏ ।

ଅବୁ ସଲ୍‌ମାଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ଅବୁ ହୁରୈରା ର:ଅ ଆମକୁ ରସୁଲୁଲ୍ଲାଃ ସ:ଆ:ସଙ୍କ ହଦିସ୍ ବର୍ଣ୍ଣନା କରୁଥିଲେ ଯେ ଆପଣ ସ:ଆ:ସ ଏ ନିର୍ଦ୍ଦେଶ ଦେଇଛନ୍ତି କି ଜୁମା ଦିନ ଏପରି ଏକ ଘଡି ମଧ୍ୟ ଆସିଥାଏ ଯେ ଯଦି ତାହା କୌଣସି ମୁସଲ୍‌ମାନ୍‌କୁ ଉପଲବ୍ଧ ହୋଇଯାଏ ଓ ସେ ନମାଜ ପାଠ କରୁଥିବ ଓ ଅଲ୍ଲାଃଙ୍କ ଠାରୁ ଭଲ କଥା ମାଗୁଥିବ ତେବେ ଅଲ୍ଲାଃତାଲା ତାକୁ ସେହି ସବୁ ବସ୍ତୁ ନିଶ୍ଚିତ ରୂପେ ପ୍ରଦାନ କରିଥାନ୍ତି । ହଜ୍‌ରତ୍ ଅବୁ ହୁରୈରା ର:ଅ ନିଜ ହାତରେ ଇଂଗିତ କରି ସେହି ସମୟର ସଂକ୍ଷିପ୍ତ ଅବସ୍ଥା ସମ୍ବନ୍ଧରେ ବର୍ଣ୍ଣନା କଲେ ଯେ ତାହା ବହୁତ ଅଳ୍ପ ସମୟ । ଯେବେ ହଜ୍‌ରତ୍ ଅବୁ ହୁରୈରା ର:ଅଙ୍କ ଦେହାନ୍ତ ହେଲା ସେତେବେଳେ ସେ କହୁଛନ୍ତି ଯେ ମୁଁ ନିଜ ମନ ଭିତରେ ଏକଥା ଭାବିଲି ଯେ ଇଶ୍ୱରଙ୍କ ରାଣ ଯଦି ମୁଁ ହଜ୍‌ରତ୍ ଅବୁ ସଇଦ୍ ଖୁଦ୍‌ରି ର:ଅଙ୍କ ନିକଟକୁ ଯାଏ ତେବେ ତାଙ୍କଠାରୁ ମୁହୂର୍ତ୍ତ ସମ୍ବନ୍ଧରେ ନିଶ୍ଚିତ ପଚାରି ବୁଝିବି । ହୋଇପାରେ ତାଙ୍କୁ ଏକଥା ଜଣାଥିବ । ସୁତରାଂ ଏକଦା ମୁଁ ତାଙ୍କ ନିକଟରେ ଉପସ୍ଥିତ ହେଲି ଓ ଦେଖିବାକୁ ପାଇଲି ଯେ ସେ ପାଂଚଣ ଗୁଡିକ ସିଧା କରୁଥିଲେ । ମୁଁ ତାଙ୍କୁ ପଚାରିଲି ହେ ଅବୁ ସଇଦ୍ ର:ଅ ! ଏହା କେଉଁ ପ୍ରକାରର ପାଂଚଣ, ଯାହାକୁ ଆପଣ ସିଧା କରୁଛନ୍ତି ? ଏଥିରେ ସେ ଉତର ଦେଲେ ଯେ ଏହା ହେଉଛି ସେହି ପାଂଚଣ ଯେଉଁଥିରେ ଇଶ୍ୱର ଆମ ପାଇଁ ବର୍‌କତ୍ ଅର୍ଥାତ୍ ବୈଭବ ରଖିଛନ୍ତି । ରସୁଲୁଲ୍ଲାଃ ସ:ଆ:ସ ଏହାକୁ ପସନ୍ଦ କରୁଥିଲେ ଓ ଏଗୁଡିକୁ ହାତରେ ଧରି ଚାଲୁଥିଲେ । ଆମେ ଏଗୁଡିକ ସଳଖ କରି ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଆଣୁଥିଲୁ । ପୁଣି ସେ କହୁଛନ୍ତି ଯେ ଏକଦା ନବୀ କରିମ୍ ସ:ଆ:ସ ମସ୍‌ଜିଦ୍‌ରେ କିବ୍‌ଲା ଆଡକୁ ଛାପ ଲାଗିଥିବାର ଦେଖିଲେ । କେହିଜଣେ ଛାପ ଫିଙ୍ଗିଥିଲା । ସେତେବେଳେ ଆପଣ ସ:ଆ:ସଙ୍କ ହାତରେ ଏହି ପାଂଚଣ ଗୁଡିକ ମଧ୍ୟରୁ ଗୋଟିଏ ପାଂଚଣ ଥିଲା । ଆପଣ ସ:ଆ:ସ ସେହି ପାଂଚଣ ଜରିଆରେ କାହାକୁ ସଫା କରି କହିଲେ ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ନମାଜ ପଢୁଥିବ ସେ ସମ୍ମୁଖକୁ ଛେପ ନ ପକାଉ, କାରଣ ସମ୍ମୁଖରେ ତାର ପାଳନକର୍ତ୍ତା ଥାଆନ୍ତି । ଅଲ୍ଲାଃତାଲାଙ୍କ ନିକଟରେ ଯେବେ ଉପସ୍ଥିତ ହେଉଛ ତେବେ ସାମ୍‌ନାକୁ ଛେପ ପକାଓନାହିଁ ଏବଂ ମୁଁ ଭାବୁଛି ସେତେବେଳେ ସମ୍ପୂର୍ଣ୍ଣ ନିର୍ଦ୍ଦେଶାବଳୀ ମଧ୍ୟ ନଥିଲା । ତେଣୁ ଏହି ରିଓ୍ୱାୟତ୍‌ରେ ଏକଥା ମିଳୁଛି ଯେ ବାମ ପଟକୁ ବା ଗୋଡ ତଳକୁ ଛେପ ପକାଓ ଏବଂ ଏହି ରିଓ୍ୱାୟତ୍ ବୁଖାରୀରେ ମଧ୍ୟ ରହିଛି । ସେ ସମୟରେ କଚ୍ଚା ସ୍ଥାନ ଥିଲା ଓ ପରେ ତା ଉପରେ ମାଟି ପକାଇ ସଫା କରିଦେଉଥିବେ, ତେଣୁ ତଳକୁ ଛେପ ପକାଇବା ପାଇଁ କହିଲେ । କିନ୍ତୁ ଅସଲରେ ଆଉ ଏକ ରିଓ୍ୱାୟତ୍ ଅଛି ଯେ ପରେ ଯେତେବେଳେ ସଠିକ୍ ରୂପେ ତର୍‌ବିୟତ୍ ହୋଇଗଲା ଓ ନିର୍ଦ୍ଦେଶାବଳୀ ଗୁଡିକ ମଧ୍ୟ ମିଳିଗଲା ସେତେବେଳେ ଏ କଥା ମିଳୁଛି ଯେ ତୁମ ଚାଦରର କାନି ଦ୍ୱାରା ତାକୁ ସଫା କରିଦିଅ । ନାକ ବହୁଛି ବା ଛେପ ଇତ୍ୟାଦିକୁ ଯଦି ପୋଛିବା ପାଇଁ ଆବଶ୍ୟକ ପଡେ ତେବେ ଚାଦର କାନିରେ ପୋଛିଦିଅ । ଏବେ ତ ରୁମାଲ୍, ଟିସୁ ପେପର୍ ଉପଲବ୍ଧ । ମସ୍‌ଜିଦ୍‌ରେ ଗାଲିଚା ମଧ୍ୟ ପଡିଛି । ତେଣୁ ଉକ୍ତ ହଦିସ୍‌ର ଅର୍ଥ ଏହା ନୁହେଁ କି ବର୍ତମାନ ତଳକୁ ଛେପ ପକାଇବା ଉଚିତ୍ ହେବ ବରଂ ସେତେବେଳର ପରିସ୍ଥିତିରେ ସାମୟିକ ଅନୁମତି ଥିଲା । ତା'ପରେ ପୁଣି ଆପଣ ସ:ଆ:ସ ଏକଥା ସ୍ପଷ୍ଟ କରିଦେଲେ ଯେ ଯଦି ଏପରି ନାକ ସଫା କରିବା ବା ଛେପ ପକାଇବାର ଆବଶ୍ୟକ ହୁଏ ତେବେ ଚାଦରର ଗୋଟିଏ କାନି ଦ୍ୱାରା ତାକୁ ପୋଛିନିଅ ଓ ବାହାରକୁ ଯାଇ ସଫା କରିଦିଅ ।

ତେବେ ରାଓ୍ୱି ବର୍ଣ୍ଣନା କରୁଛନ୍ତି ଯେ ସେହି ରାତିରେ ଖୁବ୍ ଜୋର୍‌ରେ ବର୍ଷା ହେଲା ଓ ଯେବେ ଇଶା ନମାଜ ପଢ଼ିବା ପାଇଁ ନବୀ କରିମ୍ ସ:ଆ:ସ ସେଠାରେ ପହଂଚିଲେ ଓ ଅଚାନକ ବିଜୁଳି ଚମକିଲା ସେତେବେଳେ ଆପଣ ସ:ଆ:ସଙ୍କ ନଜର ହଜ୍‌ରତ୍ କତାଦା ବିନ୍ ନୋମାନ୍‌ଙ୍କ ଉପରେ ପଡ଼ିଲା । ଆପଣ ସ:ଆ:ସ କହିଲେ- ହେ କତାଦା ! ଏତେ ରାତିରେ ତୁମେ ଏଠାରେ କଣ କରୁଛ ? ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୁଁ ଜାଣିଥିଲି ଯେ ଆଜି ନମାଜ ପାଠ କରିବା ପାଇଁ ବହୁତ କମ୍ ଲୋକ ଆସିବେ । କାରଣ ବର୍ଷା ଖୁବ୍ ଜୋର୍‌ରେ ହେଉଛି ଓ ବିଜୁଳି ଚମକୁଛି । ତେଣୁ ମୁଁ ଭାବିଲି ଯେ ମୁଁ ଯାଇ ନମାଜରେ ସାମିଲ୍ ହୋଇଯାଏ । ତେଣୁ ପୂର୍ବରୁ ଚାଲିଆସିଲି । ନବୀ କରିମ୍ ସ:ଆ:ସ ତାଙ୍କୁ କହିଲେ ଯେତେବେଳେ ତୁମେ ନମାଜ ପଢ଼ି ସାରିବ ଏଠାରେ ରହିଯିବ, ଏପରିକି ମୁଁ ତୁମ ନିକଟ ଦେଇ ଯିବାକୁ ଲାଗିବି । ସୁତରାଂ ନମାଜ ପାଠ ଶେଷ କରି ନବୀ କରିମ୍ ସ:ଆ:ସ ହଜ୍‌ରତ୍ କତାଦା ର:ଅଙ୍କୁ ଗୋଟିଏ ପାଂଚଣ ଦେଲେ ଓ କହିଲେ ଏହାକୁ ନେଇଯାଅ । ଏହା ତୁମର ଦଶପାଦ ଆଗକୁ ଓ ଦଶପାଦ ପଛକୁ ଆଲୋକ ଦେବ ଓ ପୁଣି ଯେବେ ତୁମେ ନିଜ ଘର ଭିତରେ ପ୍ରବେଶ ହେବ ଏବଂ ସେଠାରେ ଆଉ କୌଣସି କୋଣରେ କାହାର ଛାୟା ଦେଖାଯାଏ ସେ କଥା ହେବା ପୂର୍ବରୁ ତାକୁ ଏହି ପାଂଚଣରେ ମାରିବ କାରଣ ସେ ସଇତାନ୍ ଥିବ । ସୁତରାଂ ସେ ଏପରି ହିଁ କଲେ । ତେବେ ଅବୁ ସଇଦ୍ ର:ଅ କହୁଛନ୍ତି ଯେ ସେଥିଯୋଗୁ ଆମେ ଏହି ପାଂଚଣ ଗୁଡିକୁ ପସନ୍ଦ କରୁଛୁ । ଏହି ପାଂଚଣ ଗୁଡିକୁ ଆମକୁ ଆଁ ହଜ୍‌ରତ୍ ସ:ଆ:ସ ଦେଇଛନ୍ତି ଓ ଆମେ ବିଶେଷ ରୂପେ ଏହାକୁ ତିଆରି କରି ଦେଉଥିଲୁ ଓ ଆପଣ ସ:ଆ:ସ ଏଗୁଡିକ ବ୍ୟବହାର କରୁଥିଲେ । ପୁଣି ଉପହାର ସଦୃଶ ଆମକୁ ଦେଇଦେଉଥିଲେ ଏବଂ ଏହି ପାଂଚଣ ଗୁଡିକରେ ଏମିତି ବହୁତ ବର୍‌କାତ୍ ରହିଛି । ତେଣୁ ମୁଁ ଏଗୁଡିକୁ ଯୋଡୁଅଛି ।

ପୁଣି ଏହି ଅବୁ ସଲ୍‌ମା କହୁଛନ୍ତି ଯେ ମୁଁ ତାଙ୍କୁ ପଚାରିଲି ହେ ଅବୁ ସଇଦ୍ ର:ଅ ! ହଜ୍‌ରତ୍ ଅବୁ ହୁରୈରା ର:ଅ ଆମକୁ ଏପରି ଏକ ମୁହୂର୍ତ୍ତ ସମ୍ବନ୍ଧରେ ଶୁଣାଇଛନ୍ତି ଯାହା ଜୁମା ଦିନ ଆସିଥାଏ । ଏହି ପ୍ରଶ୍ନ ତ ସେ ପଚାରିବାକୁ ଯାଇଥିଲେ । ଯେତେବେଳେ ସେଠାରେ ତାଙ୍କୁ ପାଂଚଣ ଗୁଡିକୁ ଏକାଠି କରିବାର ଦେଖିଲେ ସେଠାରେ ଏହି କଥାକୁ ପଚାରିନେଲେ । ଏବେ ପୁନର୍ବାର ନିଜ ପ୍ରଶ୍ନ ଆଡକୁ ଫେରି ସେ କହୁଛନ୍ତି । ଏହା ଅବୁ ହୁରେରାଙ୍କ ଠାରୁ ରିଓ୍ୱାୟତ୍ ରହିଛି ଯେ ଜୁମା ଦିନ ଏପରି ଏକ ମୁହୂର୍ତ୍ତ ଆସିଥାଏ, ସେହି ମୁହୂର୍ତ୍ତରେ ଦୁଆ ଗ୍ରହଣୀୟ ହୋଇଥାଏ । କଣ ଆପଣଙ୍କୁ ସେହି ସମୟ ବିଷୟରେ କିଛି ଜଣା ଅଛି ? ଏଥିରେ ସେ କହିଲେ ଯେ ମୁଁ ରସୁଲେ କରିମ୍ ସ:ଆ:ସଙ୍କୁ ଏ ବିଷୟରେ ପଚାରି ବୁଝିଥିଲି । ତେବେ ନବୀ କରିମ୍ ସ:ଆ:ସ କହିଥିଲେ ଯେ ମୋତେ ପ୍ରଥମତଃ ସେହି ବିଶେଷ ମୁହୂର୍ତ୍ତ ସମ୍ବନ୍ଧରେ ବତାଯାଇଥିଲା କିନ୍ତୁ ପୁଣି ଶବ୍‌ବେ କଦର୍ ସଦୃଶ ଭୁଲାଇ ଦିଆଗଲା । ଅବୁ ସଲ୍‌ମା କହୁଛନ୍ତି ଯେ ମୁଁ ସେଠାରୁ ବାହାରି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ସଲମ୍‌ଙ୍କ ନିକଟକୁ ଚାଲି ଆସିଲି । (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୪, ପୃଷ୍ଠା-୧୬୫.... ୧୧୬୪୭....... ବେରୁତ ୧୯୯୮) (ସହି ବୁଖାରି....ହଦିସ୍ ୪୦୮-୪୦୯)

ମସନଦ୍ ଅହେମଦ୍ ବିନ୍ ହମ୍ବଲ୍‌ରେ ଯେଉଁ ବର୍ଣ୍ଣନା ହୋଇଛି କି ଜୁମା ଦିନ ଯେଉଁ ମୁହୂର୍ତ୍ତର ଚର୍ଚ୍ଚା କରାଯାଇଛି କି ସେହି ମୁହୂର୍ତ୍ତ ସମ୍ବନ୍ଧରେ ବିଭିନ୍ନ ରିଓ୍ୱାୟତ୍ ରହିଛି । ଏହି ରିଓ୍ୱାୟତ୍ ଗୁଡିକରୁ ତିନୋଟି ଭିନ୍ନ ଭିନ୍ନ ସମୟ ବିଷୟରେ ଜଣାପଡୁଛି । ପ୍ରଥମତଃ ଏହି ମୁହୂର୍ତ୍ତଟି ଜୁମା ସମୟରେ ହିଁ ଆସିଥାଏ । ଦ୍ୱିତୀୟଟି ଏହା କି ଦିନର ଶେଷ ଭାଗରେ ଆସିଥାଏ ଏବଂ ତୃତୀୟ କଥାଟି ହେଉଛି ଏହା କି ଅସର୍ ନମାଜ ପରେ ସେହି ମୁହୂର୍ତ୍ତଟି ଆସିଥାଏ । ତେଣୁ ଉକ୍ତ ରିଓ୍ୱାୟତ୍ ଗୁଡିକ ଏଠାରେ ବର୍ଣ୍ଣନା କରିଦେଉଛି ।

ହଜ୍‌ରତ୍ ଅବୁ ହୁରେରା ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ଜୁମା ଦିନ ସମ୍ବନ୍ଧରେ କହିଛନ୍ତି କି ଜୁମା ଦିନ ଏପରି ଏକ ମୁହୂର୍ତ୍ତ ଆସିଥାଏ ସେହି ମୁହୂର୍ତ୍ତଟିକୁ ଯେଉଁ ମୁସଲ୍‌ମାନ୍ ପାଇବ ଅର୍ଥାତ୍ ସେ ସେଥିରେ ଛିଡା ହୋଇ ନମାଜ ପଢୁଥିବ ଓ ସେ ସମୟରେ ସେ ଯାହାକିଛି ଅଲ୍ଲାଃଙ୍କଠାରୁ ମାଗିବ ତାହା ତାକୁ ନିଶ୍ଚିତ ରୂପେ ଦିଆଯିବ । ଆପଣ ନିଜ ହାତରେ ଇସାରା କରି କହିଲେ ଯେ ସେହି ମୁହୂର୍ତ୍ତଟି ବହୁତ ସ୍ୱଳ୍ପ ଅର୍ଥାତ୍ ବହୁତ କମ୍ ସମୟ ଥାଏ । (ସହି ବୁଖାରୀ କିତାବୁଲ୍ ଜୁମା....୯୩୫)

ପୁଣି ସହି ମୁସ୍‌ଲିମ୍‌ରେ ଗୋଟିଏ ରିଓ୍ୱାୟତ୍ ଅଛି ଅବୁ ବୁରୈଦାଃ ବିନ୍ ଅବୁ ମୁସା ଅଶ୍‌ଅରିଙ୍କର । ସେ କହୁଛନ୍ତି ଯେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ମୋତେ କହିଲେ- କଣ ତୁମେ ନିଜ ବାପାଙ୍କଠାରୁ ଜୁମାର ମୁହୂର୍ତ୍ତ ଓ ପରିସ୍ଥିତି ସମ୍ବନ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ହଦିସ୍ ବର୍ଣ୍ଣନା କରିବାର ଶୁଣିଛ କି ? ସେ କହୁଛନ୍ତି ଯେ ମୁଁ କହିଲି ହଁ ମୁଁ ଶୁଣିଛି ଓ କହିଲେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏକଥା କହିବାର ଶୁଣିଛି ଯେ ସେହି ମୁହୂର୍ତ୍ତଟି ଇମାମ୍‌ଙ୍କ ବସିବାଠାରୁ ନେଇ ନମାଜ ଶେଷ ହେବା ମଧ୍ୟରେ ରହିଛି । (ସହି ବୁଖାରୀ କିତାବୁଲ୍ ଜୁମା....୮୫୩)

ପୁଣି ଆଉ ଏକ ରିଓ୍ୱାୟତ୍ ରହିଛି । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ସଲାମ୍ ବର୍ଣ୍ଣନା କରୁଛନ୍ତି ଯେ ଏକଦା ଯେବେ ରସୁଲୁଲ୍ଲାଃ ସ:ଆ:ସ ଉପସ୍ଥିତ ଥିଲେ ମୁଁ କହିଲି ଯେ ଆମେ ଅଲ୍ଲାଃଙ୍କ ପୁସ୍ତକରେ ଜୁମା ଦିନ ଏପରି ଏକ ମୁହୂର୍ତ୍ତ କଥା ପାଉଛୁ ଯେ ଯେଉଁ ମୋମିନ୍ ଭକ୍ତ ନମାଜ ପଢୁଥିବ ଓ ଅଲ୍ଲାଃଙ୍କ ଠାରୁ କିଛି ମାଗୁଥିବ ଓ ସେ ଉକ୍ତ ମୁହୂର୍ତ୍ତକୁ ପାଉନଥିବ କିନ୍ତୁ ଅଲ୍ଲାଃ ତାଙ୍କର ସେହି ଅଭାବ ପୂରଣ କରିଦିଏ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ମୋ ଆଡକୁ ଇଂଗିତ କରି କହିଲେ ତାହା ମୁହୂର୍ତ୍ତର କିଛି ଭାଗ ବା ଅଳ୍ପ କିଛି ସମୟ । ମୁଁ କହିଲି ହଁ ଅଥବା ମୁହୂର୍ତ୍ତର କିଛି ଭାଗ । ପୁଣି ମୁଁ ନିବେଦନ କଲି ଯେ ତାହା କେଉଁ ସମୟ ଅଟେ ? ଏଥିରେ ଆପଣ ସ:ଆ:ସ କହିଲେ ଯେ ତାହା ଦିବସର ଶେଷ ମୁହୂର୍ତ୍ତମାନଙ୍କ ମଧ୍ୟରୁ ଏକ ସମୟ ଅଟେ । ଅର୍ଥାତ୍ ଦିନ ଢ଼ଳିଯିବାର ନିକଟତର ସମୟ । ଏଥିରେ ମୁଁ କହିଲି ତାହା ତ ନମାଜର ସମୟ ନୁହେଁ ? ଏଥିରେ ଆପଣ ସ:ଆ:ସ କହିଲେ କାହିଁକି ନୁହେଁ । ମୋମିନ୍ ଭକ୍ତ ଯେବେ ନମାଜ ପଢ଼େ ଯେବେ ଚାହେଁ ନମାଜ ପଢ଼ି ନିଏ ଓ ବସିଯାଏ ଓ କେବଳ ନମାଜ ହିଁ ତାକୁ ରୋକୁଥିବ ତ ତେବେ ସେ ନମାଜରେ ହିଁ ଥାଏ । (ସୁନନେ ଇବ୍‌ନେ ମାଜା.... ହଦିସ୍ ୧୧୩୯)

ଅର୍ଥାତ୍ ନମାଜ ପରେ ପୁଣି ଯଦି ସେ ଅଲ୍ଲାଃଙ୍କ ଗୁଣଗାନ କରୁଅଛି ତେବେ ମଧ୍ୟ ସେ ନମାଜର ଅବସ୍ଥାରେ ହିଁ ରହିଛି ଓ ଦୁଆ କରିବାର ଅବସ୍ଥା ହିଁ ତା ମଧ୍ୟରେ ସୃଷ୍ଟି ହୋଇଥାଏ । ପୁଣି ହଜ୍‌ରତ୍ ଅବୁ ହୁରୈରା ର:ଅଙ୍କ ଠାରୁ ଆଉ ଏକ ରିଓ୍ୱାୟତ୍ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ କି ଜୁମା ଦିନ ଗୋଟିଏ ମୁହୂର୍ତ୍ତ ଏପରି ମଧ୍ୟ ଆସିଥାଏ ଯଦି କୌଣସି ମୁସଲ୍‌ମାନ୍‌କୁ ସେହି ସମୟ ମିଳିଯାଏ ଯେତେବେଳେ ସେ ଅଲ୍ଲାଃଙ୍କ ଠାରୁ କିଛି ଭଲକଥା ଭାବୁଥିବ ତେବେ ଅଲ୍ଲାଃ ତାକୁ ନିଶ୍ଚିତ ରୂପେ ସେହି ଜିନିଷ ପ୍ରଦାନ କରିଥାନ୍ତି ଓ ତାହା ଅସର୍ ନମାଜ ପରେ ଥିବା ମୁହୂର୍ତ୍ତ ଅଟେ । (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୧୩, ପୃଷ୍ଠା-୧୧୭....ହଦିସ୍ ୭୬୮୮..... ୨୦୦୮)

ଏଠାରେ ଜୁମା ଦିନ ମିଳୁଛି କିନ୍ତୁ ଅସର୍ ପରେ ଯେଉଁ ରିଓ୍ୱାୟତ୍ ମିଳୁଛି ତାହା ମସନଦ୍ ଅହେମଦ୍ ବିନ୍ ହମ୍ବଲ୍‌ରେ ବର୍ଣ୍ଣନା ଅଛି । ପୁଣି ଆଉଗୋଟିଏ ରିଓ୍ୱାୟତ୍‌ରେ ଆସୁଛି ଯେ ହଜ୍‌ରତ୍ ଅବୁ ସଲ୍‌ମା ସେହି ମୁହୂର୍ତ୍ତ ସମ୍ବନ୍ଧରେ ଜାଣିବାକୁ ଇଛା କରିବାରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ *ଆଖିରୁ ସାଆତିନ୍ ନାହାର୍* ଅର୍ଥାତ୍:- ଏହି ମୁହୂର୍ତ୍ତଟି ଦିନର ଶେଷ ମୁହୂର୍ତ୍ତମାନଙ୍କ ମଧ୍ୟରୁ ଏକ । (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୭, ପୃଷ୍ଠା-୮୪୭-୮୪୮..... ହଦିସ ୨୪୧୮୯......ବେରୁତ ୧୯୯୮)

***କ୍ରମଶଃ............***

*ପୃଷ୍ଠା- ୧୬ ର ଅବଶିଷ୍ଟାଂଶ ...*

ଧର୍ମ ଥିଲା ।

ଏଥିରେ Alejnadro Ismael Ali ସାହେବ୍ ବତାଇଲେ ଯେ ସେ ପିଲାଦିନୁ ଆଠବର୍ଷ ବୟସରେ ହିଁ ଇସ୍‌ଲାମ୍ ପ୍ରତି ଆକୃଷ୍ଟ ଥିଲେ ଓ ଅହେମଦୀୟତ୍ ଗ୍ରହଣ କରିବା ପୂର୍ବରୁ ସୁନ୍ନୀ ଥିଲେ । Luis Perez ସାହେବ୍ ବତାଇଲେ ଯେ ସେ ଇସ୍‌ଲାମ୍ ପୂର୍ବରୁ ଖ୍ରୀଷ୍ଟିୟାନ୍‌ମାନଙ୍କ ଫିର୍‌କା ପ୍ରୋଟେଷ୍ଟାଂଟ୍‌ର ଅନୁଗାମୀ ଥିଲେ ଓ ଏତଦ୍‌ବ୍ୟତୀତ ମଧ୍ୟ ଆହୁରି ଅନେକ ଧର୍ମକୁ ସେ ଅନୁସରଣ କରି ଏବେ ଇସ୍‌ଲାମେ ଅହେମଦୀୟତ୍‌ରେ ସାମିଲ୍ ହୋଇଛନ୍ତି । Bernardo Beleno ସାହେବ୍ ବତାଇଲେ ଯେ ଇସ୍‌ଲାମେ ଅହେମଦୀୟତ୍ ପୂର୍ବରୁ ସେ କ୍ୟାଥୋଲିକ୍ ଏବଂ ପୁଣି ପ୍ରୋଟେଷ୍ଟାଂଟ୍ ଥିଲେ । ତା'ପରେ ପୁଣି ସୁନ୍ନି ଇସ୍‌ଲାମ୍‌କୁ ଗ୍ରହଣ କଲେ କିନ୍ତୁ ତାକୁ ତାହା ପସନ୍ଦ ଆସିଲା ନାହିଁ କାରଣ ତାଙ୍କର କେହିଜଣେ ବିଶେଷ ଆଧ୍ୟାତ୍ମିକ ଲିଡର୍ ନାହାଁନ୍ତି ଓ ସେ ଅହେମଦୀୟତ୍ ଏଥିପାଇଁ ଗ୍ରହଣ କଲେ କାରଣ ଏ ଜମାତ୍‌ରେ ଜଣେ ଖଲିଫା ଅଛନ୍ତି ଯିଏ ହେଉଛନ୍ତି ଜଣେ ଆଧ୍ୟାତ୍ମିକ ଲିଡର୍ ଯେମିତି କ୍ୟାଥୋଲିକ୍‌ର ପୋପ୍ ଅଛନ୍ତି । Miguel Caliz ସାହେବ୍ ବତାଇଲେ ଯେ ୨୦୦୬ ମସିହାରେ ରଶିଦ୍ ଅହେମଦ୍ ସାହେବ୍ ଆଫ୍ରିକୀୟ ଆମେରିକାନ୍ ଅହେମଦୀ (Milwaukee ଜମାତ) ଙ୍କ ତବ୍‌ଲିଗ୍ ଦ୍ୱାରା ସେ ଅହେମଦୀୟତ୍ ଗ୍ରହଣ କରି ଅହେମଦୀୟା ସମ୍ପ୍ରଦାୟରେ ଦାଖଲ ହେଲେ ଏବଂ ସେ ହେଉଛନ୍ତି Puerto Rico ର ପ୍ରଥମ ଅହେମଦୀ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଆଲେଜାଣ୍ଡ୍‌ରୋ ସାହେବ୍‌ଙ୍କ ଠାରୁ ପଚାରିବୁଝିଲେ ଯେ ତାଙ୍କର ଅହେମଦୀୟତ୍ ଗ୍ରହଣ କରିବାରେ ତାଙ୍କ ଫ୍ୟାମିଲିର ମନୋଭାବ କିପରି ଥିଲା । ଏଥିରେ ଆଲେଜାଣ୍ଡ୍‌ରୋ ସାହେବ୍ ବତାଇଲେ ଯେ ତାଙ୍କ ଫ୍ୟାମିଲି ତାଙ୍କର ଏହି ନିଷ୍ପତି ଦ୍ୱାରା ଖୁସି ଅଛନ୍ତି ଏବଂ ସେ କହୁଛନ୍ତି ଯେ ଯଦି ତୁମେ ଖୁସି ଅଛି ତେବେ ଆମେ ମଧ୍ୟ ଠିକ୍ ଅଛୁ ।

Luis Perez ସାହେବ୍ ନିବେଦନ କଲେ ଯେ ହଜୁର୍ ତାଙ୍କ ପାଇଁ କୌଣସି ଏକ ଇସ୍‌ଲାମୀୟ ନାମକରଣ କରନ୍ତୁ । ଏଥିରେ ହଜୁର୍ ଅନୁଓ୍ୱର୍ ତାଙ୍କ ପାଇଁ "ମେହ୍‌ମୁଦ୍" ନାମଟିକୁ ରଖିଲେ । Bernardo Beleno (Bashir Salman) ସାହେବ୍ ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ ନିବେଦନ କଲେ ଯେ ସେ ପ୍ରଥମେ ଇସାଇ ଥିଲେ, ତା ପରେ ଇସ୍‌ଲାମ୍ ଗ୍ରହଣ କଲେ ଓ ସୁନ୍ନି ମସ୍‌ଜିଦ୍‌କୁ ଯାଉଥିଲେ । ଏହି ଅବଧିରେ ଜମାତ୍ ଅହେମଦୀୟ ସ୍ପେନ୍ ତରଫରୁ କେହି ଜଣେ ମୋତେ ପବିତ୍ର କୋରାନ୍‌ର ଖଣ୍ଡେ ପୁସ୍ତକ ଉପହାର ସଦୃଶ ପଠାଇଲେ । ତାହା ମୋତେ ବହୁତ ପସନ୍ଦ ଲାଗିଲା । ଯେତେବେଳେ ଏହି କୋରାନ୍‌କୁ ନେଇ ମୁଁ ସୁନ୍ନି ମସ୍‌ଜିଦ୍ ଗଲି, ସେମାନେ କହିଲେ ଏହା ତ ହେଉଛି ଜମାତ୍ ଅହେମଦୀଆର କୋରାନ୍, ଏହା ଠିକ୍ ନୁହେଁ, ଏହାକୁ ଫିଙ୍ଗି ଦିଅ ଏବଂ ଆମ କୋରାନ୍ ପଢ଼ । ଏଥିରେ ମୁଁ ସ୍ପଷ୍ଟ ରୂପେ କହିଦେଲି ଯେ ତୁମେ ଯାହା ଇଛା ତାହା କର, ମୁଁ ତ ଏହି କୋରାନ୍‌ରୁ ହିଁ ପଢ଼ିବି । ଏହାପରେ ମୋର ଯୋଗାଯୋଗ ତାରିକ୍ ମୁନ୍‌ଇମ୍ ସାହେବ୍ ଇନ୍‌ଚାର୍ଯ୍ ସ୍ପାନିସ୍ ଡେସ୍‌କ୍‌ଙ୍କ ସହିତ ସ୍ପେନ୍‌ଠାରେ ହେଲା ଏବଂ ତାରିକ୍ ସାହେବ୍ ମୋର ଯୋଗାଯୋଗ ମୁବଲିଗ୍ ସିଲ୍ ସିଲା ପୋର୍ଟୋରିକୋଙ୍କ ସହିତ କରାଇଦେଲେ । ଏହିପରି ମୁଁ ଅହେମଦୀୟତ୍ ଗ୍ରହଣ କଲି ।

ତାପରେ ହଜୁର୍ ଅନୁଓ୍ୱର୍ Miguel Caliz ସାହେବଙ୍କୁ ପଚାରିଲେ ଯେ ସେ କଣ କାମ କରୁଛନ୍ତି । ଏଥିରେ ସେ ଉତର ଦେଲେ କି ସେ ଡାଟା ଆନାଲିଷ୍ଟ୍ ରୂପେ ଗୋଟିଏ ଇନ୍‌ସ୍ୟୁରାନ୍‌ସ କମ୍ପାନୀରେ କାମ କରୁଛନ୍ତି ।

ହଜୁର୍ ଅନୁଓ୍ୱର୍‌ଙ୍କ ପଚାରିବାରେ ସେ ମହାଶୟ କହିଲେ ଯେ ତାଙ୍କୁ ତାଙ୍କୁ ୩୮ ବର୍ଷ ହୋଇଗଲାଣି ଓ ଏପର୍ଯ୍ୟନ୍ତ ବିବାହ କରିନାହାଁନ୍ତି । ଇନ୍‌ଶାଅଲ୍ଲାହ ଆସନ୍ତା ବର୍ଷ ବିବାହ କରିବେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେବେ ବିବାହ କରିବେ ସେତେବେଳେ କୌଣସି ମୁସଲ୍‌ମାନ୍ ମହିଳା ସହିତ କରନ୍ତୁ । ଏବଂ ଚେଷ୍ଟା କରନ୍ତୁ ଯେ ସେ ଅହେମଦୀ ମୁସଲ୍‌ମାନ୍ ମହିଳା ହୋଇଥିବେ ।

ଶେଷରେ ଓ୍ୱଫଦ୍‌ର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଇସ୍‌ମାଇଲ୍ ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ- ହଜୁରଙ୍କ ସହିତ ମୋର ଥିବା ସାକ୍ଷାତ୍‌କାର ମୋ ଜୀବନରେ ଏକ ବିଶେଷ ମୁହୁର୍ତ ଥିଲା । ମୁଁ ଯେଉଁକ୍ଷଣି ହଜୁର୍ ଅନୁଓ୍ୱର୍‌ଙ୍କ କାର୍ଯ୍ୟାଳୟରେ ପ୍ରବେଶ କଲି ମୋତେ ସେଠାରେ ଅତ୍ୟନ୍ତ ସୁନ୍ଦର ଓ ଉତ୍ସାହିତ ପରିବେଶ ଅନୁଭବ ହେଲା ଓ ମୁଁ ନିଜକୁ ଶାନ୍ତିରେ ଏକ ସୁରକ୍ଷିତ ଯାଗାରେ ଅଛି ବୋଲି ଅନୁଭବ କଲି । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ଜଣେ ଅତ୍ୟନ୍ତ ଶାନ୍ତିପ୍ରିୟ ବ୍ୟକ୍ତିତ୍ୱ ଓ ଜଣେ ଅତି ଉଚ୍ଚସ୍ତରର ବୁଦ୍ଧି ସମ୍ପନ୍ନ ବ୍ୟକ୍ତିତ୍ୱ ରୂପେ ପାଇଲି । ହଜୁର୍‌ଙ୍କ ହସ ହସ ଚେହେରା ମନକୁ ମୋହି ନେଉଥିଲା । ମୋ ପାଇଁ ଏହା ଏକ ବିଶେଷ ଓ ସ୍ୱତନ୍ତ୍ର ଅନୁଭବ ଥିଲା । ଓ ଏପରି ଏକ ଅନୁଭବ ଥିଲା ଯାହା ନୁର୍ ଏବଂ ବୁଦ୍ଧିମତାରେ ପରିପୂର୍ଣ୍ଣ ଥିଲା ।

Bernardo Beleno ସାହେବ୍ ଯାହାଙ୍କ ଇସ୍‌ଲାମୀୟ ନାମ ହେଉଛି ବଶିର୍ ସୁଲେମାନ୍ । ସେ ବର୍ଣ୍ଣନା କରୁଛନ୍ତି:- ହଜୁର୍ ଅନୁଓ୍ୱର୍ ହେଉଛନ୍ତି ଶାନ୍ତିର ସେନାଧ୍ୟକ୍ଷ ଏବଂ ମୁସଲ୍‌ମାନ୍ ମାନଙ୍କ ପାଇଁ ହଜୁର୍‌ଙ୍କ ମନ ଭିତରେ ବହୁତ ଦରଦ ରହିଛି । ମୋର ଏ ଆନ୍ତରିକ ଇଛା ଯେ ଆମେ ଇସ୍‌ଲାମ୍‌କୁ ଆହୁରି ଅଧିକା ଶିଖିବା ଓ ତାର ବାସ୍ତବିକ ଶିକ୍ଷା ମୁତାବକ ନିଜ ଜୀବନକୁ ଅତିବାହିତ କରିବା । ହଜୁର୍ ଅନୁଓ୍ୱର୍‌ଙ୍କ ପାଇଁ ମୋ ମନ ଭିତରେ ବହୁତ ସମ୍ମାନ ଓ ପ୍ରେମଭାବ ରହିଛି । ହଜୁର୍ ହେଉଛନ୍ତି ଜଣେ ଖୁଦାଙ୍କ ସଚ୍ଚା ସେବକ ଓ ଏକଥା ମୁଁ ମୋ ନିଜ ଆଖିରେ ଦେଖିବାକୁ ପାଇଲି ।

ଓ୍ୱଫଦ୍‌ରେ ସାମିଲ୍ ହୋଇଥିବା ଜଣେ ନୌମୁବାଏ ଲୁଇସ୍ ପେରେଜ୍ ଯାହାଙ୍କ ଇସ୍‌ଲାମୀୟ ନାମ ହେଉଛି ମେହ୍‌ମୁଦ୍ ପେରେଜ୍ । ସେ ବର୍ଣ୍ଣନା କରୁଛନ୍ତି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମୋର ସାକ୍ଷାତ୍‌କାର ଏପରି ଅନୁଭବ ଥିଲା ଯାହାକୁ ମୁଁ କେବେ ଭୁଲି ପାରିବି ନାହିଁ । ତାହା ଏକ ଅତ୍ୟନ୍ତ ମନମୁଗ୍ଧକାରୀ ଅନୁଭବ ଥିଲା । ହଜୁର୍ ଅନୁଓ୍ୱର୍ ଜଣେ ଅତ୍ୟନ୍ତ ଅସାଧାରଣ ବ୍ୟକ୍ତି ବିଶେଷ ଅଟନ୍ତି । ହଜୁର୍ ଅନୁଓ୍ୱର୍‌ଙ୍କ ଅସ୍ତିତ୍ୱରୁ ନା କେବଳ କୋଠରୀ ଟିଏ ଆଲୋକିତ ଥିଲା ବରଂ ସେଠାରେ ବହୁମାତ୍ରାରେ ଶାନ୍ତି ଓ ସ୍ଥିରତା ଅନୁଭବ ହେଉଥିଲା ।

ହଜୁର୍ ଅନୁଓ୍ୱର୍‌ଙ୍କ ଭଲ ପାଇବା ଏବଂ ପ୍ରେମ ସ୍ପଷ୍ଟ ରୂପେ ଏହା ସବୁକିଛି ପ୍ରଦର୍ଶନ କରୁଥିଲା । ହଜୁର୍ ଅନୁଓ୍ୱର୍‌ଙ୍କୁ ମିଳିବା ଦ୍ୱାରା ମୋତେ ଆପଣା ପଣିଆ ଅନୁଭବ ହେଲା ଏବଂ ଏକ ବିଶେଷ ଖୁସ ଅନୁଭବ ହେଲା ଯେ ଏବେ ମୁଁ ଅହେମଦୀୟା ମୁସ୍‌ଲିମ୍ କମ୍ୟୁନିଟିର ଅଂଶବିଶେଷ ହୋଇଯାଇଛି । ଏହା ଏପରି ଏକ ଅବସ୍ଥା ଯାହା ମୁଁ ଅନ୍ୟ ଜମାତ୍ ଗୁଡିକ ସହିତ ଓ ଅନ୍ୟ କମ୍ୟୁନିଟି ସହିତ ମିଶିବା ବେଳେ କେବେ ଅନୁଭବ କରିନାହିଁ ।

ହଜୁର୍ ଅନୁଓ୍ୱର୍‌ଙ୍କ କଥା କହିବାର ଶୈଳୀ ଦ୍ୱାରା ମୁଁ ବହୁତ ପ୍ରଭାବିତ ହୋଇଛି ଓ ମୋ ଭିତରେ ଉତ୍ସାହ ସୃଷ୍ଟି କରିଛି । ମୋର ଅଳ୍ପ ଜ୍ଞାନ ଯୋଗୁ ମୁଁ ଏକଥା ଜାଣିପାରୁନଥିଲି ଯେ କିପରି ଇସ୍‌ଲାମୀୟ ନାମ ରଖିବି । ହଜୁର୍ ଅନୁଓ୍ୱର୍‌ଙ୍କୁ ପଚାରିବାରେ ସେ ମୋର ନାମ "ମେହ୍‌ମୁଦ୍" ରଖିଦେଲେ । ମୁଁ ଏହି ନାମ ପାଇବା ପରେ ବହୁତ ଖୁସି ଓ ଗର୍ବ ଅନୁଭବ କରିବି ଯେ ଏହା ମୋତେ ହଜୁର୍ ପ୍ରଦାନ କରିଛନ୍ତି ।

Miguel Caliz ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ- ହଜୁର୍‌ଙ୍କ ରାୟ ବହୁତ ସାଧାସିଧା ଅନୁଭବ ହେଉଥିଲା । ହଜୁର୍ ଅନୁଓ୍ୱର୍ ଦେଖିବା କ୍ଷଣି ବତାଇଦେଇଥିଲେ ଯେ ଜଣେ ମନୁଷ୍ୟ କେଉଁଠାରେ ଅଛି ଏବଂ ତାକୁ କେଉଁଠି ରହିବା ଉଚିତ୍ । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର କରିବା ପରେ ମୋ ଭିତରେ ଆତ୍ମସନ୍ତୋଷ ଅନୁଭବ ହେଲା ଓ ମୋ ମଧ୍ୟରେ ଏକ ନୂଆ ଜୀବନ ସୃଷ୍ଟି ହେଲା । ମୁଁ ତ ଏତିକି କହିବି ଯେ ଯେବେ ମଧ୍ୟ କୌଣସି ବ୍ୟକ୍ତି ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିବ ତେବେ ସେ ହଜୁର୍‌ଙ୍କ ଇମାନି ତାପ ଦ୍ୱାରା ନିଶ୍ଚିତ ରୂପେ ଲାଭ ଉଠାଇବ ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ରାତି ୯ଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ବଇତୁର୍ ରହେମାନ୍‌ଠାରେ ପହଂଚି ମଗ୍‌ରିବ୍ ଏବଂ ଇସା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୨ ନଭେମ୍ବର ୨୦୧୮ (ଶୁକ୍ରବାର)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଭୋର୍ ୬:୩୦ରେ ମସ୍‌ଜିଦ୍ ବଇତୁର୍ ରହେମାନ୍‌ରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

ସକାଳବେଳା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ଆଜି ହେଉଛି ପବିତ୍ର ଜୁମା ଓ ଆମେରିକାର ଏହି ଯାତ୍ରାରେ ଏହା ଶେଷ ଜୁମା ଥିଲା । ଓ୍ୱାଶିଂଟନ୍ ଡିସି ଏବଂ ଆଖପାଖର ନିକଟତମ ଜମାତ ବ୍ୟତୀତ ସମ୍ପୂର୍ଣ୍ଣ ଆମେରିକାର ବିଭିନ୍ନ ରାଜ୍ୟ ଏବଂ ଦୂରଦୂରାନ୍ତ ଜମାତ୍ ଗୁଡିକରୁ ଜମାତ୍‌ର ସଦସ୍ୟମାନେ ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ଜୁମା ନମାଜ ପାଠ କରିବା ନିମନ୍ତେ ଏଠାରେ ଆସି ପହଂଚିଥିଲେ । ଲୋକମାନଙ୍କର ଏକ ବହୁତ ବଡ ସଂଖ୍ୟା ଗୁରୁବାର ସୁଧା ମସ୍‌ଜିଦ୍ ବଇତୁର୍ ରହେମାନ୍‌ଠାରେ ପହଂଚି ସାରିଥିଲା ।

ଅର୍‌କାନ୍‌ସାସ୍, ଲୌଓ୍ୱା ଏବଂ ମିଆମିରୁ ଆସିଥିବା ଲୋକମାନେ ଏକହଜାର ମାଇଲ୍‌ରୁ ଅଧିକ ରାସ୍ତାର ଯାତ୍ରାକୁ ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ଡଲାସ୍, କାନ୍‌ସାସ୍, ମେନ୍‌ଷ୍ଟୁ ଏବଂ ହୋଷ୍ଟେନ୍ ଜମାତ୍ ଗୁଡିକରୁ ଆସିଥିବା ସଦସ୍ୟମାନେ ଓ ଫ୍ୟାମିଲି ଗୁଡିକ ୧୩୦୦ ମାଇଲ୍‌ରୁ ଅଧିକା ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ ।

ଯେବେ କି ଆଷ୍ଟନ୍ ଏବଂ ନର୍ଥ ଡକୋଟାରୁ ଆସିଥିବା ଲୋକମାନେ ୧୫୦୦ ମାଇଲ୍‌ଠାରୁ ଅଧିକ ରାସ୍ତା ଯାତ୍ରା କରି ଏଠାରେ ଆସି ପହଂଚିଥିଲେ । ଲସ୍‌ଏଞ୍ଜେଲେସ୍‌ରୁ ଆସିଥିବା ଲୋକମାନେ ୨୬୦୦ ମାଇଲ୍, ବେପାଉଂଟ୍ ଏବଂ ସିୟାଟଲ୍‌ରୁ ଆସିଥିବା ସଦସ୍ୟମାନେ ୨୮୦୦ ମାଇଲ୍‌ର ରାସ୍ତାକୁ ଯାତ୍ରା କରି ଏଠାରେ ଆସି ପହଂଚିଥିଲେ ଯେବେ କି ସିଲିକନ୍ ଭ୍ୟାଲିରୁ ଆସିଥିବା ସଦସ୍ୟମାନେ ୨୮୫୦ ମାଇଲ୍ ଓ ହଓ୍ୱାଇରୁ ଆସିଥିବା ଲୋକମାନେ ୪୮୦୦ ମାଇଲ୍‌ର ଯାତ୍ରାକୁ ଜାହାଜ ମାଧ୍ୟମରେ ପାଖାପାଖି ୧୦ ଘଂଟା ସମୟ ଲଗାଇ ଏଠାରେ ପହଂଚିଥିଲେ ।

ଆମେରିକା ବ୍ୟତୀତ କାନାଡାର ବିଭିନ୍ନ ଜମାତ୍ ଗୁଡିକରୁ ମଧ୍ୟ ଜମାତ୍‌ର ସଦସ୍ୟମାନେ ବହୁ ସଂଖ୍ୟାରେ ନିଜ ପ୍ରିୟ ଆକାଙ୍କ ନେତୃତ୍ୱରେ ଜୁମା ନମାଜ ପାଠ କରିବା ନିମନ୍ତେ ପହଂଚିଥିଲେ । କାନାଡାର ଜମାତ୍ ଗୁଡିକ ମଧ୍ୟରୁ କେଲ୍‌ଗିରିରୁ ଆସିଥିବା ଲୋକମାନେ ୨୩୦୦ ମାଇଲ୍ ଏବଂ ଭ୍ୟାଙ୍କୋଭର୍‌ରୁ ଆସିଥିବା ସଦସ୍ୟମାନେ ୩୦୦୦ ମାଇଲ୍‌ର ରାସ୍ତାକୁ ଜାହାଜ ମାଧ୍ୟମରେ ୬ ଘଂଟାରୁ ଅଧିକ ସମୟ ଲଗାଇ ଏଠାରେ ଆସି ପହଂଚିଥିଲେ ।

ଏହିପରି ମୋଟ ଉପସ୍ଥାନ ୬୫୦୦ ରୁ ଅଧିକ ଥିଲା । ସେଥିରେ କାନାଡାରୁ ଆସିଥିବା ଲୋକମାନଙ୍କ ସଂଖ୍ୟା ପାଖାପାଖି ୨ ହଜାର ଥିଲା । ନମାଜ ଜୁମାକୁ ସୁଚାରୁରୂପେ ପାଠ କରିବା ନିମନ୍ତେ ବିଭିନ୍ନ ସ୍ଥାନରେ ଟେଂଟ୍ ଲଗାଯାଇ ବହୁତ ବ୍ୟାପକ ରୂପେ ସୁବ୍ୟବସ୍ଥା କରାଯାଇଥିଲା ।

**ଖୁତ୍‌ବାଜୁମା**

ପ୍ରୋଗ୍ରାମ୍ ମୁତାବକ ଠିକ୍ ଦିନ ୧ଟା ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ "ମସ୍‌ଜିଦ୍ ବଇତୁର୍ ରହେମାନ୍" ଠାରେ ପଦାର୍ପଣ କରି ଖୁତ୍‌ବାଜୁମା ପ୍ରଦାନ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କର ଏହି ଖୁତ୍‌ବାଜୁମା ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ଦ୍ୱାରା ସିଧା ପ୍ରସାରଣ ହେଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଏହି ଖୁତ୍‌ବାଜୁମାର ସମ୍ପୂର୍ଣ୍ଣ ଲେଖାଟି ସାପ୍ତାହିକ ଅଖିବାର୍

ବଦର୍ ୧୫ ନଭେମ୍ବର୍ ୨୦୧୮ ଅଙ୍କରେ ପ୍ରକାଶ ହୋଇସାରିଛି ।

ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ଏହି ଖୁତ୍‌ବାଜୁମା ଠିକ୍ ୨:୧୦ରେ ଶେଷ ହେଲା ଏହାପରେ ହଜୁର୍ ଅନ୍ୱର୍ ଅ:ବ:ଅ ଜୁମା ନମାଜ ସହିତ ଅସର୍ ନମାଜକୁ ଜମା କରି ପଢ଼ାଇଲେ ।

**ତକ୍‌ରିବେ ବୟତ୍ (ବୟତ୍ ଉତ୍ସବ)**

ନମାଜ ପାଠ ପରେ ବୟତ୍ ଉତ୍ସବ ଅନୁଷ୍ଠିତ ହେଲା । ତାହା ଏମ୍.ଟି.ଏ ଯୋଗେ ସାରା ପୃଥିବୀରେ ସିଧା ପ୍ରସାରଣ କରାଗଲା । ନୌମୁବାଏ (ନୂତନ ଅହେମଦୀ) ମାନେ ହଜୁର୍ ଅନ୍ୱର୍‌ଙ୍କ ପବିତ୍ର ହସ୍ତ ଉପରେ ନିଜ ନିଜର ହାତ ରଖିଲେ ଏବଂ ଜୁମା ନମାଜରେ ସାମିଲ୍ ହୋଇଥିବା ସମସ୍ତ ମହିଳା ଓ ପୁରୁଷମାନେ ଏହି ବୟତ୍ ଉତ୍ସବରେ ସାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତ କଲେ । ଶେଷରେ ହଜୁର୍ ଅନ୍ୱର୍ ଅ:ବ:ଅ ଦୁଆ କରାଇଲେ ।

ଏହାପରେ ହଜୁର୍ ଅନ୍ୱର୍ ଅ:ବ:ଅ ମସ୍‌ଜିଦ୍ ଭିତରେ ଥିବା ଲଜ୍‌ନା ହଲ୍‌ରେ ପ୍ରବେଶ କଲେ ଓ ସେଠାରେ ଉପସ୍ଥିତ ସମସ୍ତ ମହିଳାଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ । ମହିଳାମାନେ ହଜୁର୍ ଅନ୍ୱର୍‌ଙ୍କୁ ଦର୍ଶନ କଲେ । ତା ପରେ ହଜୁର୍ ଅନ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଫ୍ୟାମିଲି ସାକ୍ଷାତ୍‌କାର**

ପ୍ରୋଗ୍ରାମ୍ ମୁତାବକ ଠିକ୍ ୫:୩୦ ସମୟରେ ହଜୁର୍ ଅନ୍ୱର୍ ଅ:ବ:ଅ ନିଜ କାର୍ଯ୍ୟାଳୟରେ ପଦାର୍ପଣ କଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତ୍‌କାର ପ୍ରୋଗ୍ରାମ୍ ଆରମ୍ଭ ହେଲା । ଆଜି ସନ୍ଧ୍ୟାର ଏହି ଶେସନ୍‌ରେ ୭୨ଟି ଫ୍ୟାମିଲିର ୩୧୭ ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏମାନେ ସମସ୍ତେ ହଜୁର୍ ଅନ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର୍ ଅନ୍ୱର୍ ଅ:ବ:ଅ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଏବଂ ଛୋଟ ବୟସର କୁନି କୁନି ପୁଅଝିଅମାନଙ୍କୁ ଚକୋଲେଟ ପ୍ରଦାନ କଲେ ।

ସାକ୍ଷାତ୍ କରିବା ପାଇଁ ଆସିଥିବା ଏହି ସବୁ ଫ୍ୟାମିଲି ଗୁଡିକ ଆମେରିକାର ନିମ୍ନଲିଖିତ ନୂଆ ଜମାତ୍ ଗୁଡିକରୁ ଆସିଥିଲେ:- ଡେଟ୍ରାଇଟ୍, ଆଲାବାମା, କେରୋଲିନା, ଜର୍ଜିଆ, ଲଙ୍ଗ୍ ଆଇଲାଣ୍ଡ ମିମାମି, ମିଡିଲ୍ ଟାଉନ୍, କ୍ୟୁନ୍ ସନି, ଓ୍ୱିଲିଙ୍ଗ୍ ବୋରୋ ଏବଂ ସିଲ୍‌ଭର୍ ସ୍ପ୍ରିଙ୍ଗ୍ ।

ବହୁତ ଦୂର ଦୂରାନ୍ତ ଜମାତ୍ ଗୁଡିକରୁ ଆସିଥିବା ଫ୍ୟାମିଲି ଗୁଡିକ ୧୨ ଘଂଟାରୁ ଅଧିକା ରାସ୍ତା ଅତିକ୍ରମ କରି ସେଠି ପହଂଚିଥିଲେ ।

ଆଜି ସାକ୍ଷାତ୍ କରିଥିବା ଲୋକମାନଙ୍କ ମଧ୍ୟରେ କାନାଡା ଦେଶରୁ ଆସିଥିବା ଜଣେ ଅତିଥି Chief Rodger Redman ସାହେବ୍ ମଧ୍ୟ ସାମିଲ୍ ଥିଲେ । ସେ ମହାଶୟ କାନାଡାର ବହୁତ ପୁରାତନ ଜାତି (Aborigines) ର କବିଲାର ଜଣେ ଚିଫ୍ ଥିଲେ । ତାଙ୍କର ସମ୍ବନ୍ଧ Standing Buffalo First Nation ସହିତ ରହିଛି ।

ସେ ମହାଶୟ ଏକଥାକୁ ବାରମ୍ବାର ପ୍ରକାଶ କଲେ ଯେ ବହୁତ ଲୋକଙ୍କୁ ହଜୁର୍ ଅନ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ମୌକା ମିଳୁନାହିଁ । କିନ୍ତୁ ତାଙ୍କୁ ଆଜି ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିବାର ଅବସର ମିଳିଗଲା । ତେଣୁ ସେ ଏହି ସୌଭାଗ୍ୟ ପ୍ରାପ୍ତ କରିଥିବା ଯୋଗୁ ବହୁତ ଆନନ୍ଦିତ । ସେ ହଜୁର୍ ଅନ୍ୱର୍‌ଙ୍କ ଖୁତ୍‌ବା ଜୁମା ଶୁଣିବା ପରେ ଏବଂ ବୟତ ଉତ୍ସବକୁ ଦେଖିବା ପରେ ଖୁତ୍‌ବାଜୁମାର ଇଂରାଜୀ ଅନୁବାଦ ଶୁଣିବା ପାଇଁ ଇଚ୍ଛା ପ୍ରକାଶ କଲେ । ପୁଣି ତାପରେ କହିଲେ ଯେ ଯେଉଁ ବୈଭବପୂର୍ଣ୍ଣ କଥା ଗୁଡିକ ମୁଁ ହଜୁର୍ ଅନ୍ୱର୍‌ଙ୍କ ଖୁତ୍‌ବାରେ ଶୁଣିବାକୁ ପାଇଲି, ଏହା ଏବେ ସାରା ସଂସାର ପାଇଁ ଆବଶ୍ୟକ । ଏପରି ମାର୍ଗଦର୍ଶନ ଏବଂ ସତ୍ ଶିକ୍ଷା କେବଳ ସେହି ବ୍ୟକ୍ତିଙ୍କଠାରୁ ହିଁ ମିଳିପାରିବ ଯିଏ ଖୁଦାତାଲାଙ୍କଠାରୁ ମାର୍ଗଦର୍ଶନ ପାଉଥିବ । ଯଦି ଆଜି ମୋର କମ୍ୟୁନିଟି ନିକଟରେ ଏପରି ମାର୍ଗଦର୍ଶନ ଥାଆନ୍ତା ତେବେ ମୋର ବିଶ୍ୱାସ ଯେ ଆମେ ମଧ୍ୟ ଆପଣମାନଙ୍କ ପରି ଏକ ଦୃଢ଼ ଓ ସମ୍ମାନୀୟ ଗର୍ବିତ ଜାତି ହୋଇଥାଆନ୍ତୁ ।

ବୟତ ଉତ୍ସବରେ ସେ ମହାଶୟ ସାମିଲ୍ ଥିଲେ । ଅମୀର୍ ସାହେବ୍ କାନାଡା ବର୍ଣ୍ଣନା କରୁଛନ୍ତି ଯେ ସେ ବୟତ ଉତ୍ସବ ସମୟରେ କିଛିଟା ବ୍ୟତିବ୍ୟସ୍ତ ଦେଖାଯାଉଥିଲେ । ଯେତେବେଳେ ତାଙ୍କୁ ଏକଥା ବତାଇ ଦିଆଗଲା ଯେ ଇସ୍‌ଲାମ୍ ଧର୍ମରେ ଏ ମାମଲାରେ କୌଣସି ଜୋର୍ ଜବରଦସ୍ତି ନାହିଁ ଓ ଆପଣ ସେତେବେଳେ ବୟତ୍ କରିବେ ଯେତେବେଳେ ଆପଣଙ୍କର ହୃଦୟ ମାନିବ । ଯେତେବେଳେ ବୟତ ଆରମ୍ଭ ହେଲା ସେ ମହାଶୟ ସେତେବେଳେ ବଡ ପାଟିରେ କାନ୍ଦିବାକୁ ଆରମ୍ଭ କରିଦେଲେ । ପରେ ସେ ବତାଇଲେ ଯେ ଏପରି ପରିବେଶରେ ଏକ ଅଭିନବ ଶକ୍ତି ଥିଲା ଯାହାକୁ ସେ ଅନୁଭବ କରୁଥିଲେ ଓ ଏହି ଶକ୍ତି ଦ୍ୱାରା ସେ ଏକ ସମ୍ମାନୀୟ ଓ ସୁଦୃଢ଼ ଜାତିକୁ ଅନୁଭବ କରୁଥିଲେ କି ଜାହାର ଜଣେ ଏପରି ନେତା ଅଛନ୍ତି ଯିଏ ତାଙ୍କୁ ପ୍ରତିକ୍ଷେତ୍ରରେ ମାର୍ଗ ଦର୍ଶନ କରାଉଛନ୍ତି । ମୁଁ ନିଜକୁ ସେହି ଶକ୍ତି ସହିତ ଏକାକାର ହେବାରୁ ରୋକିପାରିଲି ନାହିଁ ।

ହଜୁର୍ ଅନ୍ୱର୍‌ଙ୍କ ସହିତ ଚିଫ୍‌ଙ୍କ ସାକ୍ଷାତ୍‌କାର୍ ତାଙ୍କ ଉପରେ ଏକ ଗଭୀର ପ୍ରଭାବ ପକାଇଛି । ଚିଫ୍ କହିଲେ ଯେ ହଜୁର୍ ଅନ୍ୱର୍ ବହୁତ ସ୍ନେହ ଓ ପ୍ରେମର ସହିତ ମିଳୁଛନ୍ତି ଓ ବଡ ବଡ ନେତା ଓ ଲିଡର୍‌ମାନଙ୍କ ସହିତ ବହୁତ ସୁନ୍ଦର ବ୍ୟବହାର କରୁଛନ୍ତି । ପୁଣି ସେ ମହାଶୟ କହିଲେ ଯେ ଆମ କୌମ୍ ଏକଥା ପ୍ରତି ବହୁତ ଧ୍ୟାନ ରଖିଥାଏ ଯେ ସେମାନେ ନିଜ ବୟୋଜ୍ୟେଷ୍ଠ ସମ୍ମାନସ୍ପଦ ଲୋକ ଓ ଚିଫ୍‌ମାନଙ୍କୁ ସସମ୍ମାନେ ମିଳିଥାନ୍ତି । କିନ୍ତୁ ଯେବେଠାରୁ ୟୁରୋପୀୟ ଲୋକମାନେ ଉତର ଆମେରିକାରେ ଆସି ବସବାସ କଲେଣି ଆମ କୌମ୍ ଏହି ସବୁ ଚରିତ୍ରକୁ ଭୁଲି ବସିଲାଣି । କିନ୍ତୁ ମୁଁ ଆଜି ଏଠାରେ ଦେଖିବାକୁ ପାଇଲି ଯେ ହଜୁର୍ ଅନ୍ୱର୍ ସେହି ସବୁ ସୁଚରିତ୍ର ଗୁଡିକୁ ପୁନର୍ବାର ଜିବୀତ କରୁଛନ୍ତି ।

ଚିଫ୍ କହିଲେ ଯେ ହଜୁର୍ ଅନ୍ୱର୍ ଜଣେ ଅତ୍ୟନ୍ତ ସ୍ନେହି ବ୍ୟକ୍ତି ଅଟନ୍ତି । ହଜୁର୍ ଅନ୍ୱର୍ ମୋ ଠାରୁ ମୋର ଜାତିର ଉନ୍ନତି ଓ ବିକାଶ ସମ୍ବନ୍ଧରେ ପଚାରି ବୁଝିଲେ । ହଜୁର୍ ଅନ୍ୱର୍‌ଙ୍କୁ ରାଜନିତୀ ଇତ୍ୟାଦିରେ କୌଣସି ଆଗ୍ରହ ନଥିଲା ବରଂ ହଜୁର୍ ମୋଠାରୁ ମୋ ଜାତି ସମ୍ବନ୍ଧରେ ପଚାରି ବୁଝଲେ । ମୋ କୌମ୍‌ରେ ଗୋଟିଏ ରୁଢ଼ି ମିଳିଥାଏ ଅର୍ଥାତ୍ ଯିଏ ଚିଫ୍ ହୋଇଥାନ୍ତି ସେମାନେ ଜାତିର ସେବକ ହୋଇଥାନ୍ତି । ହଜୁର୍ ଅନ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ସମୟରେ ମୋତେ ଏହି ରୁଢ଼ୀଟି ମନେପଡିଗଲା । କାରଣ ହଜୁର୍ ଅନ୍ୱର୍ ମୋତେ ଏ କଥାର ଅନୁରୂପ ଦେଖାଗଲେ । ହଜୁର୍ ଅନ୍ୱର୍ ମୋତେ ଆଁ ହଜ୍‌ରତ୍ ସ:ଆ:ସଙ୍କ ହଦିସ୍ ସହିତ ପରିଚିତ କଲେ ଯେଉଁଥିରେ ଆପଣ ସ:ଆ:ସ କହିଛନ୍ତି ଯେ କୌମ୍‌ର ସର୍ଦ୍ଦାର କୌମ୍‌ର ଖାଦିମ୍ ଅର୍ଥାତ୍ ସେବକ ହୋଇଥାଏ ।

Chief Rodger Redman ସାହେବ୍ ଜମାତ୍ ଏବଂ ଖିଲାଫତ୍ ସହିତ ପୂର୍ଣ୍ଣ ସମ୍ମାନ ଓ ଆସ୍ଥା ର ପରିପ୍ରକାଶ କଲେ ଏବଂ ହଜୁର୍ ଅନ୍ୱର୍‌ଙ୍କ ଉପଦେଶାବଳୀରେ ବହୁତ ପ୍ରଭାବିତ ହେଲେ । ସେ ମହାଶୟ କହିଲେ ଯେ ଏବେ ତାଙ୍କର ଏ ଇଚ୍ଛା କି ତାଙ୍କ କୌମ୍‌ର ପ୍ରତ୍ୟେକ ସଦସ୍ୟ ଜମାତ୍ ଅହେମଦୀୟାର ଶିକ୍ଷା ସହିତ ପରିଚିତ ହୁଅନ୍ତୁ । ଚିଫ୍ ଅବଶ୍ୟ ଜମାତ୍‌କୁ ନିବେଦନ କଲେ ଯେ ଜମାତ୍ ସେମାନଙ୍କ ପିଲାମାନଙ୍କୁ ଏବଂ କମ୍ୟୁନିଟିର ସଦସ୍ୟମାନଙ୍କୁ ଜମାତ୍ ବିଷୟରେ ପରିଚୟ ଦେବାପାଇଁ ତାଙ୍କୁ ସାହାଯ୍ୟ କରୁ, ତାଙ୍କ କୌମ୍‌ର ପିଲାମାନଙ୍କର ତରବିୟତ୍ କରିବାରେ ସାହାଯ୍ୟ କରୁ । ଚିଫ୍ କହିଲେ ଯେ ସେ ଏକଥା ଦେଖିଛନ୍ତି କି ଅହେମଦୀ ଲୋକମାନେ ହଜୁର୍ ଅନ୍ୱର୍‌ଙ୍କ ଶିକ୍ଷାରେ ଅନୁପ୍ରାଣିତ ହୋଇ ଉତମ ଚରିତ୍ରର ପରିପ୍ରକାଶ କରୁଛନ୍ତି ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୯ଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନ୍ୱର୍ ମସ୍‌ଜିଦ୍ ବଇତୁର୍ ରହେମାନ୍‌ଠାର ପଦାର୍ପଣ କରି ମଗ୍‌ରିବ୍ ଏବଂ ଇଶା ନମାଜ ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନ୍ୱର୍ ନିଜ ଦଫ୍‌ତର୍‌କୁ ଚାଲିଗଲେ । ମୋକରମ୍ ମୁନିରୁଦ୍ଦିନ୍ ଶମ୍‌ସ୍ ସାହେବ୍ ମ୍ୟାନେଜିଙ୍ଗ୍ ଡିରେକ୍ଟର୍ ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍, ମୋକରମ୍ ମୁନୀର୍ ଓ୍ୱୈଦାଃ ସାହେବ୍ ଡିରେକ୍ଟର୍ ପ୍ରଡକ୍‌ସନ୍ ଏବଂ ମୋକରମ୍ ସାହାବ୍‌ଜାଦା ମିର୍ଜା ମଗ୍‌ଫୁର୍ ଅହେମଦ୍ ସାହେବ୍ ଅମୀର୍ ଜମାତ୍ ୟୁ.ଏସ୍.ଏ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ସହିତ ସାମୁହିକ ସାକ୍ଷାତ୍‌କାର କରିବାର ସୌଭାଗ୍ୟ ପ୍ରାପ୍ତ କଲେ ଏବଂ ଏମ୍.ଟି.ଏ ଆର୍ଥ୍ ଷ୍ଟେସନ୍ ଆମେରିକା ସହିତ ସଂଲଗ୍ନ ପ୍ଲଟ୍‌ରେ ଏମ୍.ଟି.ଏ ଷ୍ଟୁଡିଓ ନିର୍ମାଣ କରିବା ସମ୍ବନ୍ଧରେ ପ୍ରୋଗ୍ରାମ୍ ଏବଂ ଯୋଜନା ଉପସ୍ଥାପନ କରି ହିଦାୟତ୍ ଓ ମାର୍ଗଦର୍ଶନ ହାସଲ କଲେ ।

ଏହାପରେ ହଜୁର୍ ଅନ୍ୱର୍ ପ୍ରୋଗ୍ରାମ୍ ମୁତାବକ ମୋକରମ୍ ତଲ୍‌ହା ଅହେମଦ୍ ସାହେବ୍ ଓ୍ୱାକିଫେ ଜିନ୍ଦେଗୀଙ୍କ ଦାଓ୍ୱତେ ଓ୍ୱଲିମା (ବିବାହ ଭୋଜି)ରେ ଯୋଗଦେଲେ । ତା'ପରେ ହଜୁର୍ ଅନ୍ୱର୍ ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

**୩ ନଭେମ୍ବର୍ ୨୦୧୮ (ଶନିବାର)**

ହଜୁର୍ ଅନ୍ୱର୍ ଅ:ବ:ଅ ଭୋର୍ ୬:୩୦ରେ ମସ୍‌ଜିଦ୍ ବଇତୁର୍ ରହେମାନ୍‌ଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ହଜୁର୍ ଅନ୍ୱର୍ ଅ:ବ:ଅ ଦଫ୍‌ତରି ଚିଠିପତ୍ର ଓ ରିପୋର୍ଟସ୍ ଇତ୍ୟାଦି ନିରୀକ୍ଷଣ କଲେ ଓ ସେଥିରେ ହିଦାୟତ୍ ପ୍ରଦାନ କଲେ ।

ପ୍ରୋଗ୍ରାମ୍ ମୁତାବକ ଠିକ୍ ୧୧:୩୫ରେ ହଜୁର୍ ଅନ୍ୱର୍ ନିଜ ଦଫ୍‌ତର୍‌ରେ ପଦାର୍ପଣ କଲେ । ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ୟୁ.ଏସ୍.ଏ ମୋକରମ୍ ଅଦିଲ୍ ଅହେମଦ୍ ସାହେବ୍ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାହଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

(ଖୁତ୍‌ବା ଜୁମାଃ ପ୍ରଦତ ୨୭ ଜାନୁୟାରୀ ୨୦୧୭)

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

(ଖୁତ୍‌ବା ଜୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

ପାଇଲେ ଏବଂ ହଜୁର୍ ଅନୁୱରଙ୍କଠାରୁ ହିଦାୟତ୍ ଏବଂ ମାର୍ଗଦର୍ଶନ ଲାଭ କଲେ । ସେ ମହାଶୟ ଏବର୍ଷ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ୟୁ.ଏସ୍.ଏ ର ନୁଆ ସଦର୍ ନିୟୋଜିତ ହୋଇଛନ୍ତି । ଏହି ସାକ୍ଷାତ୍‌କାର ୧୨ଟା ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ମସ୍‌ଜିଦ୍ ମସ୍‌ରୁର୍ ଭର୍ଜିନଆର ଉଦ୍‌ଘାଟନୀ ଉତ୍ସବ**

ଆଜି ପ୍ରୋଗ୍ରାମ୍ ମୁତାବକ ସାଉଥ୍ ଭର୍ଜିନିଆରେ "ମସ୍‌ଜିଦ୍ ମସ୍‌ରୁର୍"ର ଉଦ୍‌ଘାଟନୀ ଉତ୍ସବ ପ୍ରୋଗ୍ରାମ୍ ରଖାଯାଇଥିଲା । ୧୨:୨୫ରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଓ ଦୁଆ କରାଇଲେ । ତା'ପରେ ସାଉଥ୍ ଭର୍ଜିନିଆ ନିମନ୍ତେ ଯାତ୍ରା ଆରମ୍ଭ ହେଲା । ମସ୍‌ଜିଦ୍ ବଇତୁର୍ ରହେମାନ୍‌ଠାରୁ ସାଉଥ୍ ଭର୍ଜିନିଆର ଦୂରତା ୫୨ ମାଇଲ୍ ।

ଆଜିର ଦିନଟି ସାଉଥ୍ ଭର୍ଜିନିଆ ଜମାତ୍ ପାଇଁ ଅତ୍ୟନ୍ତ ପବିତ୍ର, ବୈଭବପୂର୍ଣ୍ଣ ଏବଂ ଐତିହାସିକ ଦିନ ଥିଲା । ସମସ୍ତ ଛୋଟ ବଡ, ପୁରୁଷ ମହିଳା, ଯୁବକ ଏବଂ ବୃଦ୍ଧ ଖୁସି ଓ ଆନନ୍ଦରେ ବିଭୋର ଥିଲେ । ଆଜି ତାଙ୍କର ଏହି ସ୍ଥାନରେ ହଜୁର୍ ଅନୁୱରଙ୍କ ପବିତ୍ର ପାଦ ପ୍ରଥମଥର ପାଇଁ ପଡିଥିଲା । ଏହି ଲୋକମାନେ ସକାଳୁ ମସ୍‌ଜିଦ୍ ମସ୍‌ରୁର୍‌ଠାରେ ପହଂଚିବା ଆରମ୍ଭ କରିଦେଇଥିଲେ ।

ସାଉଥ୍ ଭର୍ଜିନିଆର ସ୍ଥାନୀୟ ଜମାତ୍ ବ୍ୟତୀତ ସିଲିକନ୍ ଭ୍ୟାଲି, ବେ ପଏଂଟ୍, ଲସ୍‌ଏଞ୍ଜେଲେସ୍, କାଲିଫର୍ଣ୍ଣିଆ, ସିଆଟଲ୍, କାନ୍‌ସାସ୍, ସେଂଟ୍ ଲୁଇସ୍, ହ୍ୟୁଷ୍ଟନ୍, ଆଷ୍ଟନ୍, ଡଲାସ୍, ମିଆମି, ନ୍ୟୁୟର୍କ୍, ନ୍ୟୁଜର୍ସି, ଓଶ୍‌କୋଶ୍ ଏବଂ ଡେଟ୍ରାଇଟ୍‌ର ଜମାତ୍ ଗୁଡିକରୁ ଜମାତ୍‌ର ସଦସ୍ୟମାନେ ବହୁତ ଲମ୍ବା ରାସ୍ତାକୁ ଅତିକ୍ରମ କରି ମସ୍‌ଜିଦ୍ ମସ୍‌ରୁର୍‌ର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେବାପାଇଁ ଏଠାରେ ଆସି ପହଂଚିଥିଲେ ।

ଲସ୍‌ଏଞ୍ଜେଲେସ୍, ସିଲିକନ୍ ଭ୍ୟାଲି, ବେପଏଂଟ୍ ଏବଂ ସିୟାଟଲ୍‌ରୁ ଆସିଥିବା ସଦସ୍ୟମାନେ ପାଖାପାଖି ୬ ଘଂଟା ଜାହାଜ ଦ୍ୱାରା ସମୟ ଅତିବାହିତ କରି ଏଠାରେ ଆସି ପହଂଚିଥିଲେ ।

ଏତଦ୍‌ବ୍ୟତୀତ କାନାଡାର ଜମାତ ଗୁଡିକ ଟୋରାଂଟୋ, ମିସିସାଗା, ଆଟୱା, କେଲ୍‌ଗିରି, ୱାଙ୍କୋଭର୍ ଏବଂ ବେରିରୁ ମଧ୍ୟ ବହୁ ସଂଖ୍ୟକ ଜମାତ୍‌ର ଲୋକେ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବରେ ସାମିଲ୍ ହେବାପାଇଁ ଆସି ପହଂଚିଥିଲେ ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ଆଗମନ ପୂର୍ବରୁ ସାଉଥ୍ ଭର୍ଜିନିଆ ଜମାତ୍‌ର ସେଂଟର୍ "ମସ୍‌ଜିଦ୍ ମସ୍‌ରୁର୍"ର ବାହ୍ୟ ପ୍ରାଙ୍ଗଣ ଜମାତ୍‌ର ଲୋକମାନଙ୍କ ଦ୍ୱାରା ପୂରଣ ହୋଇସାରିଥିଲା । ମହିଳା ଓ ପୁରୁଷମାନଙ୍କର ମୋଟ ସଂଖ୍ୟା ପାଖାପାଖି ୩୩୦୦ ଥିଲା । ସେମାନଙ୍କ ମଧ୍ୟରୁ ୨୩୦୦ ସଦସ୍ୟ ଆମେରିକାର ବିଭିନ୍ନ ଜମାତ୍ ଗୁଡିକରୁ ଆସିଥିଲେ ଯେବେ କି ଏକହଜାର ସଦସ୍ୟ କାନାଡାରୁ ଆସିଥିଲେ ।

ପାଖାପାଖି ଦିନ ୨ଟା ସମୟରେ ହଜୁର୍ ଅନୁୱର୍ ଅ:ବ:ଅ ଏଠରେ ପଦାର୍ପଣ କଲେ ଓ ସମଗ୍ର ପରିବେଶଟି ସ୍ଲୋଗାନ୍ ଦ୍ୱରା ଗୁଞ୍ଜରଣ ହୋଇ ଉଠିଲା । ଛୋଟ ଛୋଟ ଝିଅମାନଙ୍କ ଗ୍ରୁପ୍ ଗୁଡିକ ସ୍ୱାଗତ ସମ୍ବର୍ଦ୍ଧନା ମୂଳକ ଗୀତ ଏବଂ ତରାନା ଉପସ୍ଥାପନ କଲେ । ଯେଉଁକ୍ଷଣି ହଜୁର୍ ଅନୁୱର୍ ଅ:ବ:ଅ ଗାଡିରୁ ବାହାରକୁ ବାହାରିଲେ । ସେହିକ୍ଷଣି ସାଉଥ୍ ଭର୍ଜିନିଆର ସଦର୍ ଜମାତ୍ ମୋକରମ୍ କରିମୁଲ୍ଲାଃ କଲିମ୍ ସାହେବ୍ ଏବଂ ରିଜିଓନାଲ୍ ମୁବଲ୍ଲିଗ୍ ସିଲ୍‌ସିଲା ଫାରାନ୍ ଅହେମଦ୍ ରବ୍‌ବାନୀ ସାହେବ୍ ହଜୁର୍ ଅନୁୱରଙ୍କୁ ସ୍ୱାଗତ ଜଣାଇଲେ ଓ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟ କାନ୍ଥରେ ଲଗାଯାଇଥିବା ଫଳକକୁ ଉନ୍ମୋଚନ କଲେ ଏବଂ ଦୁଆ କରାଇଲେ । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ମସ୍‌ରୁର୍ ଓ ଜମାତ୍‌ର ଏହି କେନ୍ଦ୍ରସ୍ଥଳୀକୁ ନିରୀକ୍ଷଣ କଲେ ।

ଏହି ସେଂଟର୍‌ର ଏହି ଅଟ୍ଟାଳିକାଟିକୁ ୨୦୧୭ ମସିହାରେ କିଣାଯାଇଅଛି । ଏହା ଗୋଟିଏ ଚର୍ଚ୍ଚର ବିଲ୍‌ଡିଙ୍ଗ୍ ଥିଲା । ଖରିଦ୍ କରିବା ପରେ ଏଥିରେ ଅଳ୍ପ କିଛି ରେନୋଭେସନ୍ କରାଯାଇଛି । ଏହି ଅଟ୍ଟାଳିକାଟିକୁ ଖରିଦ୍ କରିବାରେ ପାଂଚ ମିଲିୟନ୍ ଡଲାର ଖର୍ଚ୍ଚ ହୋଇଛି ଓ ଏହାର ରିନୋଭେସନ୍ କାର୍ଯ୍ୟରେ ପାଖାପାଖି ୭୫ ହଜାର୍ ଡଲାର ଖର୍ଚ୍ଚ କରାଯାଇଛି ।

ଏହି ସେଂଟର୍‌ଟିର ମୋଟ କ୍ଷେତ୍ରଫଳ ହେଉଛି ୧୭.୬ ଏକର । ମସ୍‌ଜିଦ୍‌ର ମୋଟ ଛାତ ଭାଗଟି ହେଉଛି ୨୨୪୦୩ ସ୍କୋୟାର୍‌ଫିଟ୍ । ମସ୍‌ଜିଦ୍ ସହିତ ଗୋଟିଏ Structure ରହିଛି ତାହା ୬୪ ଫୁଟ୍ ଉଚ୍ଚତା ବିଶିଷ୍ଟ ଓ ଆସନ୍ତାକୁ ଆଗକୁ ଯାଇ ତାକୁ ନିୟମିତ ଏକ ମିନାର୍‌ରେ ପରିବର୍ତନ କରାଯାଇହେବ ।

ମସ୍‌ଜିଦ୍‌ର ଦୁଇଟି ଭାଗ ରହିଛି । ଗୋଟିଏ ହେଉଛି ଉପର ଭାଗ ଓ ଦ୍ୱିତୀୟ ଭାଗଟି ହେଉଛି ତଳଭାଗ । ମସ୍‌ଜିଦ୍‌ର ଉପରି ଭାଗରେ ପୁରୁଷମାନଙ୍କ ପାଇଁ ହଲ୍ ରହିଛି, ଯାହାର ଗୋଟିଏ ପାର୍ଶ୍ୱରେ ଷ୍ଟେଜ୍ ତିଆରି ହୋଇଛି ଓ ତତ୍‌ସହିତ ଗୋଟିଏ ବଡ ଟି.ଭି ସ୍କ୍ରିନ୍ ମଧ୍ୟ ଲଗାଯାଇଛି । ଗୋଟିଏ ବ୍ୟାକ୍‌ଷ୍ଟେଜ୍ ଅଡିଓ ଭିଡିଓ ରୁମ୍ ମଧ୍ୟ ରହିଛି । ସେହିପରି ଗୋଟିଏ ଛୋଟିଆ ରୋଷେଇଶାଳ ମଧ୍ୟ ଉପସ୍ଥିତ ଅଛି ।

ଏହି ସେଂଟର୍‌ରେ ପୁରୁଷ ଓ ମହିଳାମାନଙ୍କ ନମାଜ ପାଠ ନିମନ୍ତେ ଅଲଗା ଅଲଗା ହଲ୍ ରହିଛି । ପୁରୁଷମାନଙ୍କ ନିମନ୍ତେ ଥିବା ହଲ୍‌ରେ ୫୦୦ ଲୋକ ନମାଜ ପଢ଼ିପାରିବେ । ଗୋଟିଏ ଲବୀ ମଧ୍ୟ ରହିଛି ଯାହା ପୁରୁଷମାନଙ୍କ ପାଇଁ ଓଭର୍ ଫ୍ଲୋ ହେବା ବ୍ୟତୀତ ଆତିଥ୍ୟତା ନିମନ୍ତେ ମଧ୍ୟ ବ୍ୟବହାର ହୋଇଥାଏ । ଗୋଟିଏ ଉଚ୍ଚ ସ୍ତରର ଅଡିଓ ଭିଡିଓ ସିଷ୍ଟମ୍ ମଧ୍ୟ ମସ୍‌ଜିଦ୍‌ରେ ଲଗାଯାଇଛି । ମସ୍‌ଜିଦ୍‌ରେ ତିନୋଟି ଷ୍ଟେୟାର୍ ୱେଲ୍ ଏବଂ ଗୋଟିଏ ଇଲେଭେଟର୍ ମଧ୍ୟ ମହଜୁଦ୍ ଅଛି ।

ତଳମହଲାରେ ମହିଳାମାନଙ୍କ ନିମନ୍ତେ ନମାଜ ପଢ଼ିବା ପାଇଁ ଗୋଟିଏ ହଲ୍ ରହିଛି । ସେଥିରେ ୧୫୦ରୁ ଅଧିକା ମହିଳାଙ୍କ ପାଇଁ ଯାଗା ରହିଛି । ତତ୍‌ସହିତ ମସ୍‌ଜିଦ୍‌ର ଏହି ଭାଗରେ ମୋଟ ୧୧ଟି କୋଠରୀ ରହିଛି ଯେଉଁଠି ପିଲାମାନଙ୍କ କ୍ଲାସ୍ ରୁମ୍ ବ୍ୟତୀତ ବିଭିନ୍ନ ବିଭାଗର କାର୍ଯ୍ୟାଳୟ ଓ କନ୍‌ଫରେନ୍‌ସ୍ ରୁମ୍ ମଧ୍ୟ ରହିଛି ।

ଗୋଟିଏ ରିଜିଓନାଲ୍ ଲାଇବ୍ରେରୀ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଏହି ଭାଗରେ ଗୋଟିଏ ଜମାତି କିଚେନ୍ ମଧ୍ୟ ତିଆରି କରାଯାଇଛି । ତତ୍ ସହିତ ଛୋଟ ପିଲାମାନଙ୍କ ପାଇଁ ଗୋଟିଏ ନର୍ସରୀ ମଧ୍ୟ ରହିଛି ।

ମସ୍‌ଜିଦ୍‌ର ଅଟ୍ଟାଳିକାଠାରୁ ଟିକିଏ ଅଲଗା ଅଳ୍ପ କିଛି ଦୂରତାରେ ଲଙ୍ଗର୍‌ଖାନା ମଧ୍ୟ ନିର୍ମାଣ କରାଯାଇଛି । ଏତଦ୍‌ବ୍ୟତୀତ ଗୋଟିଏ ବାସ୍କେଟ୍ ବଲ୍ କୋଟ୍ ଓ କ୍ରିକେଟ୍ ପାଇଁ ଗୋଟିଏ ହାର୍ଡ୍ ବଲ୍ ପିଚ୍ ମଧ୍ୟ ପ୍ରସ୍ତୁତ କରାଯାଇଛି । ସେହିପରି ୨୨୬ଟି ଗାଡି ପାର୍କିଂ କରିବା ପାଇଁ ଏଠାରେ ଜାଗା ମଧ୍ୟ ରହିଛି ।

ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍‌ଟିକୁ ନିରୀକ୍ଷଣ କଲେ ଓ ନିର୍ଦ୍ଦେଶ ଦେଲେ ଯେ ଭିତରେ ମେହ୍‌ରାବ୍‌ର ଆକୃତି ରହିବା ଉଚିତ୍ । ଏତଦ୍‌ବ୍ୟତୀତ ହଜୁର୍ ଅନୁୱର୍ ଅ:ବ:ଅ ଶବ୍ଦ ଓ ସାଉଣ୍ଡ୍ ସିଷ୍ଟମ୍ ସମ୍ବନ୍ଧରେ ପଚାରି ବୁଝିଲେ ଯେ ଏଠି କୌଣସି ପ୍ରକାରର ଶବ୍ଦର ଗୁଞ୍ଜରଣ ଇତ୍ୟାଦି ସୃଷ୍ଟି ତ ହେଉନାହିଁ ।

ହଜୁର୍ ଅନୁୱର୍ ଲଜ୍‌ନା ହଲ୍‌କୁ ମଧ୍ୟ ନିରୀକ୍ଷଣ କଲେ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡିକ ମଧ୍ୟ ଦେଖିଲେ ଓ ମର୍କଜି କିଚେନ୍‌ରେ ମଧ୍ୟ ପ୍ରବେଶ କଲେ ଓ ସେଠାରେ ଇନ୍ତେଜାମିଆଙ୍କ ଠାରୁ ଅତିଥିମାନଙ୍କ ନିମନ୍ତେ ପ୍ରସ୍ତୁତ ହେଇଥିବା ଖାଦ୍ୟ ସମ୍ବନ୍ଧରେ ପଚାରି ବୁଝିଲେ ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ କିଛି ସମୟ ପାଇଁ ନିଜ ଆରାମ ସ୍ଥଳୀକୁ ଚାଲିଗଲେ । ଠିକ୍ ୨:୨୦ରେ ହଜୁର୍ ଅନୁୱର୍ ମସ୍‌ଜିଦ୍‌ରେ ପ୍ରବେଶ କରି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ତତ୍‌ସହିତ "ମସ୍‌ଜିଦ୍ ମସ୍‌ରୁର୍" ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହେଲା ।

ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ମହିଳାମାନଙ୍କ ପାଇଁ ଦୁଇଟି ବଡ ବଡ ଟେଂଟ୍ ଲଗାଯାଇଥିଲା । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ଉକ୍ତ ଦୁଇଗୋଟି ଟେଂଟ୍ ଭିତରେ ପ୍ରବେଶ କଲେ ଯେଉଁଠାରେ ମହିଳାମାନେ ହଜୁର୍‌ଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପାଇଲେ ।

ଏହାପରେ ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ହଜୁର୍ ଅନୁୱର୍ ଅ:ବ:ଅ ଗଛରା ରୋପଣ କଲେ । ତାପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ପ୍ରୋଗ୍ରାମ୍ ମୁତାବକ ଠିକ୍ ୪:୩୦ ସମୟରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍‌ର ଲଜ୍‌ନା ହଲ୍‌ରେ ପ୍ରବେଶ କଲେ ଯେଉଁଠି ସାଉଥ୍ ଭର୍ଜିନିଆ ଜମାତ୍‌ର ମଜ୍‌ଲିସ୍ ଆମେଲାର ସଦସ୍ୟବୃନ୍ଦ, ମଜ୍‌ଲିସ୍ ଆମେଲା ଅନ୍‌ସାରୁଲ୍ଲାଃ ଏବଂ ମଜ୍‌ଲିସ୍ ଆମେଲା ଖୁଦାମୁଲ୍ ଅହେମଦୀୟା ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଗ୍ରୁପ୍ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ପ୍ରେସ୍ କନ୍‌ଫରେନ୍‌ସ**

ତା'ପରେ ହଜୁର୍ ଅନୁୱର୍ ଅ:ବ:ଅ କନ୍‌ଫରେନ୍‌ସ୍ ରୁମ୍ ଭିତରକୁ ପ୍ରବେଶ କଲେ ଯେଉଁଠି କନ୍‌ଫରେନ୍‌ସ୍ ଅନୁଷ୍ଠିତ ହେଲା । ସେଥିରେ ଇଲେକ୍‌ଟ୍ରୋନିକ୍‌ସ୍, ପ୍ରିଂଟ୍ ଏବଂ ସୋସିଆଲ୍ ମିଡିଆର ନିମ୍ନଲିଖିତ ଜର୍ନାଲିଷ୍ଟ୍ ଏବଂ ପ୍ରତିନିଧିମାନେ ସାମିଲ୍ ହୋଇଥିଲେ ।

WTOP Washinton DC ର ଗୋଟିଏ ବହୁତ ଗରୁତ୍ୱପୂର୍ଣ୍ଣ ନ୍ୟୁଜ୍ ସର୍ଭିସ୍ । ଏହାର ଜର୍ନାଲିଷ୍ଟ ମଧ୍ୟ ସାମିଲ୍ ହୋଇଥିଲେ ।

VOA (Voice of America) ର ଶୁଭାରମ୍ଭ ୧୯୪୨ ମସିହାରେ ହୋଇଥିଲା । ଏହା ଅଣ ସୈନିକ ଓ ଆମେରିକାର ବାହାରେ ବ୍ରଡ୍‌କାଷ୍ଟିଂ କରିବା ପାଇଁ ଆମେରିକୀୟ ଫେଡେରାଲ୍ ସରକାରଙ୍କର ଗୋଟିଏ ଅଫିସିଆଲ୍ କାର୍ଯ୍ୟାଳୟ । ଏହି କାର୍ଯ୍ୟାଳୟ ୟୁ.ଏସ୍.ଏ ସମ୍ବନ୍ଧରେ ଆମେରିକାରୁ ବାହାରେ ଲୋକମତ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।

ଭଏସ୍ ଅଫ୍ ଆମେରିକାର ତିନିଜଣ ଜର୍ନାଲିଷ୍ଟ୍ ଆଜିର ଏହି ପ୍ରେସ୍ କନ୍‌ଫରେନ୍‌ସ୍‌ରେ ସାମିଲ୍ ହୋଇଥିଲେ ।

Potomac Local ର ଶୁଭାରମ୍ଭ ୨୦୧୦ ମସିହାରେ ହୋଇଥିଲା । Potomac Local ପ୍ରିନ୍‌ସ୍ ୱିଲିୟମ୍ ଏବଂ ଷ୍ଟାଫୋର୍ଡ୍ କାଉଂଟିଜ୍ ଏବଂ ମାନାସାସ୍ ଏବଂ ମାନାସାସ୍ ପାର୍କ୍‌ର ସହର ଗୁଡିକର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱର ଓ ସ୍ଥାନୀୟ ନ୍ୟୁଜ୍ ଏଜେନ୍‌ସି । ଏହାର ମଧ୍ୟ ପତ୍ରକାର ସାମିଲ୍ ହୋଇଥିଲେ ।

<< Whats of Prince William>> କାଉଂଟିର ସ୍ଥାନୀୟ ନ୍ୟୁଜ୍ ଆଉଟ୍‌ଲେଟ୍ । ଏହାର ମଧ୍ୟ ପତ୍ରକାର ସାମିଲ୍ ହୋଇଥିଲେ ।

NRB TV ର ଜର୍ନାଲିଷ୍ଟ ମଧ୍ୟ ସାମିଲ୍ ହୋଇଥିଲେ । Freelance Journalist ମଧ୍ୟ ପ୍ରେସ୍ କନ୍‌ଫରେନ୍‌ସ୍‌ରେ ସାମିଲ୍ ହୋଇଥିଲେ । ପ୍ରେସ୍ କନ୍‌ଫରେନ୍‌ସ୍‌ର ଆରମ୍ଭ ୪:୩୩ ରେ ହେଲା ।

ଜଣେ ଜର୍ନାଲିଷ୍ଟ୍ ପଚାରିଲେ ଯେ ହଜୁର୍ ଅନୁୱର୍ ପଛଥରକ ପାଂଚବର୍ଷ ପୂର୍ବେ ଆମେରିକା ଆସିଥିଲେ । ଏବେ ହଜୁର୍ ଅନୁୱର୍ ପାଖାପାଖି ୩ ସପ୍ତାହ ଏଠାରେ ରହିଲେଣି । କଣ ହଜୁର୍ କୌଣସି ପ୍ରକାରର ପରିବର୍ତନ ଦେଖିବାକୁ ପାଇଛନ୍ତି ? ସେହିପରି ଆପଣଙ୍କର ଏହି ଗସ୍ତ ସମ୍ବନ୍ଧରେ କ'ଣ ମନୋଭାବ ରହିଛି ? ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଯେଉଁଠି ଆମ ଜମାତ୍‌ରେ ପରିବର୍ତନ ହେବା କଥା ଉଠୁଛି ସେ ଦୃଷ୍ଟିକୋଣରୁ ଆମ ଜମାତ୍ ଏଠାରେ ବହୁତ ବଢ଼ିଛି । ବିଗତ ପାଂଚବର୍ଷ ମଧ୍ୟରେ ଅହେମଦୀ ମୁହାଜିର୍‌ମାନଙ୍କର ବହୁତ ବଡ ସଂଖ୍ୟା ଏଠାକୁ ଆସିଛି । ଏତଦ୍‌ବ୍ୟତୀତ ଆମ ଜମାତ୍ ଏଠାରେ କେତେ ମସ୍‌ଜିଦ୍ ମଧ୍ୟ ନିର୍ମାଣ କରିସାରିଛି, ଯାହା ବିଭିନ୍ନ ସହର ଓ ରାଜ୍ୟରେ ଏକ ପ୍ରକାରର ନୂତନ ବୃଦ୍ଧି ଅଟେ । ତେଣୁ ଆମ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ଜମାତ୍ ଉନ୍ନତି କରୁଅଛି ।

ଯେଉଁଠି ଦେଶର ବାକି ପରିସ୍ଥିତି କଥା ଉଠୁଛି ତେବେ ଏ ସମ୍ବନ୍ଧରେ ମୋର ଧାରଣ ଏହା ଯେ ଏ ବିଷୟରେ ଆପଣ ମୋ ଠାରୁ ଅଧିକା ଭଲ ଭାବେ ଜାଣିଛନ୍ତି । ଏପରି ପରିସ୍ଥିତିରେ ପରିବର୍ତ୍ତନ ତ ବହୁତ ସ୍ପଷ୍ଟ । ଯେତେବେଳେ ସରକାର ବଦଳିଥାଏ ସେତେବେଳେ ପରିବର୍ତ୍ତନ ଆସିଥାଏ । କେତେକ ରାଜନୈତିକ ପରିବର୍ତ୍ତନ ମଧ ହୋଇଥାଏ । ବାକି ଯେଉଁଠି ଆମ ଜମାତ୍ କଥା ସେ ଦୃଷ୍ଟିକୋଣରୁ ଆମେରିକାରେ ଆମର ଯେଉଁଠି ମଧ ଜମାତ୍ ପ୍ରତିଷ୍ଠା ହୋଇଛି, ସେଠାରେ ରାଜନୈତିଜ୍ଞଙ୍କ ଭଲ ଯୋଗାଯୋଗ ରହିଛି ଏବଂ ସେହି ଯୋଗାଯୋଗ ଓ ସୁସମ୍ପର୍କ ଆଗକୁ ଆଗକୁ ବଢ଼ିଚାଲିଛି । ହଜୁର୍ ଅନ୍ୱର୍ ଅ:ବ:ଅ ପୁଣି କହିଲେ ଆଜିକାଲି ଆପଣମାନଙ୍କ ନେତାମାନେ ଇଲେକ୍ସନ୍‌ରେ ଲିପ୍ତ ଅଛନ୍ତି । ଏବେ ଆଗକୁ ଦେଖିବାକୁ ଅଛି ଯେ ଏହାର କଣ ଫଳ ବାହାରିବ ।

ଏଥିରେ ପତ୍ରକାର ଜଣକ ପଚାରିଲେ ଯେ କଣ ଆପଣ ଇଲେକ୍ସନ୍‌କୁ ଫଲୋ କରୁଛନ୍ତି? ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ବହୁତ ଅଧିକ ତ ନୁହେଁ କିନ୍ତୁ ସେ ଯାହା ହେଉ ଅଳ୍ପ କିଛି ଜ୍ଞାନ ରହିଛି । ଆଜି ବୋଧହୁଏ ଆପଣଙ୍କ ପ୍ରେସିଡେଂଟ୍ ନିଜ କ୍ୟାମ୍ପେନିଙ୍ଗ୍ ସମ୍ବନ୍ଧୀୟ ଶେଷ ଅଭିଭାଷଣ ଦେବେ ।

ଜଣେ ପତ୍ରକାର ପଚାରିଲେ ଯେ ଆମେରିକା ବ୍ୟତୀତ ବାକି ଅନ୍ୟ ଦେଶଗୁଡିକରେ କଣ ଅହେମଦୀ ମାନଙ୍କ ଉପରେ ଅତ୍ୟାଚାର ହେଉଛି । ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ବିଲ୍‌କୁଲ୍ ଅତ୍ୟାଚାର କରାଯାଉଛି । ବିଶେଷ ରୂପେ ପାକିସ୍ତାନ୍‌ରେ ବହୁ ମାତ୍ରାରେ ଅତ୍ୟାଚାର କରାଯାଉଛି । ତେଣୁ ପାକିସ୍ତାନ୍‌ରୁ ଅହେମଦୀମାନଙ୍କର ଏକ ବହୁତ ବଡ ସଂଖ୍ୟା ଅନ୍ୟ ଦେଶମାନଙ୍କୁ ଦେଶାନ୍ତରିତ ହେଉଛନ୍ତି । ଏହାର ବଡ କାରଣ ହେଉଛି ପର୍ସିକ୍ୟୁସନ୍ । ପାକିସ୍ତାନ୍‌ରେ ଅହେମଦୀମାନଙ୍କ ବିରୋଧରେ ନିୟମିତ କାନୁନ୍ ରହିଛି । ତା ମୁତାବକ ଆମେ ନିଜ ଆସ୍ଥା ଓ ବିଶ୍ୱାସକୁ ପରିପ୍ରକାଶ କରିପାରିବୁ ନାହିଁ ନା ତା ଉପରେ ପରିଚାଳିତ ହୋଇପାରିବୁ ଓ ନା ତାର ତବ୍‌ଲିଗ୍ କରିପାରିବୁ । ପାକିସ୍ତାନ୍ ବ୍ୟତୀତ ଆହୁରି ମଧ କିଛି ଦେଶ ଅଛନ୍ତି ଯେଉଁଠାରେ ଅହେମଦୀମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । କିନ୍ତୁ ବିଶେଷ ରୂପେ ପାକିସ୍ତାନ୍‌ରେ ଅହେମଦୀମାନଙ୍କ ଜୀବନ ବହୁତ କଷ୍ଟଦାୟକ ରହିଛି ।

ଆଉଜଣେ ପତ୍ରକାର ପଚାରିଲେ ଯେ ଆପଣ Developing Country ଗୁଡିକରେ ଜନସେବା ମୂଳକ କାର୍ଯ୍ୟଗୁଡିକୁ କରୁଛନ୍ତି । ଆପଣଙ୍କର ଜମାତ୍ ଏହି ଦେଶଗୁଡିକରେ କିପରି ସାହାଯ୍ୟ କରୁଛନ୍ତି? ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଆଫ୍ରିକା ଦେଶରେ ବିଶେଷ ରୂପେ ପଶ୍ଚିମ ଆଫ୍ରିକାର ବହୁତ ଗୁଡିଏ ଦେଶରେ ଆମର ଡାକ୍ତରଖାନା ଗୁଡିକ ସେବାରତ ଓ ଆମେ ସେହି ଦେଶଗୁଡିକରେ ସ୍ୱାସ୍ଥ୍ୟ ସେବା ମୂଳକ ସେବା ଯୋଗାଇ ଦେଉଅଛୁ । ସେହି ସବୁ ଦେଶଗୁଡିକରେ ଆମର ସ୍କୁଲ ମଧ ପ୍ରତିଷ୍ଠା ହେଉଛି ଏବଂ ଆମେ ସେହି ପିଲାମାନଙ୍କୁ ମଧ ଶିକ୍ଷା ଦେଉଅଛୁ ଯେଉଁମାନେ ସ୍କୁଲ ପର୍ଯ୍ୟନ୍ତ ପହଂଚି ପାରୁନାହାଁନ୍ତି । ଆମ ସ୍କୁଲ ଅଧିକାଂଶ ଦୂରଦୂରାନ୍ତ ଇଲାକାରେ ପ୍ରତିଷ୍ଠା ହୋଇଛି । ଏତଦ୍‌ବ୍ୟତୀତ ଆହୁରି ମଧ ଅନେକ ପ୍ରୋଜେକ୍ଟ ମଧ ଚାଲୁ ରହିଛି ଯେପରି ପିଇବା ପାଇଁ ସଫା ପାଣିର ପ୍ରୋଜେକ୍ଟ । ଆଫ୍ରିକା ଦେଶଗୁଡିକରେ ପିଇବା ପାଇଁ ବିଶୁଦ୍ଧ ପାଣି ମିଳିବା ବହୁତ କଷ୍ଟକର କଥା । ଛୋଟ ଛୋଟ ପିଲାମାନଙ୍କର ନିଜ ମୁଣ୍ଡ ଉପରେ ବାଲ୍‌ଟି ରଖି ଦୁଇ ତିନି କି.ମି ରାସ୍ତା ପାଦରେ ଚାଲିଚାଲି ଯାଉଛନ୍ତି ଓ ପୋଖରୀରୁ ପାଣି ଭରି ଆଣୁଛନ୍ତି । ଯେଉଁ ପାଣି ମିଳୁଛି ତାହା ମଧ ମଇଳା ଓ ଗୋଳିଆ ପାଣି । ଯେତେବେଳେ ସେମାନଙ୍କ ଘର ବାହାରେ ପିଇବାର ସଫା ପାଣି ମିଳୁଛି ସେମାନେ ବହୁତ ଆନନ୍ଦ ପ୍ରକାଶ କରୁଛନ୍ତି । ଏଠାରେ ଯଦି ଆପଣଙ୍କୁ ମହଙ୍ଗାରୁ ମହଙ୍ଗା ଜିନିଷ ମିଳେ ତେବେ ଆପଣ ତାକୁ ପାଇ ବହୁତ ଖୁସି ହେବେ ଓ ଖୁସିରେ ନାଚିବେ । ଯେତେବେଳେ ଆଫ୍ରିକାର ସେହି ଲୋକମାନେ, ଯେଉଁମାନେ ମୂଳ ସୁବିଧାରୁ ବଂଚିତ ଅଟନ୍ତି, ଯେବେ ସେମାନଙ୍କୁ ପିଇବା ପାଇଁ ବିଶୁଦ୍ଧ ପାଣି ମିଳିଯାଏ ସେତେବେଳେ ସେମାନଙ୍କ ଚେହେରାରେ ଆନନ୍ଦକୁ ଦେଖିବା ଉପଯୋଗୀ ହୋଇଥାଏ । ସେତେବେଳେ ସେମାନଙ୍କର ମନୋଭାବ ଅବର୍ଣ୍ଣନୀୟ ହୋଇଥାଏ ।

ଜଣେ ପତ୍ରକାର ପଚାରିଲେ ଯେ ଅହେମଦୀ ମୁସଲ୍‌ମାନ୍ ଓ ଅନ୍ୟ ମୁସଲ୍‌ମାନମାନଙ୍କ ମଧରେ କଣ ତଫାତ୍ ରହିଛି? ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ରସୁଲେ କରିମ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ସବୁ ମୁସଲ୍‌ମାନ୍ ଏକଥା ଉପରେ ବିଶ୍ୱାସ ରଖୁଛନ୍ତି ଯେ ଶେଷ ଯୁଗରେ ଜଣେ ଏପରି ବ୍ୟକ୍ତି ପ୍ରକଟ ହେବେ ବା ତାଙ୍କ କଥାର ବ୍ୟାଖ୍ୟା ମୁତାବକ ଦୁଇଜଣ ପ୍ରକଟ ହେବେ । ସେମାନଙ୍କ ମଧରୁ ଜଣେ ହେବେ ମସିହ୍ ଓ ଆଉଜଣେ ହେବେ ମେହ୍‌ଦୀ । ଆମର ବିଶ୍ୱାସ ଯେ ଜମାତ୍ ଅହେମଦୀୟା ମୁସ୍‌ଲିମାର ପ୍ରତିଷ୍ଠାତା ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ ସେହି ପ୍ରତିଶ୍ରୁତ ବ୍ୟକ୍ତି ଥିଲେ ଏବଂ ଆପଣ ଆ:ସ ଏ ଦାବୀ କରିଛନ୍ତି ଯେ ଅଲ୍ଲାଃତାଲା ଆପଣଙ୍କ ଉପରେ ସ୍ୱର୍ଗବାଣୀ କରିଛନ୍ତି କି ଆପଣ ଆ:ସ ହେଉଛନ୍ତି ସେହି ପ୍ରତିଶ୍ରୁତ ବ୍ୟକ୍ତି ଯାହାଙ୍କ ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସ ଭବିଷ୍ୟବାଣୀ କରିଥିଲେ କି ସେହି ଆସିବାକୁ ଥିବା ବ୍ୟକ୍ତିଙ୍କ ସ୍ଥାନ ଓ ପଦମର୍ଯ୍ୟାଦା 'ନବୀ'ଙ୍କ ପରି ହେବ । ତେବେ ଅନ୍ୟ ବାକି ମୁସଲ୍‌ମାନ୍ ଫିର୍‌କାମାନେ କହୁଛନ୍ତି ଯେ ସେହି ବ୍ୟକ୍ତି ଏପର୍ଯ୍ୟନ୍ତ ପ୍ରକଟ ହୋଇନାହାଁନ୍ତି ଏବଂ ମସିହ୍ ଆକାଶରୁ ଅବତୀର୍ଣ୍ଣ ହେବେ ଓ ମେହ୍‌ଦୀଙ୍କ ପ୍ରକଟ ମୁସଲ୍‌ମାନ୍ ମାନଙ୍କ ମଧରୁ ହେବ ଓ ପୁଣି ଏହି ଦୁଇଜଣଯାକ ଏକାଠି ମିଶି ଇସ୍‌ଲାମ୍‌ର ପ୍ରଚାର ପ୍ରସାର କାର୍ଯ୍ୟ କରିବେ ।

ଅନ୍ୟ ମୁସଲମାନ ଫିର୍‌କାମାନେ କହୁଛନ୍ତି ଯେ ଅହେମଦୀମାନେ ନିଜ ଜମାତ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସଙ୍କୁ ନବୀ ମଣୁଛନ୍ତି । ଆମର ଉତର ଏହା ହୋଇଥାଏ ଯେ ଆମେ ନବୀ ବୋଲି ଜାଣୁ କାରଣ ଇସ୍‌ଲାମ୍‌ର ପୈଗମ୍ବର୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଏହି ଆସିବାକୁ ଥିବା ବ୍ୟକ୍ତିଙ୍କୁ ନବୀର ଉପାଧି ପ୍ରଦାନ କରିଛନ୍ତି । ସୁତରାଂ ସେମାନେ କହୁଛନ୍ତି ଯେ ଯଦି ଆମେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସଙ୍କୁ ନବୀ ଜାଣୁଛୁ ତେବେ ପୁଣି ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନବୁଓ୍ୱତ୍‌ର ମୋହରକୁ ଭାଙ୍ଗୁଅଛୁ ଯାହା ହେଉଛି ଖାତମୁନ୍ ନବୀଇନ୍ । ସେମାନେ କହୁଛନ୍ତି ଯେ ଅହେମଦୀମାନେ ପବିତ୍ର କୋରାନ୍‌ର ଶିକ୍ଷାକୁ ମାନୁନାହାଁନ୍ତି ଓ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଖାତମିୟତ୍ (ଅର୍ଥାତ୍ ମୋହର) ଉପରେ ଆକ୍ରମଣ କରୁଛନ୍ତି । କାରଣ ସେମାନେ ନିଜ ଜମାତ୍‌ର ପ୍ରତିଷ୍ଠାତାଙ୍କ ନବୁଓ୍ୱତ୍ ଉପରେ ଇମାନ୍ ରଖୁଛନ୍ତି । ଏହିପରି ସେମାନଙ୍କ ବୁଦ୍ଧି ମୁତାବକ ଅହେମଦୀମାନେ ହେଉଛନ୍ତି ମୁର୍‌ତଦ୍ (ଅର୍ଥାତ୍ ଧର୍ମଛଡା) ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅସମ୍ମାନ କରୁଛନ୍ତି । ତେଣୁ ଏମାନେ ପ୍ରତ୍ୟେକ ପ୍ରକାରର ଦଣ୍ଡ ପାଇବା ପାଇଁ ଯୋଗ୍ୟ । ଯେବେ କି ପବିତ୍ର କୋରାନ୍‌ରେ ତ ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦମର୍ଯ୍ୟାଦାକୁ ଅସମ୍ମାନ କରୁଥିବା ଲୋକମାନଙ୍କ ପାଇଁ ବା ଧର୍ମ ପରିତ୍ୟାଗ କରୁଥିବା ଲୋକମାନଙ୍କ ପାଇଁ କୌଣସି ଦଣ୍ଡ ଧାର୍ଯ୍ୟ କରାଯାଇନାହିଁ । ସୁତରାଂ ଏହି ସବୁ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

*ତାଲିବେ ଦୁଆ: Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

*ତାଲିବେ ଦୁଆ: Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

*ତାଲିବେ ଦୁଆ: Sharif-u-ddin Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

*ତାଲିବେ ଦୁଆ: Amiruddin Khan & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

*ତାଲିବେ ଦୁଆ: Anisha Begum, Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 12-19 Sep 2019 Issue No. 37-38

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

### ୩୧ ଅକ୍ଟୋବର ୨୦୧୮ (ବୁଧବାର)

### ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ରେ ଥିବା ପୁରୁଷ ମାନଙ୍କ ହଲ୍ ଭିତରେ ପ୍ରବେଶ କଲେ ଓ ପ୍ରୋଗ୍ରାମ୍ ମୁତାବକ ତକ୍‌ରିବେ ଆମିନ୍‌ର ଶୁଭାରମ୍ଭ ହେଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିମ୍ନଲିଖିତ ୨୬ଜଣ ପୁଅ ଓ ଝିଅମାନଙ୍କଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜ୍ ମଇଜ୍ ଅହେମଦ୍ ଖାନ୍, ଫାରାନ୍ ଅହେମଦ୍, ହସନ୍ ରଶିଦ୍, ସର୍ମଦ୍ ଅହେମଦ୍ ଓ୍ୱର୍କ୍, ଶାହ୍‌ନଓ୍ୱାଜ୍ ଅହେମଦ୍, ସର୍‌ମଦ୍ ଅହେମଦ୍, ଇବ୍ରାହିମ୍ ହମିଦ୍ କୁରୈଶି, ରକିମ୍ ଅହେମଦ୍ ସାହି, ଓ୍ୱାସେମଲ୍‌କ୍, ହସନ୍ ମୁହମ୍ମଦ୍ ଓ୍ୱାନି, ଫୈଜାନ୍ ଅହେମଦ୍ ଏବଂ Sarim Wildan Ahmad.

ଅଜିଜା ନୁରୁଲ୍ ଅଏନ୍ ନଇମ୍, ରୁବିନ୍ ଅହେମଦ୍ ଖାନ୍, ଅବିହା ହରିମ୍, ଆବିୟା ଉସ୍‌ମାନ୍, ଅତାଉଲ୍ ନୁର୍ ମଲକ୍, ସବିକା କାମ୍‌ରାନ୍ ଦେଓ, ଅୟାନ୍ ଅହେମଦ୍ କାଶାନ୍, ସମ୍‌ଅମ୍ ସଲିମ୍, ନାଜିଆ ଅହେମଦ୍, ରିୟାମ୍ ସୁଲ୍‌ତାନ୍ ଅହେମଦ୍, ସବାହା ଅହେମଦ୍, ହିବତୁଲ୍ ଇସ୍‌ଲାମ୍ ଶାହିଦ୍, ମାୟା ତାହିର୍ ଏବଂ ନସିମା ସାଆଦତ୍ ।

ତକ୍‌ରିବେ ଆମିନ୍ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମଗ୍‌ରିବ୍ ଏବଂ ଇସା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ୧ ନଭେମ୍ବର ୨୦୧୮ (ଗୁରୁବାର)

ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୬:୩୦ରେ ମସ୍‌ଜିଦ୍ ବଇତୁର୍ ରହେମାନ୍‌ରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି ଚିଠିପତ୍ର ଏବଂ ରିପୋର୍ଟ୍‌ସ୍ ଇତ୍ୟାଦି ନିରୀକ୍ଷଣ କଲେ ଓ ବିଭିନ୍ନ ପ୍ରକାରର ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଠିକ୍ ୨ଟା ବେଳେ ମସ୍‌ଜିଦ୍ ବଇତୁର୍ ରହେମାନ୍‌ରେ ପହଂଚି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ଫ୍ୟାମିଲି ସାକ୍ଷାତ୍‌କାର୍

ପ୍ରୋଗ୍ରାମ୍ ମୁତାବକ ଠିକ୍ ୬ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌ରେ ପଦାର୍ପଣ କଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତ୍‌କାର ଆରମ୍ଭ ହେଲା । ଆଜି ସନ୍ଧ୍ୟାବେଳର ଏହି ପ୍ରୋଗ୍ରାମ୍‌ରେ ୮୩ଟି ଫ୍ୟାମିଲିରୁ ୩୫୪ଜଣ ସଦସ୍ୟ ଏବଂ ଅନ୍ୟ ୧୮ଜଣ ସଦସ୍ୟ ଜଣ ଜଣ କରି ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ ।

ପ୍ରତ୍ୟେକ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ଓ ପ୍ରତ୍ୟେକ ବ୍ୟକ୍ତି ନିଜ ଆକାଙ୍କ ଠାରୁ ଆଶୀର୍ବାଦ ଲାଭ କଲେ, ଆତ୍ମସନ୍ତୋଷ ଲାଭ କଲେ ଏବଂ ପ୍ରତ୍ୟେକ ଦୁଆ ର ଭଣ୍ଡାରକୁ ଖୁସି ଖୁସି ଆନନ୍ଦିତ ହୋଇ ପ୍ରେମ ଓ ଭଲପାଇବାର ଅଶ୍ରୁ ସହିତ ବାହାରକୁ ଆସୁଥିଲେ । ଛୋଟ ହେଉ ବା ବଡ, ମହିଳା ହେଉ ବା ପୁରୁଷ ସମସ୍ତେ ସାକ୍ଷାତ୍‌କାର କରିବା ପରେ ଯେବେ ବାହାରକୁ ଆସୁଥିଲେ ସେତେବେଳେ ତାଙ୍କ ଆଖିରୁ ଅଶ୍ରୁ ବହି ପଡୁଥିଲା । ପ୍ରତ୍ୟେକ ଏକଥା ଜାଣିଥିଲେ ଯେ ଯେଉଁ ସମୟକୁ ଆମେ ଆମ ପ୍ରିୟ ଆକାଙ୍କ ସହିତ ବିତାଇଛୁ ତାହା ଆମକୁ ଆମ ଜୀବନରେ ସଫଳତା ଓ ଶାନ୍ତି ପ୍ରଦାନ କରିବାର କାରଣ ହେବ ।

ସାକ୍ଷାତ୍ କରିବାକୁ ଆସିଥିବା ଉକ୍ତ ଫ୍ୟାମିଲି ଗୁଡିକ ଆମେରିକାର ଜମାତ୍ ଗୁଡିକ ଅର୍ଥାତ୍ ଅଲ୍‌ବାନି, ବାଲ୍‌ଟିମୋର୍, ସେଂଟ୍ରାଲ୍ ଜର୍ସି, ସିକାଗୋ ଇଷ୍ଟ୍, ସେଲ୍ୟୁଲେଣ୍ଡ୍, ସାର୍‌ଲେଟ୍, ଚିକାଗୋ ନର୍ଥ୍ ଓ୍ୱେଷ୍ଟ୍, ଚିକାଗୋ ସାଉଥ୍ ଓ୍ୱେଷ୍ଟ୍, ଜର୍ଜିଆ, କେରୋଲିନା, ଲାରେଲ୍, ନର୍ଥ ଜର୍ସି, ସିଲିକନ୍ ଭ୍ୟାଲି, ସିଲ୍‌ଭର୍ ସ୍ପ୍ରିଙ୍ଗ୍, ସାଉଥ୍ ଭର୍ଜିନିଆ ଏବଂ ଫିଲାଡେଲ୍‌ଫିଆରୁ ଆସିଥିଲେ । କେତେକ ଫ୍ୟାମିଲି ବହୁତ ଲମ୍ବା ରାସ୍ତାକୁ ଅତିକ୍ରମ କରି ନିଜ ପ୍ରିୟ ଆକାଙ୍କୁ ସାକ୍ଷାତ୍ କରିବା ପାଇଁ ଏଠାରେ ପହଂଚିଥିଲେ । କେତେ ଫ୍ୟାମିଲି ୨୫୧୮ ମାଇଲ୍ ଲମ୍ବା ରାସ୍ତାକୁ ଜାହାଜ ଦ୍ୱାରା ୩ଘଂଟା ୪୫ ମିନିଟ୍ ସମୟ ବିନିଯୋଗ କରି ଏଠାରେ ଆସି ପହଁଚିଲେ ଓ କେତେକ ଜମାତ୍‌ରୁ ଲୋକମାନେ ଏବଂ ଫ୍ୟାମିଲି ଗୁଡିକ ଦଶ ଦଶ ଘଂଟାର ଯାତ୍ରା ସଡକ ପଥ ଦେଇ ଆସି ପହଂଚିଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ଛୋଟ ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

### ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିଥିବା ଲୋକମାନଙ୍କ ବିଶ୍ୱାସବର୍ଦ୍ଧକ ମନୋଭାବ ବ୍ୟକ୍ତ

ଜଣେ ବନ୍ଧୁ ସୟଦ୍ ସାଆଦ୍ ସାହେବ୍ ନିଜ ପତ୍ନୀଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ସାକ୍ଷାତ୍ କରିବା ପରେ ସେ ବର୍ଣ୍ଣନା କରୁଛନ୍ତି କି ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍‌କାର୍ ଦ୍ୱାରା ଆମକୁ ଅବର୍ଣ୍ଣନୀୟ ଆତ୍ମସନ୍ତୋଷ ଲାଭ ହୋଇଛି । ଆମେ ହଜୁର୍‌ଙ୍କ ଆଧ୍ୟାତ୍ମିକ ବିଭୁତିକୁ ଅନୁଭବ କରିପାରୁଛୁ । ହଜୁର୍ ଅନୁଓ୍ୱର୍ ମୋତେ ମୋ କାମ ସମ୍ବନ୍ଧରେ ପଚାରି ବୁଝିଲେ । ତାଙ୍କ ପତ୍ନୀ କହୁଛନ୍ତି କି ହଜୁର୍ ଅନୁଓ୍ୱର୍ ନିଜର ହସ୍ତକୁ ମୋ ମୁଣ୍ଡ ଉପରେ ରଖିଲେ ଓ ମୋତେ ଏପରି ଅନୁଭବ ହେଉଥିଲା ଯେପରି ହଜୁର୍ ଅନୁଓ୍ୱର୍‌ଙ୍କ ଅସ୍ତିତ୍ୱ ମୋ ସହିତ ମିଶିଯାଇଛି ।

ଆଉଜଣେ ବନ୍ଧୁ ମଲକ ତାହେର୍ ନଜିର୍ ଅହେମଦ୍ ସାହେବ୍ ବର୍ଣ୍ଣନା କରୁଛନ୍ତି କି ମୁଁ ମୋ ଫ୍ୟାମିଲିକୁ ବହୁତ ହିଁ ସୌଭାଗ୍ୟଶାଳୀ ଭାବୁଛି ଯେ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆମକୁ ଅବସର ମିଳିଲା । ଏହି ସାକ୍ଷାତ୍‌କାର ମୋ ଉପରେ ବହୁତ ଗଭୀର ପ୍ରଭାବ ପକାଇଛି ।

ମଲକ୍ ଜଲିଲୁଲ୍ ରହେମାନ୍ ସାହେବ୍ ଯାହାଙ୍କ ସମ୍ବନ୍ଧ ସେଂଟ୍ରାଲ୍ ଭର୍ଜିନିଆ ଜମାତ୍ ସହିତ ରହିଛି, ସେ ବର୍ଣ୍ଣନା କରୁଛନ୍ତି କି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଆମ ସହିତ ଏଭଳି ପ୍ରେମ ଓ ସ୍ନେହର ସହିତ ମିଳୁଛନ୍ତି ଯେମିତି ହଜୁର୍ ହେଉଛନ୍ତି ଆମ ପିଲାଦିନର ବନ୍ଧୁ । ହଜୁର୍ ଅନୁଓ୍ୱର୍‌ଙ୍କ ହସ ହସ ଚେହେରା ଆମ ମନକୁ ଏକ୍‌ଦମ୍ ଆଲୋକିତ କରିଦେଉଛି ।

ତୌକିର ନୁମାନ୍ ସାହେବ୍ ନିଜ ପତ୍ନୀଙ୍କ ସହିତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସଙ୍ଗେ ସାକ୍ଷାତ୍ କଲେ । ସେ କହୁଛନ୍ତି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଆମ ସାକ୍ଷାତ୍‌କାର୍ ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ ଓ ଆନନ୍ଦପୂର୍ଣ୍ଣ ପରିବେଶରେ ହେଲା । ହଜୁର୍ ଅନୁଓ୍ୱର୍ ଆମ ଦୁଇଜଣଙ୍କୁ ଆମ ପାଠପଢ଼ା ସମ୍ବନ୍ଧରେ ପଚାରିବାରେ ମୁଁ ବତାଇଲି ଯେ ମୁଁ ମାଷ୍ଟର ଡ଼ିଗ୍ରୀ କରୁଅଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମଜାଳିଆ ଢ଼ଙ୍ଗରେ କହିଲେ ଯେ ଆପଣ ଦୁଇଜଣଙ୍କ ମଧ୍ୟରୁ କିଏ ଅଧିକ ରୋଜଗାର କରୁଛି ।

ଫରଖନ୍ଦା ଅହେମଦ୍ ସାହିବା ବର୍ଣ୍ଣନା କରୁଛନ୍ତି ଯେ ମୁଁ ୧୯୯୨ ମସିହାରେ ବୟତ୍ କରିଥିଲି । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଏହା ମୋର ପ୍ରଥମ ସାକ୍ଷାତ୍‌କାର ଥିଲା । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହି, ପ୍ରକୃତ ସହାନୁଭୂତିଶୀଳ ଏବଂ ଆଧ୍ୟାତ୍ମିକ ବାପା ଅଟନ୍ତି । ହଜୁର୍ ମୋ ଠାରୁ ମୋର ସ୍ୱାସ୍ଥ୍ୟ ସମ୍ବନ୍ଧରେ ପଚାରି ବୁଝିଲେ । ମୁଁ କ୍ୟାନ୍‌ସରୁ ରୋଗରୁ ଆରୋଗ୍ୟ ଲାଭ କରିଛି । ହଜୁର୍ ଅନୁଓ୍ୱର୍ ମୋତେ ଏହି ରୋଗ ଯୋଗୁ "ସଜ୍ଜିବୁଟି" ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେଲେ । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଏହି ସାକ୍ଷାତ୍‌କାର୍ ବହୁତ ସୁନ୍ଦର ଏବଂ ଅଭୁଲା ସାକ୍ଷାତ୍‌କାର ଅଟେ ।

ଜିଶାନ୍ ଜିୟାଅ ସାହେବ୍ ନିଜ ଫ୍ୟାମିଲି ସହିତ ସେଂଟ୍ରାଲ୍ ଭର୍ଜିନିଆରୁ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ସେ ବର୍ଣ୍ଣନା କରୁଛନ୍ତି ଯେ ହଜୁର୍ ଅନୁଓ୍ୱର୍ ମୋ ଠାରୁ ମୋ ବ୍ୟବସାୟ ସମ୍ବନ୍ଧରେ ପଚାରି ବୁଝିଲେ ଏବଂ ମୋତେ ଉପଦେଶ ଦେଲେ ଯେ ସମସ୍ତ ବ୍ୟବସାୟ ସମ୍ବନ୍ଧିତ ମାମଲା ଗୁଡିକୁ ଲେଖି ରଖନ୍ତୁ । ହଜୁର୍ ଅନୁଓ୍ୱର୍ ମୋ ପତ୍ନୀକୁ ଉପଦେଶ ଦେଲେ ଯେ ଯଦି ଅସୁବିଧା ଅଛି ତେବେ "ଖର୍ଚ୍ଚ କମ୍ କର" । ତାଙ୍କ ପତ୍ନୀ କହୁଛନ୍ତି ଯେ ହଜୁର୍ ଅନୁଓ୍ୱର୍‌ଙ୍କ ଚେହେରାରେ ଏକ ପ୍ରକାର ଜ୍ୟୋତି ହିଁ ଜ୍ୟୋତି ବିରାଜମାନ ଥିଲା ।

ମନ୍‌ସୁର୍ ଅହେମଦ୍ ସାହେବ୍ ନିଜ ଫ୍ୟାମିଲି ସହିତ ସେଂଟ୍ରାଲ୍ ଭର୍ଜିନିଆରୁ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ସେ କହୁଛନ୍ତି କି ମୁଁ ଯେତେ ମଧ୍ୟ ଖୁଦାତାଲାଙ୍କୁ ଧନ୍ୟବାଦ ଅର୍ପଣ କରିବି ତାହା କମ୍ ହେବ ଅର୍ଥାତ୍ ମୋତେ ଖଲିଫତୁଲ୍ ମସିହ୍‌ଙ୍କ ଦର୍ଶନ କରିବା ପାଇଁ ସୌଭାଗ୍ୟ ମିଳିଲା । ମୁଁ ହେଉଛି ଜଣେ ଟ୍ରକ୍ ଡ୍ରାଇଭର୍ । ହଜୁର୍ ଅନୁଓ୍ୱର୍ ମୋ ଠାରୁ ମୋ ପେଶା ସମ୍ବନ୍ଧରେ ପଚାରି ବୁଝିଲେ । ହଜୁର୍ ଅନୁଓ୍ୱର୍ ମୋତେ ସିଗାରେଟ୍ ପିଇବା ଛାଡିବା ପାଇଁ ଉପଦେଶ ଦେଲେ ।

ଆଉଜଣେ ବନ୍ଧୁ କାଜି ମୁହମ୍ମଦ୍ ଅକ୍‌ବର୍ ସାହେବ୍‌ଙ୍କ ସ୍ତ୍ରୀ ବର୍ଣ୍ଣନା କରିଛନ୍ତି ଯେ ହଜୁର୍ ଅନୁଓ୍ୱର୍ ମୋତେ ପଚାରିଲେ ଯେ କଣ ଆପଣ ନିଜ ସ୍ୱାମୀକୁ ଏଠାକୁ ଡାକିବା ପାଇଁ ସ୍ପନ୍‌ସର୍ କରିଥିଲେ । ମୁଁ ଉତରରେ କହିଲି ଆଜ୍ଞା ହଜୁର୍ ! ମୁଁ ହିଁ ତାଙ୍କୁ ଏଠାକୁ ନେଇ ଆସିଥିଲି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମଜାଳିଆ ଢ଼ଙ୍ଗରେ କହିଲେ ତାହାଲେ ଆପଣ ହେଉଛନ୍ତି ତାଙ୍କ ଭିଜା । ତାଙ୍କ ସ୍ୱଶୁର କାଜି ମୁହମ୍ମଦ୍ ଅସ୍‌ଲମ୍ ସାହେବ୍ ପାକିସ୍ତାନ୍‌ରୁ ହଜୁର୍ ଅନୁଓ୍ୱର୍‌ଙ୍କ ପାଇଁ ଆମେରିକା ଆସିଥିଲେ ସେ କହିଲେ ଯେ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ଦରଖାସ୍ତ କରିଥିଲି ଯେ ମୁଁ ଗୋଟିଏ ଫଟୋ ଅଲଗା ମଧ୍ୟ ଉଠାଇବାକୁ ଚାହୁଁଛି । ଏଥିରେ ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ମୋ ଦରଖାସ୍ତକୁ ଗ୍ରହଣ କଲେ ।

ଆମେରିକାର ଜମାତ୍ ଗୁଡିକ ବ୍ୟତୀତ ଦ୍ୱୀପଦେଶ ଗୁଡିକ ମଧ୍ୟରୁ ପୋର୍ଟୋରିକୋରୁ ଆସିଥିବା ନୌମୁବାଇନ୍‌ଙ୍କ ଓ୍ୱଫଦ୍ ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ପୋର୍ଟୋରିକୋରୁ ନିମ୍ନଲିଖିତ ନୌମୁବାଇନ୍ ସଦସ୍ୟମାନେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସି ଏଠାରେ ପହଂଚିଥିଲେ । Miguel Caliz ସାହେବ୍, Luis Perez ସାହେବ୍, Bernardo Beleno ସାହେବ୍ ଏବଂ Alejnadro Ismael Ali ସାହେବ୍ । ଏହି ସମସ୍ତ ସଦସ୍ୟଗଣ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ପ୍ରଥମଥର ପାଇଁ ସାକ୍ଷାତ୍ କରୁଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ସମସ୍ତ ନୌମୁବାଇନ୍‌ଙ୍କୁ ପଚାରିଲେ ଯେ ଅହେମଦୀୟତ୍ ପୂର୍ବରୁ ସେମାନଙ୍କର କଣ

*ଅବଶିଷ୍ଟାଂଶ ପୃଷ୍ଠା- ୧୩ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**